

ପରଲୋକରେ ହ୍ୟୁମାନ ସାଗର

ପୃଷ୍ଠା ୩ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-142 TUESDAY 18 NOVEMBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୪୨ ମଙ୍ଗଳବାର ୧୮ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦







ମଦିନା ଦୁର୍ଘଟଣାରେ ୪୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ସାମିଲ ଥିଲେ। ହାଇଦରାବାଦର ବିମାନ ବନ୍ଦରରେ ନଭେମ୍ବର ୯ରେ ମକ୍କା ଯିବା ପୂର୍ବରୁ ଏହି ପରିବାରର ସଦସ୍ୟଙ୍କୁ ନିକଟ ସମ୍ପର୍କୀୟ ବିଦାୟ ଦେଉଛନ୍ତି। ଦୁର୍ଘଟଣା ସ୍ଥଳୀର ଦୃଶ୍ୟ (ବାମ)।

## ଡ୍ରଗ୍ସ ବୋଟ୍ ଉପରେ ଆକ୍ରମଣ, ୩ ମୃତ, ୭୫ ଦିନରେ ୮୩

ୱାସିଂଟନ, ୧୭ ।୧୧(ଏଜେନ୍ସି): ଆମେରିକା ଶନିବାର ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି। ଏଥିରେ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏ ନେଇ ରବିବାର ଆମେରିକା ସେନା ତରଫରୁ ସୂଚନା ଦିଆଯାଇଛି। ଗତ ସେପ୍ଟେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଆମେରିକା ସେନା ଡ୍ରଗ୍ସ ନୌକା ଉପରେ ୨୧ତମ ଆକ୍ରମଣ କରିଛି। ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୮୩ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି। ଆମେରିକାରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ଯୋଗାଣକୁ ବନ୍ଦ କରିବା ପାଇଁ ନିହାତି ଜରୁରୀ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି। ଏହାକୁ ମଧ୍ୟ ନ୍ୟାୟ ବିଭାଗ ଉଚିତ୍ ପଦକ୍ଷେପ ବୋଲି ଦର୍ଶାଇଛି। ତେଣୁ ଏହି ଆକ୍ରମଣରେ ସାମିଲଥିବା ଆମେରିକା ସୈନିକଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଆମେରିକା ସେନା ଏହି ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି। ଟ୍ରମ୍ପ କହିଛନ୍ତି ଯେ, ମୋ ନିର୍ଦ୍ଦେଶରେ ଆମେରିକା ସେନା ଡ୍ରଗ୍ସ ଚୋରାଚାଲାଣ କରୁଥିବା ନାର୍କୋ ଟେରରିଷ୍ଟ ଉପରେ ଆକ୍ରମଣ କରିଛି। ଏମାନେ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ନେଇ ଯାଉଥିଲେ। ପୂର୍ବରୁ ଗତ ନଭେମ୍ବର ୧୦ରେ ଆମେରିକା ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ସନ୍ଦିଗ୍ଧ ନୌକା ଉପରେ ସମାନ କାରଣ ପାଇଁ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ।

ନକଲି ପାନ୍‌କାର୍ଡ ମାମଲରେ ରାମପୁର କୋର୍ଟଙ୍କ ରାୟ

## ଆଜମ ଖାନ, ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

ରାମପୁର, ୧୭ ।୧୧(ଏଜେନ୍ସି): ସମାଜବାଦୀ ପାର୍ଟି ବରିଷ୍ଠ ନେତା ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ପୁଣିଥରେ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ସୋମବାର ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୁହିଁଙ୍କୁ ନକଲି ପାନ୍‌କାର୍ଡ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡ ଶୁଣାଇଛନ୍ତି। ଉଭୟଙ୍କ ଉପରେ ୫୦ ହଜାର ଟଙ୍କାର



ଜରିମାନା ଧାର୍ଯ୍ୟ କରାଯାଇଛି। କୋର୍ଟ ରାୟ ଦେବା ପରେ ପୁଲିସ ଦୁଇଜଣଙ୍କୁ କୋର୍ଟ ରୁମ୍‌ରୁ ନିଜ ହେପାଜତକୁ ନେବା ସହ ପୁଣି ଜେଲ୍‌କୁ ପଠାଇଛି। ଦୁଇମାସ ତଳେ ସେପ୍ଟେମ୍ବର ୨୩ରେ ଆଜମ ସୀତାପୁର ଜେଲ୍‌ରୁ ଛାଡ଼ପାଇ ବାହାରକୁ ଆସିଥିଲେ। ଅବଦୁଲ୍ଲା ହରଦୋଇ ଜେଲ୍‌ରୁ ୯ ମାସ ତଳେ ଛାଡ଼ ପାଇଥିଲେ। ଏବେ ଦୁଇଜଣ ଜେଲକୁ ଫେରିଛନ୍ତି। ୨୦୧୯ରେ ଏହି ନକଲି ପାନ୍ କାର୍ଡ ମାମଲା ଦାଏର କରାଯାଇଥିଲା। ବିଜେପି ନେତା ଆକାଶ ସାକସେନା ସିଭିଲ ଲାଇନ୍ସ ଥାନାରେ ଏହି ମାମଲା ରୁଜୁ କରିଥିଲେ। ଆଜମ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ସହ ଦୁଇଟି ପାନ୍ କାର୍ଡ ବେଆଇନ ଭାବେ ଉପଲବ୍ଧ କରାଇବାରେ ସହାୟତା ପ୍ରଦାନ କରିଥିଲେ। ନିର୍ବାଚନ ଲଢ଼ିବା ପାଇଁ ଏହି ବେଆଇନ କାର୍ଯ୍ୟ ହୋଇଥିଲା ବୋଲି ରାମପୁର କୋର୍ଟ ହୃଦୟଙ୍ଗମ କରିବା ପରେ ଏହି ରାୟ ପ୍ରଦାନ କରିଛନ୍ତି।

## କଙ୍ଗୋ ଖଣିରେ ଦୁର୍ଘଟଣା, ୮୦ ମୃତ

କିନ୍‌ଶାସା, ୧୭ ।୧୧(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ଖଣିରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଶନିବାର ଏକ ଖଣି ଧସିବା ଫଳରେ ୮୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଅବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ଲଆଲାବା ପ୍ରଦେଶର ମୁଲୋଣ୍ଡୋର କାଲାଣ୍ଡୋ ଖଣିରେ ଘଟିଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ଏହି ଖଣିକୁ ଯିବା ପାଇଁ ବାରଣ କରାଯାଇଥିଲା। ଏହା ସତ୍ତ୍ୱେ ବେଆଇନ ଖଣି ଖନନ କରୁଥିବା ଲୋକେ ଜବରଦସ୍ତି ସେଠାକୁ ଯାଇଥିଲେ। ଖଣିରେ ମାଇନିଂ କରୁଥିବା ଲୋକେ ସୈନିକଙ୍କ ଫାୟାରିଂରେ ଆତଙ୍କିତ ହୋଇ ଖଣିର ଉପରେ ଥିବା ପୋଲ ଉପରକୁ ଦୌଡ଼ିଥିଲେ। ଫଳରେ ପୋଲ ଭୁଶୁଡି ପଡ଼ିଥିଲା। ଘଟଣାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ଅଚାନକ ଏକ ଖଣିର ଏକ ଅଂଶ ଧସିବା ଫଳରେ ବହୁ ଲୋକ ଦବି ଯାଇଥିଲେ। ବହୁ ଲୋକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପରସ୍ପର ଉପରେ ଚଢ଼ି ଯାଇଥିଲେ। ଫଳରେ ବହୁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା ବୋଲି କୁହାଯାଇଛି।

# ବିହାର: ମନ୍ତ୍ରୀପଦ ପାଇଁ କସରତ

## ବିଜେପିରୁ ୧୬, ଜେଡିୟୁରୁ ୧୫ ଜଣ ହୋଇପାନ୍ତି ମନ୍ତ୍ରୀ



ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ଭେଟି ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଛନ୍ତି। ଆଜି ନୀତୀଶଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ ବୈଠକ ହୋଇଥିଲା। ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତାକାଲି ବିଜେପି ଓ ଜେଡିୟୁର ମିଳିତ ବିଧାୟକ ଦଳ ବୈଠକ ଡକାଯାଇଛି। ଏଥିରେ ଏନ୍‌ଡିଏର ବିଧାୟକ ଦଳର ନେତା ନିର୍ବାଚିତ କରାଯିବ। ଏହାପରେ ଯାଇ ନୂଆ ସରକାର ଗଠନ କରିବା ଲାଗି ଦାବି ଉପସ୍ଥାପନ କରାଯିବ। ନଭେମ୍ବର ୨୦ରେ ପାଟନା ଗାନ୍ଧୀ ମଇଦାନରେ ନୀତୀଶ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଇତିମଧ୍ୟରେ ମନ୍ତ୍ରୀ ତାଲିକାକୁ ନେଇ କସରତ ଆରମ୍ଭ ହୋଇଛି। କେଉଁ ଦଳରୁ କେତେ ଜଣ ମନ୍ତ୍ରୀ ହେବେ ତାହାକୁ ନେଇ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ନୂଆ କ୍ୟାବିନେଟ୍‌ରେ ୩୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ ରାମ ମାଞ୍ଜି କହିଛନ୍ତି। ନବଗଠିତ ମନ୍ତ୍ରିମଣ୍ଡଳରେ ବିଜେପିର ୧୬, ଜେଡିୟୁର ୧୫, ଚିରାଗ ପାଶୱାଙ୍କ ଏଲ୍‌ଜେପି (ଆର୍), ଏଚ୍‌ଏମ୍ ଓ ଆରଏଲ୍‌ଏସ୍‌ପିର ଜଣେ ଲେଖାଏ ମନ୍ତ୍ରୀ ସାମିଲ ହେବେ। ତେବେ ୧୯ଟି ଆସନ ଜିତିଥିବା ଚିରାଗ ପାଶ୍ୱାନଙ୍କ ଏଲଜେପି ନୂଆ ସରକାରରେ ଆଉ ଗୋଟିଏ ମନ୍ତ୍ରୀ ପଦ ପାଇଁ ଦାବି କରିଛି। ଏପରିକି ଏହି ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ମଧ୍ୟ ପାଶ୍ୱାନ ଦାବି କରିଥିବା ଜଣାପଡ଼ିଛି।

■ ଅଧିକ ମନ୍ତ୍ରୀପଦ ପାଇଁ ଚିରାଗ ପାଶ୍ୱାନଙ୍କ ଦାବି

ଜେଡିୟୁ ଏହାର ମନ୍ତ୍ରୀ ତାଲିକାରେ ଅଦଳବଦଳ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବିଜେପି ଏହାର ପୁରୁଣା ମନ୍ତ୍ରୀଙ୍କୁ ବଜାୟ ରଖିବାର ସମ୍ଭାବନା ରହିଛି। ତଥାପି କିଛି ପରିବର୍ତ୍ତନ ହୋଇପାରେ। ତେଣୁ ନୂଆ ସରକାରରେ ମନ୍ତ୍ରୀ ପଦ ପାଇବା ଲାଗି ଅନେକ ଆଶାୟୀ ଲବି କରିବା ଆରମ୍ଭ କରିଦେଇଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୨୨ରେ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ନିର୍ବାଚନ କମିସନ ଇତିମଧ୍ୟରେ ବିଧାନସଭା ନିର୍ବାଚନାରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜଭବନକୁ ପ୍ରଦାନ କରିଛନ୍ତି। ନିର୍ବାଚନରେ ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୨୦୨ଟିରେ ବିଜୟୀ ହୋଇଛି। ଏଥିରେ ବିଜେପି ୮୯, ଜେଡିୟୁ ୮୫, ଏଲ୍‌ଜେପି ୧୯, ଏଚ୍‌ଏମ୍‌ର ୫, ଆରଏଲ୍‌ଏମ୍‌ର ୪ ଆସନରେ ବିଜୟୀ ହୋଇଛନ୍ତି।

## 'ଅପରେସନ ସିନ୍ଦୂର ୮୮ ଘଣ୍ଟାର ଟ୍ରେଲର ଥିଲା'

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନ ବିରୋଧରେ ଗ୍ରହଣ କରାଯାଇଥିବା 'ଅପରେସନ ସିନ୍ଦୂର' ନେଇ ପୁଣି ଥରେ ମନ୍ତବ୍ୟ ଦେଇଛନ୍ତି। ଏହା ୮୮ ଘଣ୍ଟାର ଏକ ଟ୍ରେଲର ମାତ୍ର ଥିଲା। ଯଦି ପୁଣିଥରେ ପାକିସ୍ତାନ ସୁଯୋଗ ଦେବ ତେବେ, କଡ଼ା ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଏକ ଦାୟିତ୍ୱ ସମ୍ପନ୍ନ ଦେଶ କିପରି ପଡୋଶୀ ଦେଶ ପ୍ରତି ଆଚରଣ ପ୍ରଦର୍ଶନ କରେ ତାହା ଦେଖାଇବାକୁ ଆମେ ପଛକୁ ହଟିବୁ ନାହୁଁ ବୋଲି ସେ ଦିଲ୍ଲୀରେ ଆୟୋଜିତ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି କଥା କହିଛନ୍ତି। ଭାରତ ସବୁବେଳେ ପ୍ରଗତି ଓ ଉନ୍ନତିର କଥା କହିଥାଏ। ଖାସ୍ ଏଥିପାଇଁ ଯେଉଁ ଲୋକ ଆତଙ୍କବାଦ କଥା କହୁଛନ୍ତି ଓ ଏହାର ପଚାର ପ୍ରସାର କରୁଛନ୍ତି ସେମାନଙ୍କୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଭାରତୀୟ ସେନା ଭବିଷ୍ୟତକୁ ମାଟି ସହିତ ସାମିଲ କରି ଦେଖିଥାଏ। ଆମେ ୫ଟି ପୀଢ଼ିର ୱାରଫେୟାରରେ ଲଢ଼ିଆସିଛୁ ଓ ସେନା ସେହି ଅନୁସାରେ ନିଜର ପରିବର୍ତ୍ତନ କରିଆସିଛି। ପ୍ରଥମେ ଯୁଦ୍ଧର ନିଷ୍ପତ୍ତି ନେବା ପାଇଁ ବହୁ ଦିନ ଲାଗୁଥିଲା। କିନ୍ତୁ ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଯଦି ଯୁଦ୍ଧ ୪୮ ଘଣ୍ଟା ମଧ୍ୟରେ ଲଢ଼ିବାକୁ ହୁଏ, ତେବେ ଦେଶର ସବୁ ସାମର୍ଥ୍ୟ ଓ ଶକ୍ତି




■ ପୁଣି ସୁଯୋଗ ଦେଲେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ


■ ଆତଙ୍କ ସୃଷ୍ଟି କରୁଥିବା ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। କୌଣସି ଭୁଲ କଲେ, ଭାରତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଯଦି କୌଣସି ଶତ୍ରୁ ଦେଶ ଚିନ୍ତା କରେ, ତାହାହିଁ ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ବୋଲି ସେ କହିଛନ୍ତି। ଏବେ ଭାରତର ପ୍ରତିରକ୍ଷା କ୍ଷମତା ବହୁତ ମଜଭୂତ ହୋଇପାରିଛି। ଫଳରେ ପ୍ରତିପକ୍ଷ ତଥା ଶତ୍ରୁଦେଶ ଏବେ ଆମର ଆଭିମୁଖ୍ୟକୁ ଗମ୍ଭୀରତା ସହ ବିଚାର କରୁଛି। ଭାରତର ନୀତି ସଦାବେଳେ ସ୍ପଷ୍ଟ ରହିଛି। ପାଣି ଓ ରକ୍ତ ଏକା ସଙ୍ଗେ ପ୍ରବାହିତ ହେବ ନାହିଁ। ଆତଙ୍କବାଦ ଓ ଆଲୋଚନା ଏକାସାଥିରେ ହୋଇପାରିବ ନାହିଁ। କୂଟନୀତି ତଥା ଡିପ୍ଲୋମାସିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଓ ଚୀନ୍ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ହୋଇଛି। ଏବେ ଲୋକେ ଜମ୍ମୁ-କାଶ୍ମୀର ଯିବାକୁ ଚାହୁଁଛନ୍ତି। ସେନା ଏବେ ଦ୍ରୁତ ପରିବର୍ତ୍ତନ ଓ ଉନ୍ନତି ଦିଗରେ କାର୍ଯ୍ୟକରୁଛି। ଆଧୁନିକ ଯୁଦ୍ଧର ରୂପରେଖ ଏବେ ବଦଳୁଛି। ଏବେ ଯୁଦ୍ଧ କେବଳ ଆକାଶ, ମାଟି ଓ ସମୁଦ୍ରରେ ସୀମିତ ହୋଇ ରହିନାହିଁ। ଏହା ଏବେ ସାଇବର, ସ୍ପେଶ, ଇନଫର୍ମେଶନ ୱାରିୟର, ଇଲେକଟ୍ରୋମାଗ୍ନେଟିକ୍ସ ସ୍ପେକ୍ଟ୍ରମ, କଗ୍‌ନିଟିଭ ୱାରଫେୟାର ସହିତ ଜଡିତ ହେଲାଣି। ତେଣୁ ଏବେ ଦୁଇଟି ସୀମା ଓ ଅଭ୍ୟନ୍ତରଣ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେଉଛି। ପ୍ରତିରକ୍ଷା ବଜେଟରେ ବୃଦ୍ଧି ଜରୁରୀ ହୋଇଥିବା ବେଳେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଏସ୍‌ଆଇଆର୍ ଚାପ: ରାଜସ୍ଥାନ, କେରଳରେ ୨ ବିଏଲ୍‌ଓଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ରାଜସ୍ଥାନ ଓ କେରଳରେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ସାମିଲ ଥିବା ଦୁଇଜଣ ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି। କାମ କରିବାର ଚାପକୁ ନିୟନ୍ତ୍ରଣ କରିନପାରି ଦୁହେଁ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ସେମାନଙ୍କ ପରିବାର ସଦସ୍ୟ କହିଛନ୍ତି। କେରଳର କନ୍ନୁର ଜିଲ୍ଲାର ଜଣେ ସରକାରୀ ସ୍କୁଲର କର୍ମଚାରୀ ୪୪ ବର୍ଷୀୟ ଅନିଶ ଜର୍ଜ ରବିବାର ଫାସି ଦେଇ ଆତ୍ମହତ୍ୟା କରିଛନ୍ତି। ନିର୍ବାଚନ ପାଇଁ ତାଙ୍କୁ ବିଏଲ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ରାଜସ୍ଥାନର ଜୟପୁରର ୪୮ ବର୍ଷୀୟ ମୁକେଶ କୁମାର ଜାଙ୍ଗିଡ୍ ଏସ୍‌ଆଇଆର ପ୍ରକ୍ରିୟାରେ କାର୍ଯ୍ୟର ଚାପ ପାଇଁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୁକେଶ କଲୱାଡାର ଧରମପୁରାରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ପକେଟରୁ ଏକ ସୁସାଇଡ୍ ନୋଟ୍ ଉଦ୍ଧାର କରାଯାଇଛି। ଉପରସ୍ତରର ଅଧିକାରୀମାନେ ତାଙ୍କୁ ହଇରାଣ ଓ ଅପମାନିତ କରିବା ସହ ସସ୍‌ପେଣ୍ଡ କରିବାକୁ ଧମକ ଦେଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ସେପଟେ କୋଲକାତାରେ ମଧ୍ୟ ଜଣେ





ବିଏଲ୍‌ଓ ଅସୁସ୍ଥତା କରାଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏସ୍‌ଆଇଆର କାର୍ଯ୍ୟ କରିବା ପାଇଁ ତାଙ୍କ ଉପରେ ବହୁତ ଚାପ ଥିଲା ବୋଲି ତାଙ୍କ ପତ୍ନୀ କହିଛନ୍ତି।

## ତେଜସ୍ୱୀ ବିରୋଧୀ ଦଳ ନେତା ନିର୍ବାଚିତ

ପାଟଣା, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସୋମବାର ରାଷ୍ଟ୍ରୀୟ ଜନତା ଦଳର (ଆରଜେଡି)ର ପ୍ରଥମ ସମୀକ୍ଷା ବୈଠକ ବସିଥିଲା। ଏଥିରେ ତେଜସ୍ୱୀ ଯାଦବଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। ଏହି ବୈଠକରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡୀ ଦେବୀ, ଆରଜେଡି ସାଂସଦ ମିସା ଭାରତୀ, ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ସିଂ, ବାହୁବଳୀ ସୁରଜ ଭାନ ସିଂଙ୍କ ସମେତ ଆରଜେଡିର ଏକାଧିକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ମାତ୍ର ୨ଟି ଆସନ ଅନ୍ତର କାରଣରୁ ତେଜସ୍ୱୀଙ୍କ ବିରୋଧୀ ଦଳ ନେତା ପଦ ସୁରକ୍ଷିତ ହୋଇଛି। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ମୁଖ୍ୟ ବରୋଧୀ ଦଳର ମାନ୍ୟତା ପାଇବା ପାଇଁ ଯେକୌଣସି ପାର୍ଟିକୁ ୧୦ ପ୍ରତିଶତ ଅର୍ଥାତ ୨୪ଟି ଆସନରେ ବିଜୟୀ ହେବା ଜରୁରୀ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ରକୁ ଦାୟୀ କଲେ ମେହବୁବା

ଶ୍ରୀନଗର, ୧୭ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ପ୍ରମୁଖ ରାଜନୈତିକ ଦଳ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି। କଶ୍ମୀର ପ୍ରସଙ୍ଗ ଏବେ ଦିଲ୍ଲୀ ଲାଲ୍‌କିଲ୍ଲାରେ ପ୍ରତିଧ୍ୱନିତ ହୋଇଛି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷା ଓ ଜମ୍ମୁ-କଶ୍ମୀର ବ୍ୟାପାରରେ କେନ୍ଦ୍ର ସରକାରଙ୍କ ବିଫଳ ନୀତି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। କଶ୍ମୀରରେ ସବୁକିଛି ଠିକ୍ ଅଛି ବୋଲି କେନ୍ଦ୍ର ସରକାର ସାରା ବିଶ୍ୱକୁ ଅବଗତ କରାଉଛନ୍ତି। କିନ୍ତୁ କଶ୍ମୀର ସମସ୍ୟା ଏବେ ଲାଲ୍‌କିଲ୍ଲାରେ ମଧ୍ୟ ପହଞ୍ଚିଛି। ଜମ୍ମୁ-କଶ୍ମୀର ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଭୁଲ ନୀତି କାରଣରୁ ଦେଶର ରାଜଧାନୀ ଦିଲ୍ଲୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଯଦି ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଦେହରେ ଆରଡିଏକ୍ସ ବାନ୍ଧି ନିଜକୁ ଓ ଅନ୍ୟକୁ ହତ୍ୟା କରୁଛି, ତାହାଲେ ଦେଶ ଆଦୌ ସୁରକ୍ଷିତ ନାହିଁ। କେନ୍ଦ୍ର ସରକାରଙ୍କ କଶ୍ମୀର ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହେବା ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି।

## 'ଡି-୬' ଆକ୍ରମଣ ଯୋଜନା କରିଥିଲା ଜୈସ ଆତଙ୍କୀ

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲା ଆତଙ୍କବାଦୀ ବିସ୍ଫୋରଣ ନେଇ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସିଛି। ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଜୈସ-ଇ-ମହମ୍ମଦ' ଏବେ ଏହି ଆକ୍ରମଣ ସହିତ ଜଡିତ ଥିବା ସ୍ପଷ୍ଟ ହୋଇଛି। ଜୈସର ଏକ ସନ୍ଦିଗ୍ଧ ହ୍ୱାଇଟ୍- କଲର ଟେରର ମଡ୍ୟୁଲ ଡିସେମ୍ବର ୬ରେ ବାବରୀ ମସଜିଦ୍ ଧ୍ୱଂସର ପ୍ରତିଶୋଧ ନେବା ପାଇଁ ଏକ ବ୍ୟାପକ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏହି ମାମଲାରେ ଯାଞ୍ଚ କରୁଥିବା ଏଜେନ୍ସିଗୁଡିକ ନିକଟରେ ସୂଚନା ହସ୍ତଗତ ହୋଇଛି। ଫରିଦାବାଦ ଓ କାଶ୍ମୀରରୁ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପଚରାଉଚରା କରାଯିବା ପରେ ଏଜେନ୍ସି ଗୁଡିକ ଏହି ଯୋଜନାକୁ 'ଅପରେସନ ଡି-୬' ନାମ ଦିଆଯାଇଛି ବୋଲି ଜାଣିବାକୁ ପାଇଛନ୍ତି। କାର୍‌ରେ ବିସ୍ଫୋରକ ଲଗାଇ ବଡ଼ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରାଯାଇଥିଲା ଓ ଏଥିପାଇଁ କେତେ ସପ୍ତାହ ପୂର୍ବରୁ ପ୍ରସ୍ତୁତ ଜାରି ରହିଥିଲା। ଆତ୍ମଘାତୀ ଆକ୍ରମଣର ପ୍ରସ୍ତୁତି ନାମ ଥିଲା 'ଅପରେସନ ଡି-୬'। ବାବରୀ ମସଜିଦର ପ୍ରତିଶୋଧ ନେବାପାଇଁ ଆତଙ୍କବାଦୀମାନେ ସହରର ଭିନ୍ନ ଭିନ୍ନ ସ୍ଥାନରେ ବିସ୍ଫୋରଣ କରାଇବାକୁ ଚାହୁଁଥିଲେ। ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣ ପ୍ଲାନ୍-ବି ଅର୍ଥାତ ଦ୍ୱିତୀୟସ୍ତରର ଯୋଜନା ଥିଲା ବୋଲି କୁହାଯାଇଛି। ଆକ୍ରମଣ ଉଦ୍ୟମକୁ ପଣ୍ଡ କରାଯିବା ଫଳରେ ଲାଲ୍‌କିଲ୍ଲା ବିସ୍ଫୋରଣକୁ କାର୍ଯ୍ୟକାରୀ କରାଯାଇଥିଲା। ମହିଳା ଡାକ୍ତର ଶାହିନ ସହିଦ ଓ ଲାଲକିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମର ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଓ ନାୟିକା ଥିଲେ ବୋଲି ତଦନ୍ତ ବେଳେ ସୂଚନା ମିଳିଛି।

### ଉମର, ଡାକ୍ତର ଶାହିନ ମୁଖ୍ୟ ଷଡ଼ଯନ୍ତ୍ରକାରୀ

ଶାହିନକୁ ଭାରତରେ ଜୈସର ମହିଳା ଶାଖା ସ୍ଥାପନା ଓ ନେତୃତ୍ୱର ଦାୟିତ୍ୱ ଦିଆଯାଇଥିଲା ବୋଲି ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ସହିତ ଜଡିତ ଥିବା ମୁଜମ୍ମିଲ ଅହମ୍ମଦ ଗନଇ ଗିରଫ ହେବା ପରେ ଡାକ୍ତର ଶାହିନଙ୍କୁ ଗିରଫ କାରାଯାଇଥିଲା। ଉମର ବ୍ୟାପକ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଏକାଧିକ ଯୁବକଙ୍କୁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିଲା ଓ ସକ୍ରିୟ ଭାବେ ସେମାନଙ୍କ ବ୍ରେନ୍‌ୱାସ କରୁଥିଲା। 'ଅପରେସନ ଡି-୬' ସହିତ ଜଡିତ ବହୁ ସୂଚନା ମଧ୍ୟ ହସ୍ତଗତ ହୋଇଛି। ସେପଟେ ଲାଲ୍‌କିଲ୍ଲା ବିସ୍ଫୋରଣରେ ଯୋତା ବୋମା ବ୍ୟବହାର କରାଯାଇଥିବା ନେଇ ଆଶଙ୍କା କରାଯାଉଛି। ବିସ୍ଫୋରଣ ହୋଇଥିବା କାର୍‌ରୁ ଏକ ଯୋତା ମିଳିଛି। ଯାଞ୍ଚରୁ ଏଥିରେ ଆମୋନିୟମ ନାଇଟ୍ରେଟ୍ ଓ ଟ୍ରାଇଆସେଟୋନ ଟ୍ରାଇପେରକ୍ସାଇଡ୍ (ଟିଏଟିପି)ର ଚିହ୍ନ ମିଳିଛି। ଟିଏଟିପିକୁ ସବୁଠାରୁ ବିପଜ୍ଜନକ ବିସ୍ଫୋରକ ଭାବେ ବ୍ୟବହାର କରାଯାଇଥାଏ। ଟିଏଟିପିକୁ 'ମଦର ଅଫ୍ ସୈତାନ' ବା ସୈଇତାନର ମା ବୋଲି କୁହାଯାଇଥାଏ। ଉମର କେତେବେଳେ, କେଉଁଠିକୁ ଯାଉଥିଲା ଏବେ ରୁଟ୍ ରିକ୍ରିଏଟ କରିବାକୁ ପ୍ରସ୍ତୁତି ଚାଲିଛି। ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମରର ଆଉ ଜଣେ ସହଯୋଗୀକୁ ଗିରଫ କରାଯାଇଛି। ସୋମବାର ଏନ୍‌ଆଇଏ ଜସିର ବିଲାଲ ବାଣୀ ଉରଫ୍ ଦାନିଶକୁ ଜମ୍ମୁ- କଶ୍ମୀର ଶ୍ରୀନଗରରୁ ଗିରଫ କରିଛି। ଜସିର ଉମରକୁ ବୈଷୟିକ ସହଯୋଗ ପ୍ରଦାନ କରୁଥିଲା। ଇତିମଧ୍ୟରେ ଦିଲ୍ଲୀ ବିସ୍ଫୋରଣରେ ଆଜି ଆଉ ଦୁଇ ଜଣ ପ୍ରାଣ ହରାଇଥିବାରୁ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-142 ♦TUESDAY ♦18 NOVEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୪୨ ♦ମଙ୍ଗଳବାର ♦୧୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




**ରେକର୍ଡ ୪୪.୯ କୋଟି ଜିତିଲେ ସିନ୍ନର୍**

▶କ୍ରୀଡ଼ା ପୃଷ୍ଠାରେ...

## ମାନବତା ବିରୋଧରେ ଅପରାଧ ପାଇଁ ରାୟ ଶୁଣାଇଲେ ଇଣ୍ଟରନ୍ୟାସନାଲ୍ କ୍ରାଇମ୍ ଟ୍ରିବ୍ୟୁନାଲ୍

# ଶେଖ୍ ହସିନାଙ୍କୁ ଫାଶୀ ଦଣ୍ଡାଦେଶ

**ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ବାଂଲାଦେଶର ପରାମର୍ଶ**

**ବାଂଲାଦେଶରେ ଶାନ୍ତି, ସ୍ଥିରତା ଓ ଗଣତନ୍ତ୍ରର ସୁରକ୍ଷା ପ୍ରତି ଭାରତର ଗୁରୁତ୍ୱ**

**ରାୟ ରାଜନୈତିକ ପ୍ରତିଶୋଧ: ହସିନା**



■ **ଢାକା, ୧୭ ।୧୧(ଏଜେନ୍ସି):** ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦଙ୍କୁ ଦୋଷୀ ସାବ୍ୟସ୍ତ କରିଛି ବାଂଲାଦେଶର କୋର୍ଟ । ମାନବିକତା ବିରୋଧରେ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ହସିନାଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି । ତାଙ୍କ ସହିତ ତାଙ୍କର ଦୁଇ ଜଣ ଘନିଷ୍ଠ ସହଯୋଗୀ ତତ୍କାଳୀନ ଗୃହ ମନ୍ତ୍ରୀ ଓ ପୁଲିସ ମୁଖ୍ୟଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି । ଏହି ଦଣ୍ଡାଦେଶକୁ ରାଜନୈତିକ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛନ୍ତି ହସିନା । ଅନ୍ୟପକ୍ଷେରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି ବାଂଲାଦେଶ ସରକାର । ତେବେ ଭାରତ ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହିଁ ।

ଗତବର୍ଷ ତାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ଆନ୍ଦୋଳନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଏହାସହିତ ଦେଶବାସୀଙ୍କୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିବା ସହିତ ବିରୋଧୀଙ୍କ ବିରୋଧରେ ଚାଲିଥିବା ଅପରାଧ/ହତ୍ୟାକୁ ରୋକିବାରେ ବିଫଳ ହୋଇଥିଲେ । ଏହି ତିନିଟି ଅଭିଯୋଗ ଉପରେ ବିଚାର ପାଇଁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା । ସେହି ଟ୍ରିବ୍ୟୁନାଲ ଆଜି ତାଙ୍କୁ ଫାଶୀଦଣ୍ଡ ଶୁଣାଇଛି । ସେହିପରି ଟ୍ରିବ୍ୟୁନାଲ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମଧ୍ୟ ୧୨ଜଣ ଲୋକଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ମଧ୍ୟ ଫାଶୀଦଣ୍ଡ ଦେଇଛନ୍ତି । ତେବେ ମାମଲାରେ ତୃତୀୟ ଅଭିଯୁକ୍ତ ପୂର୍ବତନ ପୁଲିସ ମୁଖ୍ୟ ▶ପୃଷ୍ଠା-୭

# ବିହାର ରାଜନୀତିରେ 'ହାଇଡ୍ରାମା'

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେନାହିଁ ନୀତୀଶ

**ଦୁଇଦିନ ପରେ ମନ୍ତ୍ରିମଣ୍ଡଳ ଭାଙ୍ଗିବାକୁ ସୁପାରିସ**

**ନିତ୍ୟାନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବିଜେପି**

**ନୀତିଶଙ୍କୁ ବୁଝାଇବାରେ ଲଲନ-ସଞ୍ଜୟ ବିଫଳ**



■ **ପାଟନା, ୧୭।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଆରମ୍ଭ ହୋଇଛି ରାଜନୈତିକ ଖେଳ । ଅତୀତରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଏନ୍‌ଡିଏ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଯେଉଁ ନାଟକର ଅବତାରଣା ହୋଇଥିଲା, ଏବେ ବିହାରରେ ଠିକ୍ ସମାନ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି । ଏନ୍‌ଡିଏର ଅଂଶୀଦାର ଦଳ ଭାବରେ ନୀତୀଶ କୁମାରଙ୍କ ଜେଡିୟୁ ତୁଳନାତ୍ମକ ଭାବରେ ବିଜେପିଠାରୁ କମ୍ ଆସନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପି ପ୍ରଥମ ଦାବିଦାର ବୋଲି ଯେଉଁ ପ୍ରାୟୋଜିତ ରାଜନୈତିକ ଚର୍ଚ୍ଚା ବିହାରରେ ଆରମ୍ଭ ହୋଇଛି; ତାହା ହିଁ ସବୁ ଗଣ୍ଡଗୋଳର ମୂଳ ବୋଲି କୁହାଯାଉଛି । ସେଥିପାଇଁ ନୀତୀଶ କୁମାର ସୋମବାର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫା ଦେବାକୁ ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟିଥିଲେ ମଧ୍ୟ ଇସ୍ତଫା ଦେଇ ନାହାନ୍ତି । ଆସନ୍ତା ୧୯ ତାରିଖରେ ସେ ମନ୍ତ୍ରିମଣ୍ଡଳ ଭଙ୍ଗ କରିବାକୁ ସୁପାରିସ କରିବା ସହ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ନୀତିଶଙ୍କ ପରିବର୍ତ୍ତେ ବିଜେପି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି । ଏପରିକି ବିଜେପିର ପ୍ରସ୍ତାବରେ ସହମତ ହେବାକୁ ଦୁଇ ସହଯୋଗୀ ସଞ୍ଜୟ ଝା ଓ ଲଲନ୍ ସିଂହ ପରୋକ୍ଷରେ ନୀତିଶକୁମାରଙ୍କୁ ବୁଝାଇବାରେ ଲାଗିଥିଲେ ହେଁ ଏହାକୁ ସେ ସ୍ୱୀକାର କରିନାହାନ୍ତି । ଅନ୍ୟପକ୍ଷରେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଏବେ ବି ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ସେ ମଧ୍ୟ ଚୁପ୍ ବସି ନାହାନ୍ତି । ନିର୍ବାଚନ ଫଳ ପ୍ରକାଶ ପରଠାରୁ ସେ ନିୟମିତ ଭାବରେ ବିଜେପି ଓ ଅନ୍ୟ ସହଯୋଗୀ ଦଳର ନେତାମାନଙ୍କ ସହ ସାକ୍ଷାତ ଓ ଆଲୋଚନା କରି ଚାଲିଛନ୍ତି । ଇତିମଧ୍ୟରେ ସେ ଚିରାଗ ପାସୱାନ, ଉପେନ୍ଦ୍ର କୁଶୱାହା, ଜିତନ ରାମ ମାଞ୍ଝି, ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କ ସମେତ ଅନେକ ପ୍ରମୁଖ ନେତାଙ୍କୁ ଭେଟିଛନ୍ତି । ନିର୍ବାଚନ ଫଳ ପ୍ରକାଶର ୩ ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏନ୍‌ଡ଼ିଏ ବିଧାୟକ ଦଳ ନେତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହା ପଛରେ କିଛି କେଁ ଥିବା ସ୍ୱାଭାବିକ ମନେ ହେଉଛି ।

ଯେଉଁଥିପାଇଁ ଆଜି କ୍ୟାବିନେଟ୍ ବୈଠକ ଓ ମୁଖ୍ୟମନ୍ତ୍ରୀ ପଦରୁ ନୀତୀଶଙ୍କ ଇସ୍ତଫା ବିଳମ୍ବିତ ହୋଇଛି । ନୀତୀଶ କ୍ୟାବିନେଟ୍ ବୈଠକ ଡ଼ାକିଥିଲେ । ବୈଠକରେ ନିଜ ସହଯୋଗୀଙ୍କ ସହ ଆଲୋଚନା କରିବା ପରେ ସେ ରାଜଭବନକୁ ଯାଇଥିଲେ । ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ଆଜି ତାଙ୍କର ଇସ୍ତଫା ପ୍ରଦାନ ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ । ନଭେମ୍ବର ୧୯ ତାରିଖରେ ସେ ବିଧାନସଭା ଭଙ୍ଗ କରିବାକୁ ରାଜ୍ୟପାଳଙ୍କୁ ଏକ ସୁପାରିସ ପତ୍ର ଦେଇଥିଲେ । କେଉଁ ନିର୍ଦ୍ଦିଷ୍ଟ କାରଣରୁ ନୀତୀଶ କୁମାର ଶେଷ ମୁହୂର୍ତ୍ତରେ ତାଙ୍କର ଯୋଜନା ପରିବର୍ତ୍ତନ କଲେ, ତାହା କେହି ଜାଣି ପାରିନାହାନ୍ତି । ସେହିପରି ଜେଡିୟୁ ବିଧାୟକ ଦଳ ବୈଠକ ନଭେମ୍ବର ୧୭ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିବାରୁ ଦଳର ସମସ୍ତ ୮୫ ବିଧାୟକ ପାଟନାରେ ପହଞ୍ଚିଥିଲେ । ମାତ୍ର ନୀତିଶ ଶେଷ ମୁହୂର୍ତ୍ତରେ ବୈଠକକୁ ସ୍ଥଗିତ ରଖାଯାଇଛି ଏବଂ ସମସ୍ତ ଦଳୀୟ ବିଧାୟକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ରାଜଧାନୀ ନ ଛାଡ଼ିବାକୁ ▶ପୃଷ୍ଠା-୭

## ଟ୍ୟାଙ୍କର ସହ ଧକ୍କା ପରେ ମଦିନାରେ ଜଳିଗଲା ବସ୍

# ୪୫ ଭାରତୀୟ ଶ୍ରଦ୍ଧାଳୁ ଦଗ୍ଧ



**ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ମୃତ**

■ **ରିୟାଦ, ୧୭।୧୧ (ଏଜେନ୍ସି):** ସାଉଦି ଆରବରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରେ ହାଇଦରାବାଦର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ଥିବା ଜଣାପଡ଼ିଛି । 'ଉମରା' ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କୁ ନେଇ ମଦିନା ଯାଉଥିବା ବସ୍‌ଟି ଏକ ଡିଜେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ବିସ୍ଫୋରଣ ଘଟିଥିଲା । ଏହାପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଦୁର୍ଘଟଣାରୁ କେବଳ ବସ୍ ଚାଳକ ବଞ୍ଚିଯାଇଥିବା ବେଳେ ଅନ୍ୟ ସମସ୍ତ ୪୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମୃତକଙ୍କ ମଧ୍ୟରେ ୧୮ ମହିଳା, ୧୭ ପୁରୁଷ ଓ ୧୦ଜଣ ଛୋଟପିଲା ଅଛନ୍ତି । ଦୁର୍ଘଟଣାଗ୍ରସ୍ତ ବସ୍‌ରେ ୪୬ ଜଣ ଲୋକ ଯାତ୍ରା କରୁଥିଲେ । ମୃତକଙ୍କ ମଧ୍ୟରେ ଅଧିକାଂଶ ହାଇଦରାବାଦ୍‌ର ବାସନ୍ଦା ବୋଲି କୁହାଯାଇଛି ।

ହାଇଦରାବାଦ୍ ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୯ରେ ୫୪ ଜଣ ଲୋକ 'ଉମରା' ପାଇଁ ହାଇଦରାବାଦ୍‌ରୁ ସାଉଦି ଆରବ ଯାଉଥିଲେ । ଏମାନେ ନଭେମ୍ବର ▶ପୃଷ୍ଠା-୭

## ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦

# ଏଥର କମ୍ ଟିକଟ



**ଚଉଡ଼ା ହେଉଛି ସମସ୍ତ ଗ୍ୟାଲେରୀ**

**ସିଟ୍ ନମ୍ବରିଂ ପରେ ଜଣାପଡ଼ିବ ଦର୍ଶକ ସଂଖ୍ୟା**

■ **କଟକ,୧୭।୧୧(ସମିସ):** ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍ । ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି । ତେବେ ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇବ । ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡା କରାଯାଉଛି । ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡିକୁ ୨୨ ଇଞ୍ଚ କରାଯାଉଛି । ଗ୍ୟାଲେରୀ ନଂ-୫ ଏବଂ ଗ୍ୟାଲେରୀ ନଂ-୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡିକର ନବୀକରଣ କାର୍ଯ୍ୟ ଜାରି ରହିଛି । ପ୍ରତ୍ୟେକ ଦର୍ଶକ ସୁବିଧାରେ ବସି କିଭଳି ମ୍ୟାଚ୍ ଉପଭୋଗ କରିପାରିବେ ତାହାକୁ ଉପଲବ୍ଧି କରି ଓସିଏ ଏଭଳି ପଦକ୍ଷେପ ନେଇଛି । ଅନ୍ୟପକ୍ଷରେ ମୋଟ୍ କେତେ ସଂଖ୍ୟକ ଟିକଟ ଏଥର ଛପା ଯିବ ତାହା ମଧ୍ୟ ସ୍ଥିର ହୋଇ ପାରିନାହିଁ । ନବୀକରଣ ପ୍ରକ୍ରିୟାରେ ଗ୍ୟାଲେରୀର ସମସ୍ତ ସିଟ୍‌କୁ ଚଉଡା କରାଯାଇ ପ୍ରଥମେ ନମ୍ବରିଂ ହେବ । ଏହା ପରେ ସମୁଦାୟ ଟିକଟ ସଂଖ୍ୟା ଜଣାପଡିବ । ପ୍ରକାଶଯୋଗ୍ୟ, ବାରବାଟୀରେ ପ୍ରାୟ ୪୫ହଜାର ଦର୍ଶକ ଏକସଙ୍ଗରେ ମ୍ୟାଚ୍ ଦେଖିପାରୁଥିଲେ । ସିଟ୍ ଗୁଡିକ ଚଉଡା କରାଯିବା ପରେ ଏହି ସଂଖ୍ୟା ୩ରୁ ୪ହଜାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି ।

## ଡିସେମ୍ବର ୧ରୁ ଅନ୍‌ଲାଇନ୍ ଟିକଟ

**ଡିଷ୍ଟ୍ରିକ୍ଟ ବାଏ ଜୋମାଟୋରେ ଅନ୍‌ଲାଇନ୍ ଟିକଟ**

**୫ ତାରିଖରୁ କାଉଣ୍ଟର ଟିକଟ**

**ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କୋର୍ଟ**

ବାରବାଟୀ ଟି-୨୦ ପାଇଁ ଡିସେମ୍ବର ୧ ତାରିଖରୁ ଅନଲାଇନ୍ ଟିକଟ ବିକ୍ରି କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ ଅନଲାଇନ୍ ଟିକଟ ଉପଲବ୍ଧ ହେବ । ଅନଲାଇନ୍‌ରେ କେତେ ସଂଖ୍ୟକ ଟିକଟ ବିକ୍ରି ନିମନ୍ତେ ଛଡାଯିବ ତାହା ଘୋଷଣା କରାଯାଇନାହିଁ । ଡିସେମ୍ବର ୫ରୁ କାଉଣ୍ଟର ଟିକଟ ବିକ୍ରି କରାଯିବ । ଏହା ଭିତରେ ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକୁ ଟିକଟ ବିକ୍ରି କରାଯିବ ବୋଲି କୁହାଯାଇଛି ।

## ହାଇୱା-ସ୍କର୍ପିଓ ମୁହାଁମୁହିଁ; ଜଣେ ମୃତ

■ **ଯୋଡ଼ା, ୧୭।୧୧ (ସମିସ):** ଆଜି ସନ୍ଧ୍ୟାରେ ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ରେ ଉପରେ ହାଇୱା ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ବଡ଼ବିଲର ସୋନାଲି ଓଝା । ସେ ସ୍କର୍ପିଓରେ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ସାମ୍ନାପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ସ୍କର୍ପିଓଟି ପୂରା ଚୂରମାର୍ ହୋଇଯାଇଛି । ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଯୋଡ଼ା ପୁଲିସ ସ୍କର୍ପିଓରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଛି । ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ଚାଳକ ସହ ମହିଳାଙ୍କ ଭାଇ ଥିବା ବେଳେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି । ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି ।

# ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକିଦେଲେ

## ପୀଡ଼ିତାଙ୍କ ମଧ୍ୟରେ ମହିଳା, ଶିଶୁ, ନାବାଳିକା

■ **ନୟାଗଡ଼ / ଗଣିଆ, ୧୭।୧୧ (ସମିସ):** ଦାଦନ ଖଟାଇବାକୁ ନେଇ ବିକିଦେଲେ । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ଏପରି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ ଆଡ଼କଟା ଗ୍ରାମରୁ ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି । ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ଜଣେ ନାବାଳିକା ଓ ଦୁଇଜଣ ମହିଳା ରହିଛନ୍ତି । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆଡ଼କଟା ଗ୍ରାମର ଚନ୍ଦ୍ରମଣି ପ୍ରଧାନ ଓ ମୀନା ପ୍ରଧାନ ଆସି ଏ ନେଇ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଗଣିଆ ଥାନା ପୁଲିସକୁ ତତ୍‌କ୍ଷଣାତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି ।

ସୂଚନାନୁସାରେ, ତିନି ମାସ ତଳେ ଆଡ଼କଟା ଗ୍ରାମର ବୁଲୁ ପ୍ରଧାନ, ବୌଦ୍ଧ ଅଞ୍ଚଳର ଚନ୍ଦନ ଗଡ଼ତିଆ ଗ୍ରାମରୁ ଅନେକ ଲୋକଙ୍କୁ ହାଇଦ୍ରାବାଦ ନିକଟସ୍ଥ ପାଇଜାପଲ୍ଲୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ । ଏ ନେଇ ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ । ତେବେ ସେଠାରେ ଅକଥନୀୟ ନିର୍ଯାତନା ଦିଆଯିବାରୁ ଅନେକ ଲୋକ ଖସି ଆସିଥିବା ବେଳେ ଦଲାଲମାନେ ଗ୍ରାମର ୭ ଜଣଙ୍କୁ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି । ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି । ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଥିବା ଜଣାପଡ଼ିଛି । ଏ ନେଇ ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ । ▶ପୃଷ୍ଠା-୭

# ୨୫ ବର୍ଷରେ ସବୁଠୁ ଥଣ୍ଡା ନଭେମ୍ବର

■ **ଭୁବନେଶ୍ୱର,୧୭।୧୧(ସମିସ):** ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଜାରି ରହିଛି । ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି । ଏହାଦ୍ୱାରା ସାରା ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ଗତ ୨୫ ମଧ୍ୟରେ ନଭେମ୍ବର ମାସରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ସବୁଠୁ ତଳେ ପହଞ୍ଚିଛି । ଗତ ୩ ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ପାରଦ ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳେ ରହୁଥିବା ହେତୁ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ଫଳସ୍ୱରୂପ ରାଜଧାନୀର ନଭେମ୍ବର ଥଣ୍ଡା, ୨୫ ବର୍ଷର ରେକର୍ଡ ଭାଙ୍ଗିଛି । ସେହିପରି କଟକରେ ମଧ୍ୟ ତାପମାତ୍ରା ୧୪ ବର୍ଷର ରେକର୍ଡ ଭାଙ୍ଗିଛି । ଏହା ବ୍ୟତୀତ ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ଥଣ୍ଡା ନଭେମ୍ବର ମାସର ଅଷ୍ଟମ ସର୍ବନିମ୍ନ ତାପମାତ୍ରାର ରେକର୍ଡ କହିଛି ।

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରର ସର୍ବନିମ୍ନ ରାତିର ତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି ।



ଏହାସହ କଟକରେ ୧୩.୨ ଡିଗ୍ରୀ ତାପମାତ୍ରା ରହିଛି । ୨୦୦୦ ମସିହା ପରେ ନଭେମ୍ବର ମାସରେ ଭୁବନେଶ୍ୱରର ରାତିର ତାପମାତ୍ରା ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି । ଏହା ପୂର୍ବରୁ ୨୦୦୯ ନଭେମ୍ବର ୨୯ରେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୮ ନଭେମ୍ବର ୨୫ ୧୩.୬, ୨୦୧୭ ନଭେମ୍ବର ୨୬ରେ ୧୩.୭, ୨୦୨୫ ୧୬ ନଭେମ୍ବରରେ ୧୩.୦ ଓ ଗତ ୨୪ ଘଣ୍ଟାରେ ୧୨.୯ ଡିଗ୍ରୀ ସହ ଏହି ରେକର୍ଡ ଭଙ୍ଗ ହୋଇଛି । କଟକରେ ୨୦୧୨ ମସିହାରେ ଶେଷ ଥର ପାଇଁ ନଭେମ୍ବରରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଥିଲା ।

ଭୁବନେଶ୍ୱର ବ୍ୟତୀତ ଗତ ୨୪ ଘଣ୍ଟାରେ ରାଜ୍ୟର ୬ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ ହୋଇଛି । ଝାରସୁଗୁଡାଠାରେ ଭୀଷଣ ଶୀତ ଲହରୀ ଅନୁଭୂତ ହୋଇଥିବା ବେଳେ କଟକ ଓ ଭୁବେନଶ୍ୱରରେ ଶୀତ ଲହରୀ ଅନିଭୂତ ହୋଇଛି । ଏହା ବ୍ୟତୀତ ୧୪ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି । ଜି.ଉଦୟଗିରି ୫.୪ ଡିଗ୍ରୀ ପାରଦ ପହଞ୍ଚିଥିବା ବେଳେ ସେମିଳିଗୁଡାରେ ୬.୧, ଦାରିଙ୍ଗବାଡି ୭, ଫୁଲବାଣୀ ୮ ଏବଂ ଝାରସୁଗୁଡାରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ରାଉରକେଲାରେ ୧୦, କେନ୍ଦୁଝରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି । ପାଣିପାଗ ବିଭାଗ କହିବା ଅନୁସାରେ, ପଶ୍ଚିମ ଉତ୍ତର ପବନ ତୀବ୍ର ହେବା, ଆକାଶ ସଫା ରହିବା ଓ ଆର୍ଦ୍ରତା ହ୍ରାସ କାରଣରୁ ରାତିର ତାପମାତ୍ରା ଦ୍ରୁତ ଭାବେ ତଳକୁ ଖସୁଛି । ତେବେ ମଙ୍ଗଳବାର ରାତିଠାରୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ । ତାପମାତ୍ରା ବଢ଼ିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଜାରି ରହିବ ।

ଅନ୍ୟପଟେ ଦକ୍ଷିଣ ଭାରତରେ ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସକାଳ ସାଢ଼େ ୮ ଟା ପର୍ଯ୍ୟନ୍ତ ରାଜ୍ୟର ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ର କିଛି କିଛି ଅଞ୍ଚଳରେ ଶୀତ ଲହରୀ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି ।

ସକାଳ
THE SAKALA



# ମୃତ୍ତିକା ପରୀକ୍ଷଣ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ପଛୁଆ

ବାଲେଶ୍ୱର, ୧୭ ।୧୧(ସମିସ)



ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କୁ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ସେମାନଙ୍କୁ ଯୋଗାଇ ଦିଆଯାଉଛି । ଚାଷୀମାନଙ୍କୁ ସାରଠାରୁ ଆରମ୍ଭ କରି ବିହନ ଏବଂ ମୃତ୍ତିକା ପରୀକ୍ଷଣ କରାଯିବା ପାଇଁ ମଧ୍ୟ ଲାବର ବ୍ୟବସ୍ଥା କରାଯାଇଛି । ମାଟି ପରୀକ୍ଷଣ କରି ସେମାନଙ୍କ ଚାଷ ଜମିକୁ କିପରି ଭାବେ ଉର୍ବର କରାଯିବା ସହ ଅଧିକ ଫସଲ ଅମଳ କରାଯାଇ ପାରିବ ସେ ନେଇ ଏହି ମୃତ୍ତିକା ପରୀକ୍ଷଣ କରାଯିବାର ବ୍ୟବସ୍ଥା ରହିଛି । ହେଲେ ଚଳିତ ବର୍ଷ ଜିଲ୍ଲାରେ ଚାଷୀମାନଙ୍କ ମୃତ୍ତିକା ପରୀକ୍ଷଣ କରିବା ପାଇଁ ବିଭାଗ ପଛରେ ପଡ଼ିଥିବାବେଳେ ଚାଷୀଙ୍କୁ ଆଗାମୀ ଦିନରେ କିପରି ଭାବେ ଚାଷୀ କାର୍ଡ ଯୋଗାଇ ଦିଆଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନା ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାର୧୨ଟି ବ୍ଲକରେ୨୬ହଜାର ଚାଷୀଙ୍କ ମୃତ୍ତିକା ପରୀକ୍ଷଣ କରିବା ପାଇଁ ଟାର୍ଗେଟ ପ୍ରଦାନ କରାଯାଇଛି । ହେଲେ ଏହି ସମସ୍ତ ବ୍ଲକରୁ ବର୍ତ୍ତମାନ ସୁଦ୍ଧା ଆସିଥିବା ନମୁନାରୁ ମାତ୍ର ୧୬ହଜାର ପରୀକ୍ଷଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ତାହା ପାଖାପାଖି ୧୦ହଜାର ଆହୁରି ପରୀକ୍ଷା ହେବା ପାଇଁ ରହିଛି । ଏପରି ସ୍ଥଳେ ଚାଷୀମାନେ କେବେ ଏଥିରେ ସୁବିଧା ପାଇବେ ଅଥବା ସେମାନଙ୍କୁ କେବେ ଚାଷୀ କାର୍ଡ ମିଳିବ ତାହା ଏବେ ବିରାଟ ପ୍ରଶ୍ନବାଚୀ । ବିଶେଷ କରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାଷୀମାନଙ୍କର ମୃତ୍ତିକା ସଂରକ୍ଷଣ କରି ମାଟିର ଗୁଣବତ୍ତା, ଖାଦ୍ୟ ସାର, ଅଣୁସାର, ମୁଖ୍ୟସାର, ଜିଙ୍କ, ପିଏଚ, ମାଟିର ଅମ୍ଳୀୟ, କ୍ଷରୀୟ, ମ୍ୟାଗନେସିୟମ, କ୍ୟାଲସିୟମ ଆଦି ୯ ପ୍ରକାରର ପରୀକ୍ଷା କରାଯାଇଥାଏ । ଏହାକୁ କୃଷକସାଥିମାନେ ଚାଷୀଙ୍କ ଚାଷଜମିରର ମାଟି ଆଣି ଲ୍ୟାବରେ ପହଁଚାଇବା ପରେ ଏହି ସବୁ ପରୀକ୍ଷଣ ହୋଇଥାଏ । ସେଥିରେ କୌଣସି ପ୍ରକାର ବି କମ ରହିଥିଲେ ତାହାକୁ କିପରି ଉନ୍ନତମାନର କରାଯିବ ତା'ର ପ୍ରଣାଳୀ ଚାଷୀମାନଙ୍କୁ କୁହାଯାଇଥାଏ ଏବଂ ପରେ ସେମାନଙ୍କୁ ଚାଷୀ କାର୍ଡ ମଧ୍ୟ ପ୍ରଦାନ କରାଯାଇଥାଏ । ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟରେ ରହିଥିବା ଲାବରେ ୧୦ହଜାର, ଦୁଇଟି ମୋବାଇଲ ୟୁନିଟ ପାଇଁ ୧୦ହଜାର ସାଙ୍ଗକୁ ଜଳେଶ୍ୱର ଲାବରେ ୩ହଜାର ଏବଂ ଖଇରା ଲାବରେ ୩ ହଜାର ମୃତ୍ତିକା ପରୀକ୍ଷଣ ପାଇଁ ବ୍ୟବସ୍ଥା ରହିଛି ଅର୍ଥାତ ଏହି ସମସ୍ତ ଲାବକୁ ମିଶାଇଲେ ମୋଟ ୨୬ହଜାର ମୃତ୍ତିକା ପରୀକ୍ଷଣ କରାଯିବାର ବ୍ୟବସ୍ଥା ରହିଛି । ବାଲେଶ୍ୱର ସଦର ବ୍ଲକରେ ୨୨ଶହ ଟାର୍ଗେଟ ରହିଥିବା ବେଳେ ୧୧୬୦ଟି ନମୁନା ପରୀକ୍ଷା କରାଯାଇଛି । ଜଳେଶ୍ୱର ବ୍ଲକରେ ୩ ହଜାର ଥିବା ବେଳେ ସେଥିମଧ୍ୟରୁ ମାତ୍ର ୨୦୭୯ଟି ନମୁନା ପରୀକ୍ଷଣ କରାଯାଇଛି । ବାଲିଆପାଳ ବ୍ଲକରେ୨୩ଶହ ଟାର୍ଗେଟ ଥିବା ବେଳେ ମାତ୍ର ୧୫୭୫ଟି ନମୁନା ପରୀକ୍ଷଣ କରାଯାଇଛି । ନୀଳଗିରି ବ୍ଲକରେ ୧୭ଶହ ଟାର୍ଗେଟ ରହିଥିବା ବେଳେ ୯୩୫ଟି ନମୁନା ପରୀକ୍ଷଣ କରାଯାଇଛି । ବସ୍ତା ବ୍ଲକରେ ୨୧ଶହ ଟାର୍ଗେଟ ଥିବା ବେଳେ୧୨୫୪ଟିର ପରୀକ୍ଷଣ କରାଯାଇଛି । ଭୋଗରାଇ ବ୍ଲକରେ ଦୁଇ ହଜାର ଟାର୍ଗେଟ ଥିବା ବେଳେ ଏ ପର୍ଯ୍ୟନ୍ତ ୧୧୫୫ଟି ସାମ୍ପୁଲ ପରୀକ୍ଷଣ କରାଯାଇଛି । ସିମୁଳିଆ ବ୍ଲକରେ୧୬ଶହ ଟାର୍ଗେଟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୪୨୮ଟି ନମୁନା ପରୀକ୍ଷଣ କରାଯାଇଛି । ରେମୁଣା ବ୍ଲକରେ ୨୪ଶହ ଟାର୍ଗେଟ ଥିବା ବେଳେ ୧୭୫୨ଟିରେ ପରୀକ୍ଷଣ କରାଯାଇଛି । ସେହିପରି ଔପଦା ବ୍ଲକରେ୧୫ଶହ ଟାର୍ଗେଟ ରହିଥିବା ବେଳେ ୯୦୦ଟିର ପରୀକ୍ଷଣ କରାଯାଇଛି । ବାହାନଗା ବ୍ଲକରେ୨୧ଶହ ଟାର୍ଗେଟ ରହିଛି । ସମସ୍ତ ସାମ୍ପୁଲ କଲେକସନ ହୋଇଥିବା ବେଳେ ୧୩୩୨ଟିରେ ପରୀକ୍ଷଣ କରାଯାଇଛି । ସେହିପରି ଖଇରା ବ୍ଲକରେ ୩ହଜାର ଟାର୍ଗେଟ ରହିଥିବା ବେଳେ ୧୬୮୨ଟି ସାମ୍ପୁଲର ପରୀକ୍ଷଣ କରାଯାଇଛି ।

**● ଟାର୍ଗେଟ ୨୬ ହଜାର, ପରୀକ୍ଷଣ ହୋଇଛି ୧୬ ହଜାର**
**● ଚାଷୀ କାର୍ଡ ମିଳିବ କେବେ**

ସୋର ବ୍ଲକରେ୨୧ଶହ ଟାର୍ଗେଟ ରହିଥିବାବେଳେ ମାତ୍ର ୯୬୧ଟି ନମୁନାର ପରୀକ୍ଷଣ କରାଯାଇଛି । ମୋଟ ଉପରେ ଏବେ ସୁଦ୍ଧା ସମସ୍ତ ୨୬ ହଜାର ନମୁନା ସଂଗ୍ରହ କରାଯାଇଥିବା ବେଳେ ୧୬୨୧୩ଟିର ପରୀକ୍ଷଣ କରାଯାଇଛି ବୋଲି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟରୁ ଜଣାପଡିଛି ।

ଏ ନେଇ ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତୀ ତୁଙ୍ଗ କହିଛନ୍ତି ଯେ, ଜିଲ୍ଲାକୁ ଚଳିତ ବର୍ଷ ୨୬ହଜାର ଟାର୍ଗେଟ ଆସିଛି । ସେଥିରୁ କିଛି ମୃତ୍ତିକା ସଂରକ୍ଷଣ କରାଯାଇ ପରୀକ୍ଷଣ କରାଯାଉଛି । ପ୍ରତିଦିନ ୧୬୦ଟି ଲେଖାଏଁ ନମୁନା ପରୀକ୍ଷା କରାଯାଉଥିବାବେଳେ ଆସନ୍ତା ଫେବୃଆରୀରେ ସମ୍ପୂର୍ଣ୍ଣ ହେବା ପରେ ମାର୍ଚ୍ଚ ସୁଦ୍ଧା ସମସ୍ତ ଚାଷୀଙ୍କୁ ତାଙ୍କର କାର୍ଡ ପ୍ରଦାନ କରାଯିବ । ଚାଷୀମାନଙ୍କୁ ପ୍ରଦାନ କରାଯିବାକୁ ଥିବା କାର୍ଡ ଆସନ୍ତା ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

## ବାଲିଆପାଳ ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଲଙ୍ଗଳେଶ୍ୱର, ୧୭।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନାର ନୂତନ ଅଧିକାରୀ ଭାବରେ ସଲ୍ଲଖାନ ମୁର୍ମୁ ଯୋଗଦେଇଛନ୍ତି । ଆଜି ବାଲିଆପାଳ ଥାନା ଅଧିକାରୀ ଶ୍ରୀ ମାଝୀଙ୍କୁ ବାଲିଆପାଳ ବାଜପେୟୀ ସେନା ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ନିମାଇଁ ଚରଣ ଦାସ, ମହେଶ୍ୱର ଦାସ, ସଞ୍ଜୟ ପରିଡା, କମଳ ଲୋଚନ ଦତ୍ତ, ଗଗନ ବିହାରୀ ସାହୁ, ଅଜୟ ଜେନା, ଲକ୍ଷ୍ମୀଧର ପ୍ରଧାନ, ପ୍ରତାପ ସାନ୍ତରା, ନିଶିକାନ୍ତ ନାଥ, ଗଙ୍ଗାଧର ଜେନା, ଲକ୍ଷ୍ମୀଧର ଜେନା, ମଦନ ପିଳା, ଝାଡେଶ୍ୱର ବିଶ୍ୱାଳ, ଅଜୟ ଜେନା, କରୁଣାକର ସେନାପତି, ହିମାଂଶୁ ପାତ୍ର, ପ୍ରଦୀପ୍ତ ସାମଲ, ପଦ୍ମଲୋଚନ ଦେ, ନାସିରୁଦ୍ଦିନ ସାହା, ମଧୁ ସୂଦନ ଦଳାଇ, ତ୍ରିବିକ୍ରମ ପାତ୍ର ଆଦି ସଦସ୍ୟମାନେ ଏହି ସମୟରେ ଉପସ୍ଥିତ ଥିଲେ ।

## ମିତ୍ରପୁରରେ ଜଗଦ୍ଧାତ୍ରୀ ମହୋତ୍ସବ

**ନୀଳଗିରି, ୧୭।୧୧ (ସମିସ):** ନୀଳଗିରି ବ୍ଲକ ଅଧିନ ମିତ୍ରପୁରଠାରେ ଚାଲିଥିବା ୧୪ତମ ଜଗଦ୍ଧାତ୍ରୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମାଜସେବୀ ମନୋରଞ୍ଜନ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, କଂଗ୍ରେସର ଯୁବନେତା ଆଶିଷ ପଟ୍ଟନାୟକ, ରଞ୍ଜନ ଦାସ, ତାପସ ପରିଡା ଏବଂ କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର ବ୍ୟକ୍ତି ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଆଭିମୁଖ୍ୟ କହିଥିଲେ । କମିଟିର ସଦସ୍ୟ ଧୀରେନ୍ଦ୍ର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ । ଏହି ଷଷ୍ଠ ସଂଧ୍ୟାରେ ଯାତ୍ରା ଜଗତର ଚର୍ଚ୍ଚିତ



ଖଳନାୟକ ପିୟୁଷ ତ୍ରିପାଠୀ ଯୋଗ ଦେଇ ଦର୍ଶକ ମାନଙ୍କର ମନୋରଞ୍ଜନ କରିଥିଲେ । ପ୍ରତି ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବହୁ କଳାକାର ଯୋଗ ଦେଇଥିଲେ । ସଭାପତି, ସମ୍ପାଦକ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# କଂଗ୍ରେସର ସାଂଗଠନିକ ବୈଠକ

**ଭୋଗରାଇ, ୧୭।୧୧(ସମିସ) :** ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ୩୨ ନଂ ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ ଗୁଣସାର୍ଥା ପଞ୍ଚାୟତ ଅନ୍ତର୍ଗତ ଆଗର୍ଦ୍ଦା ଗ୍ରାମର ହରେକୃଷ୍ଣ ଜେନାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଂଗ୍ରେସର ୩୨ ଜୋନ୍ ସଭାପତି କାର୍ତ୍ତିକ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭୋଗରାଇ କଂଗ୍ରେସ ନେତା ତଥା କଂଗ୍ରେସର ଜିଲ୍ଲା ସଭାପତି ସତ୍ୟଶିବ ଦାସ ଯୋଗଦେଇ ତୃଣମୂଳ ସ୍ତରରୁ ଲୋକମାନଙ୍କୁ ସଂଗଠିତ କରିବା ସହିତ ଲୋକଙ୍କ ସୁଖଦୁଃଖରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା,



ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଜେନା, ଗୋପବନ୍ଧୁ ମହାପାତ୍ର, ମନ୍ଦାରସାହି ସରପଞ୍ଚ ମମତା ସାହୁ, ଦାରୁହା ସମିତି ସଭ୍ୟ ମଇଧର ଜେନା, ଉମାରାଣୀ ଦାସ, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ବିନୋଦ ବିହାରୀ ପାତ୍ର, ଆଶିଷ ଦାସ ଅଧିକାରୀ, ଜୟନ୍ତ ପ୍ରଧାନ, ଅକ୍ଷୟ ପାତ୍ର, ମନୋରଞ୍ଜନ ଘଡାଇ, ଶଙ୍କର ପ୍ରଧାନ, ସୁଧିର ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବୈଠକରେ ୩୨ ନମ୍ବର ଜୋନର ୧୦ ଟି ପଞ୍ଚାୟତର ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

## ଜନବିରୋଧି ନୀତି ବିରୋଧରେ ୨୧ରେ ବିକ୍ଷୋଭ

**ଜଳେଶ୍ୱର ବ୍ଲକ,୧୭।୧୧ (ସମିସ) :** ଡବଲ୍ ଇଞ୍ଜିନ ବିଜେପି ସରକାରର ଅସଲ ମୁଖାଟା ଧିରେ ଧିରେ ପଦାକୁ ଆସିବା ଆରମ୍ଭ ହୋଇଛି । ଏହାର ଦୃଷ୍ଟାନ୍ତ ସ୍ୱରୂପ ବିଭିନ୍ନ ଆଳ କରି ରାଜ୍ୟରେ ଅବିଚାରିତ ଭାବେ ଲକ୍ଷ ଲକ୍ଷ ଲୋକଙ୍କର ରେସନ କାର୍ଡ କାଟିବା ପ୍ରକ୍ରିୟା ଆରମ୍ଭ ହୋଇଛି । ସେଥିରୁ କେବଳ ଜଳେଶ୍ୱର ବ୍ଲକରେ ୨୫୨୦୯ ହିତାଧିକାରୀ ଅଛନ୍ତି ଯେଉଁମାନଙ୍କର ରେସନ କାର୍ଡ କାଟିବା ପାଇଁ ଚିଠା ପ୍ରସ୍ତୁତ ହୋଇସାରିଛି । ଏହାର ପ୍ରତିବାଦରେ ନଭେମ୍ବର ୨୧ ତାରିଖ ଦିନ ଶ୍ରମିକ, କୃଷକ ତଥା କୃଷି ଓ ଗ୍ରାମୀଣ ଶ୍ରମିକ ସଂଗଠନ ତରଫରୁ ମିଳିତ ଭାବେ ଜଳେଶ୍ୱର ବ୍ଲକ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହେବ । ୧୧ଦଫା ଦାବି ନେଇ ନଭେମ୍ବର ୨୧ ତାରିଖ ଦିନ ବ୍ଲକ ଅଫିସ ସମ୍ମୁଖରେ ଯେଉଁ ଗଣ ବିକ୍ଷୋଭ କରାଯିବ ତାହାକୁ ସଫଳ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି କୃଷକ ନେତା ଦିଲ୍ଲୀପ କୁମାର ଗିରି, କୃଷି ଓ ଗ୍ରାମୀଣ ଶ୍ରମିକ ନେତା ଦୀପ୍ତିମାନ ଆଚାର୍ଯ୍ୟ, ଟ୍ରେଡ ୟୁନିୟନର ନେତା ପଲ୍ଟୁ ଦାସ, କୃଷକ ସଭାର ବ୍ଲକ ସଭାପତି ରବିନ୍ଦ୍ର ବାରିକ, ଯୁବ ନେତା ଦିଲ୍ଲୀପ ପରିଡ଼ା, ଅରୁଣ ଜେନା, ସବିତା ଭୂୟାଁ ଓ ବାମପନ୍ଥୀ ନେତା ଅକ୍ଷୟ କୁମାର ମିଶ୍ର ।

## ଗୌର ରାଧାକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

**ଖଇରା,୧୭ ।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ପାଣିସାଉଁଳିସ୍ଥିତ ଶ୍ରୀ ଗୌର ରାଧାକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ପିଲାମାନଙ୍କ ଦ୍ୱାରା ୩୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୪ର୍ଥ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ପରିଡାଙ୍କ ଦ୍ୱାରା ପ୍ରସ୍ତୁତ ବର୍ଷା ଜଳରୁ ଅମଳ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା । ହଂସିକା ସାମଲ ଦ୍ୱିତୀୟ, କ୍ରୀଷ୍ଣା ସାହୁ ଓ ଦିପେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସୁଦାମ ଚରଣ ରାଉତ ଉଦଘାଟକ, ପଳାସପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ସାରୁଗାଁ ସିଆରସିସି ଉଦୟ ନାରାୟଣ ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।



ପଳାସପୁର ହାଇସ୍କୁଲର ବିଜ୍ଞାନଶିକ୍ଷକ ମଧୁସୂଦନ ବେହେରା ଏବଂ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରାଯାଇଥିଲା । ଶିକ୍ଷୟିତ୍ରୀ ମାଳତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ଶୁଭଶ୍ରୀ ପ୍ରଥମ, ହଂସିକା ଦ୍ୱିତୀୟ**

ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

## ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ନୀଳଗିରି, ୧୭।୧୧ (ସମିସ):** ବିବେକାନନ୍ଦ ଲୋକସଂସଦ ପକ୍ଷରୁ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ର/ଛାତ୍ରୀ ଅଂଶଗ୍ରହଣ କରିଥିଲେ । କନିଷ୍ଠ ବିଭାଗରୁ ୫୪ଜଣ ଓ ବରିଷ୍ଠ ବିଭାଗରୁ ୯୮ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟରୁ ଆସି ଅଂଶଗ୍ରହଣ କରିଥିଲେ । ପ୍ରଥମରୁ ପଞ୍ଚମ କନିଷ୍ଠ ଓ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବିଭାଗ ଥିଲା । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ସୁଭାଷିନୀ ଜୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିବସୁନ୍ଦର ସାହୁ, ଜୟନ୍ତୀ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ସସ୍ମିତା ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ଜାନୁୟାରୀ ୧୨ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

## ଚନ୍ଦନେଶ୍ୱରରେ ଜାତୀୟ ଗଣମାଧ୍ୟମ ଦିବସ ପାଳିତ

**ଚନ୍ଦନେଶ୍ୱର, ୧୭।୧୧ (ସମିସ):** ସମାଜର ବୃଦ୍ଧି ପାଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରକୁ କେବଳ ଗଣମାଧ୍ୟମ ହିଁ ରୋକି ପାରିବ । ସେମାନଙ୍କ ତୀକ୍ଷ୍ଣ କଲମ ମୂନ ପ୍ରଶାସନ ଓ ରାଜନୀତିକୁ ବେଶ ପ୍ରଭାବିତ କରୁଛି ବୋଲି ଭୋଗରାଇର ଚନ୍ଦନେଶ୍ୱରରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି । ଚନ୍ଦନେଶ୍ୱର ସାମ୍ବାଦିକ ମଞ୍ଚ ପକ୍ଷରୁ ଚନ୍ଦନେଶ୍ୱର ମାର୍କେଟ କମ୍ପ୍ଲେକ୍ସଠାରେ ରବିବାର ସନ୍ଧ୍ୟାରେ ଆୟୋଜିତ ସଭାକୁ ବରିଷ୍ଠ ସାମ୍ବାଦିକ ଅନନ୍ତ କୁମର ପ୍ରଧାନ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ନିର୍ଭିକତା, ସମର୍ପିତ ମନୋଭାବ ନଥିଲେ ସାମ୍ବାଦିକରେ ସଫଳତା ଅର୍ଜନ କରିବା ଅସମ୍ଭବ । ଏହାଛଡା ଗଣତନ୍ତ୍ରକୁ ସୁଦୃଢ଼ କରିବା କ୍ଷେତ୍ରରେ ସେମାନଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଚନ୍ଦନେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ମୌରସୀ ତପନ କୁମାର ପଣ୍ଡା, ବିଶିଷ୍ଟ ବକ୍ତା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଆଶିଷ ଦାସ, ସଞ୍ଜିବ ସାହୁ, ରଣଜିତ ପାତ୍ର, ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, ବରିଷ୍ଠ ସେବାୟତ ବୃନ୍ଦଦେବ ପଣ୍ଡା,ସମିତି ସଦସ୍ୟ ଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇ ଥିଲେ । ସାମ୍ବାଦିକ ଜଗନ୍ନାଥ ଗିରି ଅତିଥି ପରିଚୟ ପ୍ରଦାନ, ବରିଷ୍ଠ ସମ୍ବାଦିକ ସୁବାସ ଦାସ ପ୍ରାରମ୍ଭିକ ବକ୍ତବ୍ୟ ଓ ଶେଷରେ ରାଧାକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଜିଲ୍ଲା, ଜୋନ, ରାଜ୍ୟ ଏବଂ ପୂର୍ବ ଭାରତରୁ ସଫଳ ହୋଇ ଜାତୀୟ ସ୍ତରକୁ ମନୋନୀତ ହୋଇଥିବା ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ଭିତ୍ତିକ ନାଟକ "ପାରାସିଟାମଲ' ପରିବେଷଣ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ପ୍ରଧାନ, ନିର୍ଦ୍ଦେଶକ ଚନ୍ଦନ ଦାସ, ସ୍କ୍ରିପ୍ଟ ରାଇଟର ଦେବବ୍ରତ ଦେ ସମେତ କଳାକାର ଶିବ ନାରାୟଣ ଦାସ, ଜୟଶ୍ରୀ ମହାପାତ୍ର, ସୁଲଗ୍ନା କରଣ, ସୌରଭ ସାହୁ, ଶୁଭୟନ ଦାସ ଅଧିକାରୀ, ବିବେକାନନ୍ଦ ପ୍ରଧାନ, ଶିବ ଶଙ୍କର ଗିରି, ମୃତ୍ୟୁଞ୍ଜୟ ଦେ ପ୍ରମୁଖଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ସୁଶାନ୍ତ ମଣ୍ଡଳ, ବନମାଳୀ ବେହେରା, ନିମାଇଁ ଚରଣ ପତ୍ର, ଗଣେଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚଳନାରେ ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୭।୧୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଜଳେଶ୍ୱର ନଗର, ଖଣ୍ଡ, ବସ୍ତା ବାଲିଆପାଳ ଓ ଭୋଗରାଇ ଖଣ୍ଡର ଯୁବକ ମାନଙ୍କୁ ନେଇ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ବିଭାଗ ସଂଘଚାଳକ ପାର୍ଥସାରଥି ଦାସ ଉପସ୍ଥିତ ରହି ଯୁବକମାନଙ୍କୁ ରାଷ୍ଟ୍ର ପ୍ରେମରେ ନିମଗ୍ନ ହେବାକୁ କହିଥିଲେ । ମୁଖ୍ୟ ଅତିଥି ସଂଗ୍ରାମ କେଶରୀ ପଟ୍ଟନାୟକ,




ଅଧାପକ ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ସମ୍ମାନିତ ଅତିଥି ଓଡ଼ିଶାର ପୂର୍ବ ଓ ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ମତ ରଖିଥିଲେ । ବାଲେଶ୍ୱର ଜିଲ୍ଲା ସଂଘଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ଜିଲ୍ଲା କାର୍ଯ୍ୟବାହ ବିଜୟ କୁମାର ଦାସ, ବିଭାଗ ପ୍ରଚାରକ ବିଷ୍ଣୁଚରଣ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ସହପାଠୀଙ୍କ ମାଡ଼ରେ ଅଷ୍ଟମ ଶ୍ରେଣୀ ଛାତ୍ର ଗୁରୁତର

**ଖଇରା,୧୭ ।୧୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୨ଜଣ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ଜଣକର ଅବସ୍ଥା ଗୁରୁତର ହୋଇ ପଡିଛି । ଜଣେ ସହପାଠୀଙ୍କ ବୋତଲ ମାଡରେ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରଭାସ ବେହେରା ଗୁରୁତର ଆହତ ହୋଇଛନ୍ତି । ପ୍ରଥମେ ଖଇରା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ବଗେଇପୁର ଗ୍ରାମର ପ୍ରଭାସ ନିଜ ସହପାଠୀଙ୍କ ସହ ଜଳଖିଆ ଖାଇବା ପରେ କୌଣସି କଥାକୁ ଯୁକ୍ତିତର୍କ ହୋଇଥିଲା । ସହପାଠୀ ଜଣକ ପାଣି ବୋତଲରେ ଗୁପ୍ତାଙ୍ଗକୁ ବାଡେଇବା ପରେ ପ୍ରଭାସ ଗୁରୁତର ହୋଇ ପଡିଥିଲେ । ପିଲାଟି କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛି ।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ଖଇରା,୧୭ ।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ରଟିଣା ପଞ୍ଚାୟତର ମିଟି ନାୟକ(୮୦) ସୋମବାର ଅପରାହ୍ନରେ ଇହଲୀଳା ସମ୍ବରଣ କରିଛନ୍ତି । ମଧ୍ୟମ ପୁତ୍ର ଶମ୍ଭୁନାଥ ନାୟକ ଖଇରା ବ୍ଲକରେ ପ୍ରଗତିବାଦୀ ପ୍ରତିନିଧି ଭାବେ କାର୍ଯ୍ୟରତ ଥିବା ବେଳେ ବଡପୁଅ ଭଗବାନ ନାୟକ ଶିକ୍ଷୟତାରୁ ଅବସର ନେଇସାରିଛନ୍ତି ଏବଂ ସାନପୁଅ ସରୋଜ ନାୟକ ବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ମୃତ୍ୟୁ ଖବରପାଇ



ରଟିଣା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ମହାନ୍ତି, ସାଇ ସଙ୍ଗଠନ ସମ୍ପାଦକ ଅକ୍ଷୟ ମହାନ୍ତି, ସଭ୍ୟ ସାଗର ସାହୁ ଓ କୈଳାସ ରାଉତ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ସେହିଭଳି ଖଇରା ସାମ୍ବାଦିକ ସଂଘ ତରଫରୁ ଶୋକବ୍ୟକ୍ତ କରାଯାଇଛି ।

## ଅଞ୍ଜନଙ୍କୁ ତ୍ରିପୁରା ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ପ୍ରଭାରୀ ଦାୟିତ୍ୱ

**ଜଳେଶ୍ୱର ବ୍ଲକ, ୧୭।୧୧ (ସମିସ):** ଜଳେଶ୍ୱରର ଯୁବ ନେତା ଅଞ୍ଜନ କୁମାର ସିଂହଙ୍କୁ ତ୍ରିପୁରା ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆର ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି । ରାଷ୍ଟ୍ରୀୟ



ଯୁବ କଂଗ୍ରେସ ଚେୟାରମ୍ୟାନ ମନୁ ଜୈନ ବିଜ୍ଞପ୍ତି ଜାରି କରିଛନ୍ତି । ଏଥି ପାଇଁ ସିଏ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲୀକା ଅର୍ଜୁନ ଖଡ଼ଗେ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ପ୍ରଭାରୀ ମନିଷ ଶର୍ମା, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିପ, ଓଡିଶା ପିସିସି ସଭାପତି ଭକ୍ତ ଦାସ, ଯୁବ କଂଗ୍ରେସ ସୋସିଆଲ ମିଡିଆ ରାଷ୍ଟ୍ରୀୟ ସଂଯୋଜକ ସୌରଭ ପାୱାର, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡ଼ଃ. ସ୍ମୃତି ରଞ୍ଜନ ଲେଙ୍କା, ଅଭିଳାଷ ପତି, ଓଡିଶା ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ଚେୟାରମ୍ୟାନ ସୁଦର୍ଶନ ଦାସ, ହେମନ୍ତ ଗିରି ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ସିଂହଙ୍କ ଘର ରାଇବଣିଆ ଥାନା ଅନ୍ତର୍ଗତ ଓଲମରା ଗ୍ରାମରେ ।

### ଜଗନ୍ନାଥ ଦର୍ଶନ ସାରି ଫେରୁଥିବାବେଳେ ବସ୍ତା ଷ୍ଟେସନ୍‌ରେ ଅଘଟଣ

# ଟ୍ରେନରୁ ଖସିପଡ଼ି ମହିଳା ମୃତ; ୨ ଅଳ୍ପକେ ବର୍ତ୍ତିଲେ

ବସ୍ତା ବ୍ଲକ, ୧୭।୧୧ ( ସମିସ)



ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ପରିବାର ବର୍ଗଙ୍କୁ ନେଇ ଯାଇଥିଲେ ପୁରୀ । ଦର୍ଶନ ସାରି ହାତରେ ଭୋଗ ସହ ଅନ୍ୟାନ୍ୟ ସାମଗ୍ରୀ କିଣି ହସ ଖୁସିରେ ଘରକୁ ଫେରିବା ପାଇଁ ରବିବାର ଚଢ଼ିଥିଲେ ପୁରୀ - ଜଳେଶ୍ୱର ମେମୁ ପାସେଞ୍ଜର । ଓହ୍ଲାଇବାର ଷ୍ଟେସନ ଥିଲା ବସ୍ତା । ଘରକୁ ଫେରିବା ପାଇଁ ଷ୍ଟେସନରେ ଅପେକ୍ଷା କରିଥିଲା ୩ ଟି ଅଟୋ । ରାତି ୧୦ଟା ପରେ ବସ୍ତା ଷ୍ଟେସନରେ ପହଞ୍ଚିଥିଲା ଟ୍ରେନ । ସାଙ୍ଗରେ ଥିବା ୨୫ ରୁ ଉର୍ଦ୍ଧ୍ୱ ଲୋକ ଟ୍ରେନରୁ ଓହ୍ଲାଉ ଥିବାବେଳେ ହଠାତ ଟ୍ରେନ ଛାଡ଼ି ଦେଇଥିଲା । ଏହି ସମୟରେ ଟ୍ରେନ୍‌ରୁ ଓହ୍ଲାଇ ପାରି ନ ଥିଲେ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ଯାତ୍ରୀ । ପରିବାର ଲୋକେ ସବୁ ଓହ୍ଲାଇ ସାରିଥିବା ବେଳେ ଚଳନ୍ତା ଟ୍ରେନରୁ ୩ ଜଣ ଯାତ୍ରୀ ଡିଆଁ ମାରି ଦେଇ ଥିଲେ । ଫଳରେ ପ୍ଲାଟଫର୍ମ ଉପରେ ଜଣେ ମହିଳା ଓ ପୁରୁଷ ଯାତ୍ରୀ ପଡ଼ି ଯାଇ ଆହତ ହେବା ସହିତ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଅନ୍ୟ ଜଣେ ମହିଳା ଯାତ୍ରୀ ବ୍ୟାଗ୍ ଧରି ଡେଇଁବା ଫଳରେ ରେଳ ଧାରଣା ଭିତରକୁ ପଶି ଯାଇଥିଲେ । ଫଳରେ ତାଙ୍କ ଦୁଇଟି ଗୋଡ଼ କଟି ଯାଇଥିଲା । ଏହି ଘଟଣା ପରେ ସମସ୍ତେ ସ୍ତବ୍ଧ ହୋଇ ଯାଇଥିଲେ । ଏ ନେଇ ବସ୍ତା ଦମକଳ କେନ୍ଦ୍ରକୁ ଖବର ଦେବା ପରେ ଦମକଳ ବାହିନୀ ବସ୍ତା ଷ୍ଟେସନରୁ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲ କୁ ନେଇ ଯାଇଥିଲେ ଏବଂ ଏକ ଆମ୍ବୁଲାନ୍ସରେ ତାଙ୍କ କଟା ଗୋଡ଼କୁ ନିଆ ଯାଇଥିଲା । ତାଙ୍କୁ ବସ୍ତାରୁ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ ମହିଳା ଜଣକ ହେଲେ ବାଲିଆପାଳ ଥାନା ଅନ୍ତର୍ଗତ ପାଳ ଜାମକୁଣ୍ଡା ଗ୍ରାମର ଶାନ୍ତିଲତା ଜେନା (୬୫) ବୋଲି ରେଳବାଇ ପୁଲିସ ପକ୍ଷରୁ ଜଣା ପଡିଛି । ତୀର୍ଥଯାତ୍ରାରୁ ମହିଳାଙ୍କ ଶେଷ ଯାତ୍ରାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ମୟୂରଭଞ୍ଜରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ବାଟବଣା

# ନିର୍ମାଣାଧୀନ ୧୧୭ ୯; ଆରମ୍ଭ ହୋଇନି ୫୨୬ ଗୃହ

ବାରିପଦା, ୧୭ ।୧୧(ସମିସ)

ସହରାଞ୍ଚଳରେ ଆବାସହୀନ, ଅର୍ଥନୈତିକ ଭାବରେ ଦୁର୍ବଳ ଏବଂ ନିମ୍ନ ଆୟବର୍ଗଙ୍କ ପାଇଁ ସ୍ୱପ୍ନ ସାକାର କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ); ହେଲେ ଏହି ଯାଜନା ଏବେ ବାଟବଣା ହୋଇଛି। ଫଳରେ ଏହି ଯୋଜନା ଜିଲ୍ଲାରେ ଉଲ୍ଲେଖନୀୟ ଅଗ୍ରଗତି କରିପାରୁନାହିଁ। ଜିଲ୍ଲାର ୪ଟି ସହରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସମ୍ପ୍ରତି ପ୍ରାପ୍ତ ତଥ୍ୟ ଅନୁସାରେ, ଜିଲ୍ଲାରେ ମୋଟ ୭୯୩୭ଟି ଉପରୋକ୍ତ ଆବାସ ଘର ପାଇଁ ଯୋଜନା ଅନୁମୋଦିତ ହୋଇଛି। ଏଥିମଧ୍ୟରୁ ୭ହଜାର ୭୨୮ଟି ଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ ହୋଇସାରିଛି। ତନ୍ମଧ୍ୟରୁ ୬୭୬ଟି ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ହିତାଧିକାରୀଙ୍କୁ ହସ୍ତାନ୍ତରିତ ହୋଇଛି ବା ହେବାର ଅଛି। ବର୍ତ୍ତମାନ ୧୧୭୯ଟି ଘର ନିର୍ମାଣଧୀନ ଅବସ୍ଥାରେ ରହିଥିବାବେଳେ ଶୀଘ୍ର ଏଗୁଡ଼ିକ ସମ୍ପୂର୍ଣ୍ଣ ହେବାର ଆଶା ରଖାଯାଇଛି; ତଥାପି ୫୨୬ଟି ଘର ଆରମ୍ଭ ହୋଇ ନାହିଁ। ଫଳରେ ଏହାକୁନେଇ ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଚଳିତ ଆର୍ଥିକ ବର୍ଷ ଆରମ୍ଭରେ ଏହି ଯୋଜନା ଆରମ୍ଭ ହେବା ପୂର୍ବକ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା; ହେଲେ ନିର୍ମାଣ ପାଇଁ ସାମଗ୍ରୀ ଅଭାବ ତଥା ରେଟରେ ଅହେତୁକ ବିଳମ୍ବ, ଏକାଧିକ ସହରାଞ୍ଚଳରେ ରହୁଥିବା ହିତାଧିକାରୀଙ୍କ ଜାଗାକୁ ନେଇ ବିବାଦ ଓ ଦରଦାମ ବୃଦ୍ଧି ଏହି ଗୃହ ନିର୍ମାଣରେ ଅନ୍ତରାୟ ସୃଷ୍ଟି କରିଛନ୍ତି। ଏହି ଯୋଜନାର



ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'ସମସ୍ତଙ୍କ ପାଇଁ ପକ୍କାଘର' ନୀତିର ଅନ୍ତର୍ଗତ ୨୦୨୨ ସୁଦ୍ଧା ସହରାଞ୍ଚଳ କ୍ଷେତ୍ରରେ ସମସ୍ତଙ୍କୁ ଆବାସ ସୁବିଧା ପ୍ରଦାନ କରିବା। ତେବେ ସୂଚନା ମୁତାବକ ବାରିପଦା (ନଗର ପାଳିକା)ରେ ସର୍ବାଧିକ ୩୩୦୮ଟି ଘର ପାଇଁ ଯୋଜନା ଅନୁମୋଦିତ ହୋଇଥିଲା। ଏବେ ଏଠାରେ ୩୧୬୪ଟି ପାଇଁ କାର୍ଯ୍ୟ ନିର୍ଦ୍ଦେଶ ଜାରି ହୋଇଥିବାବେଳେ ୫୨୨ଟି ଘର ନିର୍ମାଣଧୀନ, ୨୩୮୧ଟି ସମ୍ପୂର୍ଣ୍ଣ ଏବଂ ୨୬୧ଟି ଆରମ୍ଭ ହୋଇନାହିଁ। ସେହିପରି ରାଇରଙ୍ଗପୁର (ନଗର ପାଳିକା) ରେ ୧୮୦୧ଟି ଘର ପାଇଁ ଯୋଜନା ହୋଇଥିଲା। ଏଠାରେ ୧୭୫୯ଟି ଘର ପାଇଁ କାର୍ଯ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ସହରରେ ୨୦୧ଟି ନିର୍ମାଣଧୀନ ରହିଥିବାବେଳେ ୧୪୭୯ଟି ସମ୍ପୂର୍ଣ୍ଣ ଏବଂ ୭୯ଟି ଆରମ୍ଭ

**ବିବାଦ ଓ ଦରଦାମ ବୃଦ୍ଧି ଗୃହ ନିର୍ମାଣରେ ଅନ୍ତରାୟ ସୃଷ୍ଟି**

ହୋଇନାହିଁ। ସେହିପରି କରଞ୍ଜିଆ (ବିଜ୍ଞାପିତ ଅଞ୍ଚଳ) ରେ ୧୭୭୮ଟି ଘର ପାଇଁ ଯୋଜନା ହୋଇଥିଲା। ୧୭୬୭ଟି ପାଇଁ କାର୍ଯ୍ୟ ନିର୍ଦ୍ଦେଶ ରହିଥିଲା। ଏହିଠାରେ ୨୯୯ଟି ଘର ନିର୍ମାଣଧୀନ ରହିଥିବାବେଳେ ୧୩୬୨ଟି ସମ୍ପୂର୍ଣ୍ଣ ଏବଂ ୧୦୬ଟି ଆରମ୍ଭ ହୋଇନାହିଁ। ସେହିପରି ଉଦଳା (ବିଜ୍ଞାପିତ ଅଞ୍ଚଳ)ରେ ୧୦୫୦ ଟି ଘର ପାଇଁ ଯୋଜନା ହୋଇଥିଲା। ଏଠାରେ ୧୦୩୮ଟି ପାଇଁ କାର୍ଯ୍ୟାଦେଶ ରହିଥିଲା। ଏ ଯାଏ ୧୪୪ଟି ନିର୍ମାଣଧୀନ ରହିଥିବାବେଳେ ୮୬୭ଟି ସମ୍ପୂର୍ଣ୍ଣ ଏବଂ ୨୭ଟିର କିଛି ବି ଆରମ୍ଭ ହୋଇନାହିଁ। ସହରର ଆବାସହୀନ ଏବଂ ଗରିବଙ୍କ ପାଇଁ ଆଶାର କିରଣ ଭାବେ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଜିଲ୍ଲାରେ ପରିବର୍ତ୍ତନ ଆଣିଛି। ତେବେ ନିଜସ୍ୱ ଜମିରେ ଘର ନିର୍ମାଣ କରୁଥିବା ଅର୍ଥନୈତିକ ଭାବରେ ଦୁର୍ବଳ ଶ୍ରେଣୀ ଲାଭାର୍ଥୀଙ୍କୁ ପ୍ରତ୍ୟେକ ଘର ପାଇଁ ୧.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳୁଛି। ସାମୂହିକ ଆବାସ ଯୋଜନା ମାଧ୍ୟମରେ ଲାଭାର୍ଥୀଙ୍କ ପାଇଁ ଗଠିତ ସମ୍ଭାବନା ଆବାସ ଯୋଜନାରେ ପ୍ରତ୍ୟେକ ଘର ପାଇଁ ୧.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଏ। 'ଘର ଯୋଜନା' ବସ୍ତି ଅଞ୍ଚଳର ପୁନର୍ବାସ ପାଇଁ ପ୍ରତ୍ୟେକ ଘର ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ମିଳେ। ଆବାସୀୟ ସହାୟତା ଯଥା ଘର କିଣିବା କିମ୍ବା ନିର୍ମାଣ କରିବା ପାଇଁ ବ୍ୟାଙ୍କ ଋଣ ନେଉଥିବା ଯୋଗ୍ୟ ପରିବାରଙ୍କୁ ଋଣ ଉପରେ ୧.୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ରିହାତି ମିଳୁଛି। ଏନେଇ ଜିଲ୍ଲା ସହାରାଞ୍ଚଳ ଉନ୍ନୟନ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ହିତାଧିକାରୀଙ୍କୁ ତୃଣମୂଳ ସ୍ତରରେ ରହିଥିବା କର୍ମଚାରୀଙ୍କ ମାଧ୍ୟମରେ ଘର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ଯେଉଁମାନେ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିପାରୁନାହାନ୍ତି, ସୋମାନେ କିପରି ଶେଷ କରିବେ ସେ ନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

### ଜାତୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା

## ଦର୍ଶକଙ୍କୁ ବିମୋହିତ କଲା ନାଟକ 'କମଳା'



**ବାରିପଦା, ୧୭ ।୧୧(ସମିସ):** ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଜୀବନ ରେଖା ଥିଏଟର, ଭୁବନେଶ୍ୱର ପ୍ରଯୋଜିତ ଓଡ଼ିଆ ନାଟକ 'କମଳା' ମଞ୍ଚସ୍ଥ ହୋଇଛି। ବିଜୟ ତେନ୍ଦୁଲକରଙ୍କ ରଚିତ ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ନାଟକରେ ସତ୍ୟନାରାୟଣ ନନ୍ଦୀ, ରୋହନ ଯାଦବ, ଆଶିଷ ରାଉତ, ଶୁଭଶ୍ରୀ, ସ୍ୱଧା ଓ ଶୁଭସ୍ମିତା ମଲ୍ଲ ଅଭିନୟ କରିଥିଲେ। ଅନୁସୃଜନରେ ଚିନ୍ମୟୀ ଷଡ଼ଙ୍ଗୀ, ସଙ୍ଗୀତରେ ପ୍ରତାପ ରାଉତ, ଆଲୋକରେ ସଞ୍ଜୟ ସାହା, ମଞ୍ଚସଜ୍ଜାରେ ଅଶୋକ କର ଓ ମଞ୍ଚ ପରିଚାଳନାରେ ତପନ ମହାନ୍ତି ସହଯୋଗ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଉଷା ଶତପଥି ସନ୍ଧ୍ୟାର ନାଟକର ଉଦଘାଟନ କରିବା ସହ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବର ଆୟୋଜନ ସ୍ଥାନୀୟ କରକାରଙ୍କୁ ଉତ୍ସାହିତ କରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା ଓ ପ୍ରତିଷ୍ଠାତା ବିଶିଷ୍ଟ ପ୍ରତିଷ୍ଠାତା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବଶା ବାରିପଦାରେ ନାଟକର ଇତିହାସ ଉପରେ ଆଲୋକପାତ କରିଥିଲେ। ଅଭିନେତା କୃଷ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଓ ୫ମ ସନ୍ଧ୍ୟାରେ ଶାନ୍ତିକୃପା, ଭୁବନେଶ୍ୱର ପ୍ରଯୋଜିତ ଓଡ଼ିଆ ନାଟକ 'ପ୍ରେମ ପ୍ରୀତି' ମଞ୍ଚସ୍ଥ ହେବ।

### ମାରାଂବୁରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

## କାର୍ତ୍ତିକ୍ ଫାଇଟର ଚାମ୍ପିଅନ



**ବଡସାହି, ୧୭ ।୧୧(ସମିସ):** ବଡସାହି ବ୍ଲକ ଅଧିନ ମାଣତ୍ରୀ ପଞ୍ଚାୟତ ମାଳିହାତୀ ଠାରେ ମାରଙ୍ଗବୁରୁ ଫୁଟବଲ କ୍ଲବ୍ର ଆନୁକୂଲ୍ୟରେ ।୧୩ ତମ ଏକ ଦିବସୀୟ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୮ଟି ନାମୀଦାମୀ ଟିମ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ମୁସଲିମ ବାୟର ଓ କାର୍ତ୍ତିକ ଫାଇଟର ଭଲ ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କାର୍ତ୍ତିକ୍ ଫାଇଟର ୯-୮ ଗୋଲରେ ମୁସଲିମ ବାୟରକୁ ହରାଇ ଚଳିତ ?ର୍ଷ ଚମ୍ପିୟାନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ମହାଦେବ ସିଂ, ସମ୍ମାନିତ ଅତିଥି ସମାଜସେବୀ କମଳାକାନ୍ତ ଜେନା, ବୁଧିବାସ ଟୁଡୁ, ଧନଞ୍ଜୟ ସାହୁ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। କ୍ଲବ ପକ୍ଷରୁ ସଭାପତି ରାମେଶ୍ୱର ମାରାଣ୍ଡି, ସମ୍ପାଦକ ରବି ସୋରେନଙ୍କ ସହିତ ଦିପୁ, ରଥ, ଭାରତ, ସିପୁନ, ବିଜୁ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ରକ୍ତଦାନ ଶିବିର; ୫୫ ୟୁନିଟ୍ ସଂଗୃହୀତ



**ବାରିପଦା, ୧୭ ।୧୧(ସମିସ):** ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ସୋମବାର ମୟୂରଭଞ୍ଜ ଉପନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟ ପରିସରରେ ଉପନିବନ୍ଧକ ଅଶୋକ କୁମାର ପାଣିଙ୍କ ପରାମର୍ଶ ଓ ପୌରୋହିତ୍ୟରେ ଏକ ଜିଲ୍ଲାସ୍ତରୀୟ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ସାରସକଣା ବିଧାୟକ ଭାଦବ ହାଁସଦା ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ତୁଷାର କାନ୍ତି ମହାନ୍ତି, ବରିଷ୍ଠ ସହକାରୀ ନିବନ୍ଧକ, ବାରିପଦା ଓ ରାଇରଙ୍ଗପୁର ମଣ୍ଡଳ, ସୁକୁରାମ ସିଂ, ଭାରପ୍ରାପ୍ତ ସହକାରୀ ନିବନ୍ଧକ, କପ୍ତିପଦା ମଣ୍ଡଳ, ଦେବୀଦତ୍ତ ଦାଶ, ସଭାପତି, ଆରସିଏମଏସ, ବାରିପଦା ଓ ଅମର ପ୍ରସାଦ ସେଠୀ, ଆଜୀବନ ରକ୍ତଦାତା ଉପସ୍ଥିତ ଥିଲେ। ଏଥ ସହିତ ଡାକ୍ତର ସୌମ୍ୟ ରଞ୍ଜନ ନାୟକ, ଏଲଟି ସତ୍ୟ ମହନ୍ତ, ଷ୍ଟାଫ ନର୍ସ ରୁଚିକା ଖୁରାନା, ଆଟେଣ୍ଡ ଧିରେନ ମୁଖୀ, ପ୍ରଦୀପ ଉପଧ୍ୟାୟ, ସଭାପତି, ମୟୂରଭଞ୍ଜ ଜିଲ୍ଲା ସମବାୟ ସଂଘ, ଉପସହକାରୀ ନିବନ୍ଧକ ବିଜୟ ଟୁଡୁ, ସତ୍ୟଜୀତ ବାରିକ, ଦିଲ୍ଲୀପ ପାତ୍ର, ଜ୍ୟୋତ୍ସ୍ନା ମଣି ସୋରେନ, ବିଷ୍ଣୁ ପ୍ରିୟା ସିଂ ସହ ସମବାୟ ବିଭାଗ ଓ ଲ୍ୟାମ୍ପ୍ସର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଶିବିରରୁ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ସର୍ଦ୍ଦାର ପଟେଲଙ୍କ ଜନ୍ମ ବାର୍ଷିକୀରେ ଏକତା ପଦଯାତ୍ରା

**ବାରିପଦା, ୧୭ ।୧୧(ସମିସ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ 'ଏକତା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ, ପୂର୍ବତନ ବିଧାୟକ କାହ୍ନୁ ସୋରେନ ପ୍ରମୁଖ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନର ଆଦର୍ଶ ଓ ଦୃଢ଼ମନା ମନଭାବର ସ୍ମୃତିଚାରଣ କରିଥିଲେ। ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟ ସମୂହର ମିଶ୍ରଣ କେବଳ ତାଙ୍କର ବଳିଷ୍ଠ ଉଦ୍ୟମରେ ସମ୍ଭବ ହୋଇପାରିଥିଲା ଅତିଥିମାନେ ବୋଲି କହିଥିଲେ। ଭାରତକୁ ଏକ ସୁସ୍ଥ ଓ ନିଶାମୁକ୍ତ ରାଷ୍ଟ୍ର ଭାବେ ଗଠନ କରିବା, ସ୍ୱଦେଶୀକୁ ଆପଣାଇ ଏକ ଭାରତ -ଆତ୍ମନିର୍ଭର ଭାରତ



ଗଠନ କରିବା ଲକ୍ଷ୍ୟ ନେଇ ଏହି ପଦଯାତ୍ରା ଆୟୋଜିତ ହେଉଛି ବୋଲି କହିଥିଲେ। ଏହି ପଦଯାତ୍ରା ଛଉ ପଡ଼ିଆ ଠାରୁ ଆରମ୍ଭ ହୋଇ ସହରରେ ପ୍ରାୟ ୧୦ କିମି ପରିକ୍ରମା କରିଥିଲା। ପରେ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କୃଷ୍ଣଚନ୍ଦ୍ର ଗୋଲେଇ ନିକଟ ମଞ୍ଚରେ ଦେଶାତ୍ମବୋଧ ଓ ମୟୂରଭଞ୍ଜର ପାରମ୍ପରିକ ଛଉ ନୃତ୍ୟ ଓ ଆଦିବାସୀ ସଂସ୍କୃତି ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଦଯାତ୍ରା ଛଉ ପଡ଼ିଆ ଠାରୁ ବାହାରି, ଅଗ୍ନିଶମ ଅଫିସ, ବେଲଗଡ଼ିଆ, ମା ଅମ୍ବିକା ମନ୍ଦିର, ଏମପିସି ଜୁନିଅର କଲେଜ, ଶ୍ରୀଜଗନ୍ନାଥ ମନ୍ଦିର, ବାଲେଶ୍ୱର ଗୋଲେଇ, ଟ୍ରାଫିକ ଛକ, ବିଜୁ ପଟ୍ଟନାୟକ ଛକ, କଚେରୀ ରୋଡ଼ ଦେଇ ଛଉ ପଡ଼ିଆ ଠାରେ ସମାପନ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ କ୍ରୀଡା ସମାବେଶ ରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜନପ୍ରତିନିଧି, ବିଜେପି ଦଳର ନେତୃ ବୃନ୍ଦ, କର୍ମକର୍ତ୍ତା, ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ପୁଲିସ ଅଧିକାରୀ ବୃନ୍ଦ, ଛାତ୍ରଛାତ୍ରୀ, କ୍ରୀଡା ଛାତ୍ରାବାସର ଅନ୍ତେବାସୀ, ସ୍ୱେଚ୍ଛାସେବୀ, ବିଭିନ୍ନ କ୍ରୀଡ଼ାବିତ, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ କବାଡ଼ି ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୪ କ୍ରୀଡ଼ାବିତ୍

**ବାରିପଦା, ୧୭ ।୧୧(ସମିସ):** ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ବଣେଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଏବଂ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ଛାତ୍ରଛାତ୍ରୀ ଯୋଗ ଦେବେ। ବାଳକ ଟିମ ମ୍ୟାନେଜର ଭାବେ ପିଇଟି ରାମ ନାରାୟଣ ପାଣ୍ଡେ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଆରତୀ ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାରୁ




୨୪ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଲିପୁନ ଦାସ, ସତ୍ୟମ ଗିରି, ଅର୍ପିତ ଅମିତାଂଶୁ ନାଏକ, ସ୍ୱନେଶ୍ୱର ଦଳେଇ, ବଣ୍ଟୁ ସିଂ, ଜ୍ୟୋତି ଶେଖର ନାଏକ, ଚନ୍ଦନ ସିଂ, କରଣ ଅର୍ଜୁନ ମହାନ୍ତ, ଦେବ କାରୁଆ, ଅସ୍ମିତ ରାଉତ, ଏସ. କେ. ଥହୀର କୌସର, ସାଇ ଶଙ୍କର ସାହୁ ଓ ବାଳିକା ବିଭାଗରେ ମାମୁନୀ ସିଂ, ମାଳତୀ ବେଶ୍ରା, ଦିଗି ସୋରେନ, ଫୁଲମଣି ଟୁଡୁ, ଛିତାମଣି ମାରାଣ୍ଡି, ବାସନ୍ତୀ ଗୁଇଆ, ପାନ ବେଶ୍ରା, ସୋନାମଣୀ ମୁଣ୍ଡାରୀ, ପୂଜା ହେମ୍ବ୍ରମ, କରମୀ ଟୁଡୁ, ଲକ୍ଷ୍ମୀ ସିଂ, ଶାନ୍ତି ହେମ୍ବ୍ରମ।

**ଚାଲାଣ ବେଳେ ୫ ଗୋରୁ ଉଦ୍ଧାର**

**ବାରିପଦା, ୧୭।୧୧(ସମିସ):** ଏକ ପିକଅପ୍ ଭ୍ୟାନରେ ବେଆଇନ ଭାବେ ଗୋଚାଲାଣ ହେଉଥିବାବେଳେ ୫ଟି ଗୋରୁକୁ ପୁଲିସ ଉଦ୍ଧାର କରିଛି। ବାରିପଦାରୁ ଦେଉଳିପଟକୁ ଗୋରୁଗୁଡ଼ିକୁ ୩ଜଣ ନେଉଥିବା ବେଳେ ଗାଡିକୁ ଅଟକାଇ ପୁଲିସକୁ ଫୋନ କରିଥିଲେ। ବାରିପଦା ସଦର ଥାନା ପୁଲିସ ପହଞ୍ଚି ସମସ୍ତ ଗୋରୁକୁ ଉଦ୍ଧାର କରିଛି। ଅତି ଅମାନବୀୟ ଭାବେ ଭ୍ୟାନରେ ଲୋଦି ନେଉଥିବା ବେଳେ ଏନେଇ କୋଣସି କାଗଜପତ୍ର ମଧ୍ୟ ଦେଖାଇପାରି ନ ଥିଲେ। ଅଭିଯୋଗକ୍ରମେ ପୁଲିସ ବେଆଇନ ଭାବେ ଗୋରୁ ଚାଲାଣ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆନ୍ତଃ କଲେଜ ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

**ବାରିପଦା, ୧୭ ।୧୧(ସମିସ):** ଏମପିସି ସ୍ୱୟଂ ଶାସିତ କଲେଜର ଇଣ୍ଡୋର ଷ୍ଟାଡିୟମରେ ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ସମୂହକୁ ନେଇ ଆନ୍ତଃ କଲେଜ ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏମପିସି କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ। କ୍ରୀଡା ହିଁ ଶୃଙ୍ଖଳିତ ଜୀବନକୁ ଗଢିଥାଏ। ଛାତ୍ରଛାତ୍ରୀ ପାଠ ପଢ଼ା ବ୍ୟତୀତ କ୍ରୀଡା ନିପୁଣ ହେଲେ ରାଷ୍ଟ୍ରର ବିକାଶ ହୋଇପାରିବ ବୋଲି ଅଧ୍ୟକ୍ଷ କହିଥିଲେ। ପୁରୁଷ ଓ ମହିଳା ବର୍ଗରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବର୍ଗରେ ୧୬ ଓ ମହିଳା ବର୍ଗରେ ୧୪ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଏମପିସି କଲେଜର ପିଇଟି ସତ୍ୟନାରାୟଣ ବାରିକ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହେଉଛି। ଏହି ଟୁର୍ନାମେଣ୍ଟରେ ବାଳିକା ମହିଳା କମନ ରୁମର ଉପସଭାପତି ରାଇମଣି ମାରାଣ୍ଡି, ବାଳକ କମନ ରୁମର ଉପ ସଭାପତି ଡକ୍ଟର ଟୁଡୁ, ଶାରୀରିକ ଶିକ୍ଷା ଆସୋସିଏସନ ର ଉପ ସଭାପତି ଡ. ଦୀପକ କୁମାର ବେହେରା, ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ ସୋନାଲି ମହାନ୍ତ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବରେ ଜାତୀୟସ୍ତରୀୟ ବେଡ଼ମିଣ୍ଟନ ଖେଳାଳି ନିଶାନ କୁମାର, ମଞ୍ଜିତ ସିଂହ ଓ ମନମୋହନ ମୁର୍ମୁ ଖେଳ ପରିଚାଳନା କରୁଛନ୍ତି। କ୍ରୀଡା ପ୍ରଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ଓ କିଶୋର ଦାସ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଉଦଯାପନୀ ସମାରୋହ ଆୟୋଜିତ ହେବା ପୁରସ୍କାର ବିତରଣ କରାଯିବ। ବିଶ୍ୱବିଦ୍ୟାଳୟ କୁଳପତି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ପୂର୍ତ୍ତ ବିଭାଗର ନୂତନ ସେକ୍ସନ ଖୋଲିବାକୁ ସାଂସଦଙ୍କ ଦାବି



**ବାରିପଦା, ୧୭ ।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ପୂର୍ତ୍ତବିଭାଗ ଅଧୀନରେ ଥିବା ବାରିପଦା ଡିଭିଜନଟିରେ ଏକ ବ୍ୟାପକ ଅଞ୍ଚଳ ଅନ୍ତର୍ଭୁକ୍ତ। ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ ଛୋଟ ବଡ ରାସ୍ତା ପୂର୍ତ୍ତ ବିଭାଗ ଅଧୀନକୁ ଆସି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ମାତ୍ର ଏହା ଗୋଟିଏ ଡିଭିଜନ ହୋଇଥିବାରୁ ଅଧିକ କାର୍ଯ୍ୟ ଚାପ ଯୋଗୁଁ ସେ ସେବୁ କାର୍ଯ୍ୟକୁ ଠିକ ଭାବେ ତଦାରଖ ହୋଇପାରୁନାହିଁ। ଏପରିକି ଠିକ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ମଧ୍ୟ ହୋଇପାରୁନାହିଁ। ଅତ୍ୟଧିକ କାର୍ଯ୍ୟ ଭାର ଯୋଗୁଁ ଏସବୁ କାର୍ଯ୍ୟର ପ୍ରଗତି ମଧ୍ୟ ହୋଇପାରୁନାହିଁ। ତେଣୁ ସାରସକଣା ନିର୍ବାଚନ ମଣ୍ଡଳୀ ଝାରପୋଖରିଆ ଓ ବାଙ୍ଗିରପୋଷି ନିର୍ବାଚନ ମଣ୍ଡଳୀରେ ଶାମାଖୁଣ୍ଟାଠାରେ ଦୁଇଟି ନୂତନ ପୂର୍ତ୍ତବିଭାଗ ସେକ୍ସନ ଖୋଲିବାକୁ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚାରଣ ମାଝୀଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି।

## ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

**ବାରିପଦା, ୧୭।୧୧(ସମିସ):** ବିଦ୍ୟାଳୟ ପରିସର ମଧ୍ୟରେ ଜଣେ ଛାତ୍ରଙ୍କୁ ଦୁର୍ବୃତ୍ତମାନେ ଏକ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ବାରିପଦା ଟାଉନ ଥାନାରେ ଅନୀଲ କୁମାର ମହାନ୍ତ ଅଭିଯୋଗ କରିଛନ୍ତି। ସେ ତକତପୁର ଅଞ୍ଚଳର ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପଢ଼ନ୍ତି। ବିଦ୍ୟାଳୟ ପରିସରରେ ଖେଳୁଥିବାବେଳେ ଉକ୍ତ ସମୟରେ ତକତପୁର ଅଞ୍ଚଳର ୪ଜଣ ଗାଳିଗୁଲଜ କରିଲେ। ସେ ଏହାକୁ ବିରୋଧ କରିବାରୁ ଧାରୁଆ ମାରଣାସ୍ତ୍ରରେ ତାଙ୍କ ମୁଣ୍ଡ, କାନ ଓ ଆଖି ଆଦିକୁ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ତାଙ୍କ ସାଙ୍ଗ ଏହାକୁ ଦେଖି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିବା ସହ ପୁଲିସକୁ ଖବର ଦେଇଥିଲେ।

## ପାଞ୍ଚପିଢ଼ ଜିଲ୍ଲା ଦାବିକୁ ବିଧାୟକଙ୍କ ସମର୍ଥନ

**କରଞ୍ଜିଆ, ୧୭।୧୧(ସମିସ):** ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଦାବିରେ ଗଠନ ହୋଇଛି ପାଞ୍ଚପିଢ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି। ଏହି ଦାବି ନିମନ୍ତେ କମିଟି ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ଏଥିପାଇଁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁଙ୍କ ସହଯୋଗ ଲୋଡ଼ୁଥିଲା କ୍ରିୟାନୁଷ୍ଠାନ କମିଟି। କମିଟି ସଭାପତି ବଞ୍ଛନିଧୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସୋମବାର କଚେରୀ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ଶ୍ରୀ ହାଇବ୍ରୁ ଯୋଗ ଦେଇଥିଲେ। ବୈଠକରେ କମିଟି ଆବାହକ ଆଇନଜୀବୀ ଜଗମୋହନ ମହାନ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ




ନିରବ ପ୍ରାର୍ଥନା କରାଯାଇଥିଲା। ପରେ କମିଟିର ଦିଲ୍ଲୀପ କୁମାର ସାହୁ, କୃପାସିନ୍ଧୁ ମହାନ୍ତ, ଏନ୍‌ଏସି ଉପାଧ୍ୟକ୍ଷ ସ୍ୱରୂପ୍ କୁମାର ପରିଜା, ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଚୌଧୁରୀ, ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଆଇନଜୀବୀ ଦିବ୍ୟପ୍ରସାଦ ସାହୁ, ରାଜେଶ ଅଗ୍ରୱାଲ, ଦୁର୍ଗାପ୍ରସାଦ ଦାସ ପ୍ରମୁଖ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ଶ୍ରୀ ହାଇବ୍ରୁରୁ ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଦାବିକୁ ସମର୍ଥ ଜଣାଇବା ସହିତ କମିଟି ସହିତ ସର୍ବଦା ମୁଁ ଅଛି ବୋଲି ମଧ୍ୟ କହିଥିଲେ। ଯଦି ମୟୂରଭଞ୍ଜକୁ ଭଙ୍ଗା ଯାଉଛି ତେବେ କରଞ୍ଜିଆ ଏକ ସ୍ୱତନ୍ତ୍ର ଜିଲ୍ଲା ହେବ; ନଚେତ ଜିଲ୍ଲାର ଚାରିଟି ଉପଖଣ୍ଡକୁ ଜିଲ୍ଲା କରାଯାଉ ବୋଲି ସେ କହିଥିଲେ। ପରବର୍ତ୍ତୀ ବୈଠକ ଡିସେମ୍ବର ୭ ତାରିଖରେ ହେବାର ସ୍ଥିର ହୋଇଛି। ଶେଷରେ କଂଗ୍ରେସ୍ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ର ସମ୍ପାଦକ ସରୋଜ କୁମାର ରାଉଳ, କୁମାର ଦେବାଶିଷ ବେହେରା, ଜନାର୍ଦ୍ଦନ ବେହେରା, ବିଜେପି କରଞ୍ଜିଆ ନଗର ମଣ୍ଡଳ ସଭାପତି ସମ୍ବିଧାନ ମହାପାତ୍ର, ପ୍ରଦୀପ କୁମାର ଚୌଧୁରୀ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତଙ୍କ ସହିତ ଶତାଧିକ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ ସମୀକ୍ଷା ବୈଠକ

ବାରିପଦା, ୧୭ ।୧୧(ସମିସ)


ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମହିଳା ସଶକ୍ତୀକରଣ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାରେ ଆଗାମୀ ଦିବରେ ମହିଳାଙ୍କ କିପରି ଆର୍ଥିକ ଅଭିବୃଦ୍ଧି ଘଟିବ ଏବଂ ସେମାନେ ଅଧିକ ସ୍ୱାବଲମ୍ବୀ ହୋଇପାରିବ ସେଦିଗରେ ଆଲୋଚନା ହୋଇଥିଲା। ମହିଳାଙ୍କ ବିକାଶ ଦିଗରେ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାଗୁଡିକର ସୁଫଳ ସମାଜରେ ତୃଣମୂଳ ସ୍ତରରେ ଥିବା ଲୋକଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ ଏବଂ ଯଦି ପହଞ୍ଚିପାରୁନାହିଁ ତେବେ ତାହାର କାରଣ କ'ଣ ଏବଂ ଏହା କିପରି ପହଞ୍ଚିପାରିବ ସେ ନେଇ ମନ୍ତ୍ରୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ



ସହିତ ଆଲୋଚନା କରିଥିଲେ। ଶୀଘ୍ର ପ୍ରଥମ ପର୍ଯ୍ୟାୟରେ ମୋରଡା ନିର୍ବାଚନ ମଣ୍ଡଳୀରେ ପ୍ରତି ଗ୍ରାମପଞ୍ଚାୟତସ୍ତରରେ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରି ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ ଶିବିର ଆୟୋଜନ କରାଯିବ। ଏଥିରେ ମହିଳାଙ୍କ ଆର୍ଥିକ ବିକାଶ ଦିଗରେ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିସହ ମହିଳା ଉଦ୍ୟୋଗୀ ଓ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡିକୁ ଓରମାସ ଓ ଆଇଟିଡିଏର ସହାୟତାରେ ଉପଯୁକ୍ତ ବିପଣନ ପାଇଁ ବ୍ୟବସ୍ଥା କରାଯିବ; ଯଦ୍ୱାରା ଅଧିକ ଲାଭରେ ସାମଗ୍ରୀକୁ ବିକ୍ରି କରାଯିବ ସେଥିପାଇଁ ମଧ୍ୟ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ମନ୍ତ୍ରୀଙ୍କ ପିଏସ ରାମଚନ୍ଦ୍ର ସୋରେନ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ପିଏ ଆଇଟିଡିଏ ପ୍ରଣୟ ବେହେରାଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




# ସମ୍ପାଦକୀୟ



ପ୍ରକୃତି-ମଣିଷ ମଧ୍ୟରେ ନୈସର୍ଗିକ ସମ୍ପର୍କର ପୁନଃପ୍ରତିଷ୍ଠା ଦ୍ୱାରା ବିଶ୍ୱର ପ୍ରମୁଖ ସମସ୍ୟାର ସମାଧାନ ସମ୍ଭବ।
-ସୁନ୍ଦରଲାଲ୍ ବହୁଗୁଣା

ସକାଳ THE SAKALA

## ସମବାୟକୁ ସୁଯୋଗ

ଇଣ୍ଟରନେଟ୍‌ରେ କାରବାର ବା ବ୍ୟବସାୟ ଉପରେ ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଉଛି। ପାରମ୍ପରିକ ବଜାର ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀର ପ୍ରାଧାନ୍ୟ କବଳରୁ ଆମଦେଶର ଆଭ୍ୟନ୍ତରୀଣ ବଜାରକୁ ସୁରକ୍ଷା ଦେବା ସକାଶେ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଓଏନଡିସି ନାମରେ ଡିଜିଟାଲ ମାର୍କେଟିଂ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ତାହା ଆଶାନୁରୂପ ଅଗ୍ରଗତି ଲାଭ କରିପାରିନାହିଁ। ତେଣୁ ସମବାୟ ଭିତ୍ତିରେ ପ୍ରସ୍ତୁତ ସାମଗ୍ରୀର ବିପଣନ ଓ ବଜାର ସୃଷ୍ଟି କରିବାରେ ଓଏନଡିସି ସହାୟତାର ହାତ ବଢ଼ାଇବ। ସମବାୟ ମନ୍ତ୍ରାଳୟ ସହ ଏନେଇ ଆରମ୍ଭ ହୋଇଥିବା କଥାବାର୍ତ୍ତା ବେଶ ଅଗ୍ରଗତି ଲାଭ କରିଥିବାରୁ ଗ୍ରାମୀଣ ସ୍ତରରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ଓ ହସ୍ତଶିଳ୍ପୀ ଏକ ବୃହତ୍ତର ବଜାର ମାଧ୍ୟମରେ ସ୍ୱାଭାବିକ ଭାବେ ଲାଭବାନ ହେବେ ବୋଲି ଆମେ ଆଶା କରିବା। ବିଭିନ୍ନ ସମବାୟ ଗୋଷ୍ଠୀର ବିକ୍ରି ଖରିଦ ବ୍ୟବସ୍ଥା ଓଏନଡିସିର ତାଲିକାଭୁକ୍ତ ହେବାକୁ ପଡ଼ିବ। ଆର୍ଥିକ ଦୃଷ୍ଟିରୁ ଦୁରବସ୍ଥାରେ ଥିବା ଦୁଇ ସଂଗଠନ ଏବେ ହାତ ମିଳାଇ ସମୃଦ୍ଧି ଓ ସମ୍ଭାବନାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ମିଳିତ ପ୍ରୟାସ ଆମାଜନ ଓ ଫ୍ଲିପକାର୍ଟ ସଂସ୍ଥାର କେତେଦୂର ସମକକ୍ଷ ହୋଇପାରିବେ ତାହା ବଡ଼ ପ୍ରଶ୍ନ।

ସରକାରଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଓଏନଡିସି ଉପଭୋକ୍ତା ବା ଖରିଦାରଙ୍କ ବିଶ୍ୱାସଭାଜନ ହୋଇପାରି ନଥିଲା। ଏବେ ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ ପାଇଁ ବଜାରର ଆସ୍ଥାଭାଜନ ହେବା ଓଏନଡିସି ପାଇଁ ଏକ ସୁଯୋଗ। କାରଣ ଆମାଜନ ଓ ଫ୍ଲିପକାର୍ଟ ଭଳି ସଂସ୍ଥା ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଉତ୍ପାଦନ କ୍ଷେତ୍ର ପ୍ରତି ଯଥୋଚିତ ଗୁରୁତ୍ୱ ଦେଇପାରିନାହାନ୍ତି। ଉପଭୋକ୍ତା ବଜାରରେ ସେସବୁର ଚାହିଦା ଏବେ ମଧ୍ୟ ରହିଛି। ଅନ୍ୟ ଏକ ଦିଗ ହେଉଛି ରିଜର୍ଭବ୍ୟାଙ୍କ ସମବାୟ ବ୍ୟାଙ୍କର ଅଂଶଧନ ପୁଞ୍ଜିବଜାରରେ ବିନିଯୋଗ ବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବାର ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ଚିଠା ନୀତି ଓ ନିୟମ ପ୍ରସ୍ତୁତ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷର ଶେଷଭାଗରେ ଚୂଡ଼ାନ୍ତ ରୂପ ନେବ। ଏଥିମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଶୀର୍ଷ ସଂଗଠନ ଏନୟୁସିଏଫଡିସ ପକ୍ଷରୁ ରିଜର୍ଭବ୍ୟାଙ୍କର ଏହି ପ୍ରସ୍ତାବ ସଂପର୍କରେ ଅନୁକୂଳ ମତାମତ ମିଳିଛି। ଏହା ବ୍ୟାଙ୍କର ପୁଞ୍ଜି ଅଭିବୃଦ୍ଧି ଏବଂ ଅନାଦେୟ ପୁଞ୍ଜି ସମସ୍ୟା ସମାଧାନରେ ସହାୟକ ହେବ। ଏମିତିରେ ଦେଖିବାକୁ ଗଲେ ସମବାୟ ବ୍ୟାଙ୍କଗୁଡ଼ିକୁ ସଦସ୍ୟଙ୍କ ଅନୁଦାନ ଓ ଜମାରାଶି ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥଳ ବିଶେଷରେ ଏବିଏଫସି କିମ୍ବା ଅନ୍ୟବ୍ୟାଙ୍କରୁ ଋଣ କରିବାର ବାଧ୍ୟବାଧକତା ରହିଛି। ତେବେ କମ୍ପାନୀ ଆଇନ କିମ୍ବା ସେବିର ପରିସରଭୁକ୍ତ ହୋଇନଥିବାରୁ ଏକ୍ଷେତ୍ରରେ ଥିବା ପ୍ରତିବନ୍ଧକ କିପରି ଦୂର ହୋଇପାରିବ ସେନେଇ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ଏନୟୁସିଏଫ୍‌ଡିସି ନିଜସ୍ୱ ନିୟାମକ ସଂଗଠନ ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ତଥାକଥିତ ପ୍ରତିବନ୍ଧକ ଦୂର ହେବ ବୋଲି ଆଶାକରୁ। ସମବାୟ ସଂସ୍ଥାର ଦୁର୍ନୀତି ଓ ଦୁର୍ନାମ ସର୍ବଜନବିଦିତ। ତେବେ ସଂସ୍ଥାକୁ ଆଗାମୀ ଦିନରେ ସକ୍ଷମ ଓ ସମୃଦ୍ଧ କରିବା ପାଇଁ ହେଉଥିବା ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ।

## ବାଲିଯାତ୍ରା ବ୍ୟବଚ୍ଛେଦ

ଐତିହ୍ୟ ପରମ୍ପରା ଓ ପ୍ରସିଦ୍ଧି ଦୃଷ୍ଟିରୁ କଟକ ବାଲିଯାତ୍ରା ଅନନ୍ୟ। ଏହି ଉତ୍ସବର ଆୟୋଜନ, ପ୍ରାୟୋଜନ ଓ ପରିଚାଳନା ମୁଖ୍ୟତଃ ସିଏମସି ତୁଲାଇ ଆସିଛି। ପ୍ରଥମଥର ସକାଶେ ସିଏମସିକୁ ବାଦ ଦେଇ ଜିଲ୍ଲା ପ୍ରଶାସନ ହିଁ ସର୍ବେସର୍ବା ହୋଇଛି। ଏଠାରେ ଆମେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଚାହୁଁ। ଆରମ୍ଭରୁ ବାଲିଯାତ୍ରା ଉପରପଡ଼ିଆରେ ସୀମିତ ଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ହିଁ ଯାତ୍ରା ସକାଶେ ଉତ୍ସବ ମୁଖର ହୋଇପଡ଼େ। ସମୟକ୍ରମେ ମହାନଦୀ ସଂକୁଚିତ ହେବା ସହ କୂଳ ଦୂରକୁ ଘୁଞ୍ଚିଯିବାରୁ ସୃଷ୍ଟି ହୋଇଥିବା ନୂଆ ବାଲୁକା ପଠାକୁ ସଂପ୍ରସାରିତ ହୋଇଥିଲା ବାଲିଯାତ୍ରା। କିନ୍ତୁ ଏହା ଅର୍ଥ ନୁହେଁ ଉପର ପଡ଼ିଆ ଗୁରୁତ୍ୱ ହରାଇଛି। ଜିଲ୍ଲା ପ୍ରଶାସନ ଓ ସିଏମସି ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ଉପର ପଡ଼ିଆକୁ ନେଇ। ସମସ୍ତଙ୍କ ଦାବିକୁ ଏଡ଼ାଇ ଯାଇ ଜିଲ୍ଲାପ୍ରଶାସନ ଉପର ପଡ଼ିଆକୁ ବାଲିଯାତ୍ରାକୁ ଏକପ୍ରକାର ବାଦ ଦେଲେ। ଏହି ପ୍ରତିବାଦ ଓ ପ୍ରତିରୋଧ ଜିଲ୍ଲା ପ୍ରଶାସନ ପାଇଁ ଅସହଣୀୟ ହୋଇଗଲା ଏବଂ ଉଦ୍ଦେଶ୍ୟମୂଳକ ଭାବେ କେବଳ ସିଏମସିକୁ ନୁହେଁ ସହରର ପ୍ରଥମ ନାଗରିକ ମେୟରଙ୍କୁ ଅଣଦେଖା ଓ ଅସମ୍ମାନ କରାଗଲା। ଏପରିକି ଉଦ୍‌ଯାପନ ଉତ୍ସବ ନିମନ୍ତ୍ରଣପତ୍ରରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଲା ନାହିଁ। ଲୋକପ୍ରତିନିଧି ଯେଉଁ ଦଳର ହୁଅନ୍ତୁ ନା କାହିଁକି ତାଙ୍କୁ ପ୍ରଶାସନ ଅମର୍ଯ୍ୟାଦା ବା ଅସମ୍ମାନ କରିପାରିବ ନାହିଁ।

ବାଲିଯାତ୍ରାର ବ୍ୟବଚ୍ଛେଦ କଲାବେଳେ ମେୟର ଓ ପୁଲିସି ଡିଜିଙ୍କ ପ୍ରତିକ୍ରିୟା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ। ୨୦୨୪ ମସିହାରୁ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ବିରୋଧ କରି ଆସିଥିବା ଜିଲ୍ଲାପାଳ ଏଥର ସମସ୍ତ ଦାୟିତ୍ୱ ହାତକୁ ନେଇ ତାଙ୍କ ଉଦ୍ଦେଶ୍ୟକୁ ସାକାର କରିଛନ୍ତି। ସହରର ଛୋଟମୋଟ ବେପାରୀଙ୍କ ପେଟକୁ ନାତ ମାରିଛନ୍ତି। କଟକରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ପୁଲିସ ଡିଜି ୱାଇ. ଭି.ଖୁରାନିଆ କହିଛନ୍ତି ଯେ ପର୍ବପର୍ବାଣି ଓ ଯାତ୍ରା ସମୟରେ ମେଗାଷ୍ଟାରମାନଙ୍କୁ ଡାକିବା କଥା କି ନୁହେଁ ସେ ସଂପର୍କରେ ଆୟୋଜକମାନେ ବହୁ ଭାବିଛନ୍ତି ବିଚାର କରିବାର ଅଛି। ବାଲିଯାତ୍ରା ଉତ୍ସବର ପରିବର୍ଦ୍ଧିତ ଦିବସରେ ଦେଶର ସବୁଠାରୁ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଅନିୟନ୍ତ୍ରିତ ଓ ଅସମ୍ଭାଳ ଭିଡ଼କୁ ସମ୍ଭାଳିବା ସକାଶେ ପୁଲିସ ନାକେଦମ ହୋଇଯାଇଥିଲା। ଶୃଙ୍ଖଳାରକ୍ଷା ସକାଶେ ପୁଲିସକୁ ମଧ୍ୟ କିଛି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବହୁ ଯାତ୍ରୀ ଆହତ ଓ ଚେତାଶୂନ୍ୟ ହୋଇପଡ଼ିଥିଲେ। ଜିଲ୍ଲା ପ୍ରଶାସନର ମନମାନି ଯୋଗୁଁ ନିୟନ୍ତ୍ରଣ ପାଇଥିବା ବହୁ ସମ୍ମାନିତ ବ୍ୟକ୍ତି ଆସନ ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଓ ଘୋଷିତ ନାଟକ ପ୍ରଦର୍ଶନକୁ ମଧ୍ୟ ସୁଯୋଗ ମିଳିନଥିଲା। ସଫେଇ ପାଇଁ ୩୫ ଲକ୍ଷ ଟଙ୍କାରେ ଟେଣ୍ଡର ପାଇଥିବା ସଂସ୍ଥାର ଖାମଖିଆଲି ଯୋଗୁଁ ପଡ଼ିଆର ସବୁସ୍ଥାନରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା। ଏସବୁ ଅବ୍ୟବସ୍ଥା ପାଇଁ ଆମେ କାହାକୁ ଦାୟୀ କରିବା! ଆମକୁ ପୁଣି ଥରେ କହିବାକୁ ପଡୁଛି ସରକାର ବା କ୍ଷମତା ବଦଳିପାରେ। କିନ୍ତୁ ବ୍ୟବସ୍ଥା ଅତୁଟ ରହିବା ଉଚିତ।

# କୃଷିକ୍ଷେତ୍ରରେ ଜୀବନାଶକ: ଏକ ଅନାହୂତ ଆବଶ୍ୟକତା

ବିଦ୍ୟାଧର ମହାରଣା

କୃଷି ପରିସଂସ୍ଥାରେ ଫସଲ ସହିତ ଅନିଷ୍ଟକ ଜୀବ ଓ ଉପକାରୀ ଜୀବ ସନ୍ତୁଳିତ ଅବସ୍ଥାରେ ରହନ୍ତି। ଆମେ ଯେତେବେଳେ ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର ବ୍ୟବହାର କରୁ ସେତେବେଳେ କୃଷି ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଇ ଫସଲରେ ଅଧିକ ଅନିଷ୍ଟକାରୀ ଜୀବ (ଘାସ, କୀଟ, କବକ, ବ୍ୟାକ୍ଟେରିଆ, ଭୂତାଣୁ) ଦେଖାଯାଆନ୍ତି। ସେମାନଙ୍କୁ ଦମନ କରିବାକୁ ଚାଷୀ ଅଧିକ ରାସାୟନିକ ବିଷ ପ୍ରୟୋଗ କରିବା ଫଳରେ ଅଧିକ ଖର୍ଚ୍ଚାନ୍ତ ହୁଏ ଏବଂ ପରିବେଶ ପ୍ରଦୂଷିତ ହୋଇ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରେ।

ସବୁଜବିପ୍ଳବ ପରେ ଏପରି ରାସାୟନିକ ବିଷଗୁଡ଼ିକର ବ୍ୟବହାର ଏକ ଅନାହୂତ ଆବଶ୍ୟକତା ହୋଇପଡ଼ିଛି। ଭାରତରେ 'କୀଟନାଶକ ଆଇନ୍ ୧୯୬୮' ଏବଂ 'କୀଟନାଶକ ନିୟମ ୧୯୭୩' ଏବେ ବି ପ୍ରଚଳିତ। ଏହାର ଉଦ୍ଦେଶ୍ୟ ଥିଲା ଫସଲରେ ଅନିଷ୍ଟକାରୀ ଜୀବ ନିୟନ୍ତ୍ରଣ ପାଇଁ ନିରାପଦ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରୟ ମାଧ୍ୟମରେ ଉପଯୁକ୍ତ ମାନର କୀଟନାଶକ ଓ ରୋଗନାଶକ ଉଚିତ ମୂଲ୍ୟରେ ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ଚାଷୀଙ୍କୁ ଯୋଗାଇଦେବା। ଯୁଗ୍ମସଂସଦୀୟ କମିଟି ୪୬ ରିପୋର୍ଟ-୨୦୨୩ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୫୦,୦୦୦ କୋଟି ଟଙ୍କାର ଅନିଷ୍ଟକାରୀ ଜୀବନାଶକ କାରବାର ହୁଏ, ଯାହାମଧ୍ୟରୁ ତୃଣନାଶକ ୪୪%, କବକ ନାଶକ ୨୭%, କୀଟନାଶକ ୨୨% ଓ ଅନ୍ୟାନ୍ୟ ୭%। ସାରାବିଶ୍ୱରେ ବର୍ଷକୁ ପ୍ରାୟ ୪, ୫୦, ୦୦୦ କୋଟି ଟଙ୍କାର ଏପରି ରାସାୟନିକ ବିଷ କାରବାର ହୁଏ। ବିଶ୍ୱରେ ବର୍ଷରେ ୪୧, ୨୨, ୦୦୦ ଟନ୍ ମଧ୍ୟରୁ ଚୀନ ସବୁଠାରୁ ଅଧିକ ୧୭, ୬୩, ୦୦୦ ଟନ୍ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରେ, ଯାହାକି ବିଶ୍ୱର ୪୩%। ଆମେରିକା ୧୦% ଓ ବ୍ରାଜିଲ ୯% ବ୍ୟବହାର କଲା ବେଳେ ଭାରତ ମାତ୍ର ୧% ବ୍ୟବହାର କରୁଛି। ଏହା ହେକ୍ଟର ପ୍ରତି ମାତ୍ର ୦.୫ କିଲୋଗ୍ରାମ। ଅନ୍ୟ କେତେକ ଦେଶ ହେକ୍ଟର ପ୍ରତି ୧୭ କିଲୋଗ୍ରାମ ପର୍ଯ୍ୟନ୍ତ କୀଟନାଶକ ବ୍ୟବହାର କରୁଛନ୍ତି। ସୁତରାଂ ଭାରତରେ ଅତିରିକ୍ତ କୀଟନାଶକ ବ୍ୟବହାର ହେଉଥିବା ଅଭିଯୋଗ ତଥ୍ୟ ଉପରେ ଆଧାରିତ ନୁହେଁ। ବରଂ ଯୁଗ୍ମ ସଂସଦୀୟ କମିଟି ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ଜୀବନାଶକ ବ୍ୟବହାର ବୃଦ୍ଧି କରିବା ସହିତ ଅଧିକ ବିଷାକ୍ତ କୀଟନାଶକ ଧୀରେ ଧୀରେ ହ୍ରାସ କରି ଅଧିକ ଜୈବ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଏବେ କିନ୍ତୁ ଭାରତରେ ଜୈବ କୀଟନାଶକ ବିକ୍ରି ମୋଟ ଜୀବନାଶକ ବିକ୍ରିର ମାତ୍ର ୪.୨%। ଭାରତରେ ଜୀବନାଶକ କମ୍ପାନୀ ମଧ୍ୟରେ ୟୁ.ପି.ଏଲ୍ ଲିମିଟେଡ, କରମଣ୍ଡଳ, ପି.ଆଇ.ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବାୟାର କ୍ରପ ସାଇନ୍ସ ଲିମିଟେଡ୍, ଧାନୁକା ଆଗ୍ରିଟେକ୍ ଓ ଏଫ.ଏମ. ସି କର୍ପୋରେସନ ଇତ୍ୟାଦି ପ୍ରଧାନ। ବିଦେଶୀ କମ୍ପାନୀ ହିସାବରେ ବାୟାର କ୍ରପ୍ ସାଇନ୍ସ, ବି.ଏ.ଏସ.ଏଫ, ସିନଜେଣ୍ଟା, କୋରଟେଭ ଆଗ୍ରି ସାଇନ୍ସ, ସୁମିଟୋମୋ କେମିକାଲସ ଇତ୍ୟାଦି ଭାରତରେ ଅଧିକ ସକ୍ରିୟ। କେବଳ ଦିଲ୍ଲୀରେ ୭୯ କୀଟନାଶକ ପ୍ରସ୍ତୁତକାରୀ ଅଛନ୍ତି। କିନ୍ତୁ କେତେକ କମ୍ପାନୀ ନକଲି କୀଟନାଶକ ବିକ୍ରୟ କରିବା ଯୋଗୁଁ ଫସଲରେ ରୋଗପୋକ ନିୟନ୍ତ୍ରିତ ହୋଇପାରୁନାହିଁ ଏବଂ ଏଥିଯୋଗୁଁ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ଋଣ ଶୁଝି ନପାରି କେତେକ କୃଷକ ଆତ୍ମହତ୍ୟା କରିବାର ଖବର ପ୍ରକାଶ ପାଉଛି। ମୋଟ ଜୀବନାଶକର ପ୍ରାୟ ୨୦-୩୦% ନକଲି ହେବାର ଜଣାଯାଉଛି, ଯାହାର ବଜାର ମୂଲ୍ୟ ୩୦୦୦-୩୫୦୦ କୋଟି ଟଙ୍କା ହୋଇପାରେ।

ନକଲି ଜୀବନାଶକ ବିକ୍ରି ହେବାର କାରଣଗୁଡ଼ିକ ହେଲା ଚାଷୀଙ୍କ ସଚେତନତା ଅଭାବ, ଯୋଗାଣ ଶୃଙ୍ଖଳା ଅବ୍ୟବସ୍ଥା, ନିୟମିତ ନମୁନା ପରୀକ୍ଷା ଅଭାବ, ପ୍ରସ୍ତୁତକାରୀ ଓ ଖୁଚୁରା ବ୍ୟବସାୟ ସ୍ଥାନରେ ଅପମିଶ୍ରଣ। ଏହାଯୋଗୁଁ ବର୍ଷକୁ ଦେଶରେ ୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ହାନି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ପ୍ରଭାବ ଦେଖାଯାଏ। ନକଲି ଜୀବନାଶକ ନମୁନା ଯେତିକି ପରୀକ୍ଷା କରାଯାଉଛି, ତାହା କ୍ଷୁଦ୍ର ପ୍ରସ୍ତୁତକାରୀଙ୍କ ଠାରୁ ୨୪% ଓ ବଡ଼ କମ୍ପାନୀମାନଙ୍କରୁ ୧%। ଅପମିଶ୍ରିତ ଜୀବନାଶକ ଯୋଗୁଁ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଛି। ଆଇନ୍ ଅନୁସାରେ ନିମ୍ନମାନର କୀଟନାଶକ ବିକ୍ରୟ କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଅଧିକ ବିପଦପୂର୍ଣ୍ଣ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ପାଞ୍ଚ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇପାରେ। ଏହି କାରଣରୁ ନକଲି କୀଟନାଶକ କିପରି ଜାଣିବେ ସେ ବିଷୟରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।

ଆମ ଦେଶରେ ୨୯୩ ଜୀବନାଶକ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଛି। ଏଥିରୁ ବିପଦପୂର୍ଣ୍ଣ ଭାବେ ପରିଗଣିତ ୧୩୦ ଜୀବନାଶକ ବିଭିନ୍ନ ଦେଶରେ ଅସିଦ୍ଧ ଘୋଷିତ ହେଲାଣି। ଭାରତ ସରକାର ମଧ୍ୟ ୨୮ ଗୋଟିର ପ୍ରସ୍ତୁତି ଓ ବିକ୍ରୟ ପାଇଁ, ୪ଟିର ଆମଦାନୀ ଓ ପ୍ରସ୍ତୁତ ପାଇଁ ଏବଂ ଦୁଇଟିକୁ ରପ୍ତାନୀ କରିବା ପାଇଁ ଅସିଦ୍ଧ କରିଛନ୍ତି। ମନୋକ୍ରଟୋଫସ, କାର୍ବୋଫୁରାନ, ମେଥୋମିଲ, ଟ୍ରାଇଜାଫସ, ଡାଇକ୍ଲୋରୋଭସ, ଏଣ୍ଡୋସଲଫାନ, ଡି.ଡି.ଟି ଓ କ୍ଲୋରୋପାଇରିଫସ୍ କୀଟନାଶକ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷିତ ହୋଇଛି।

ଦିଲ୍ଲୀର ଟକସିକ୍ ଲିଙ୍କ ନାମକ ସଂସ୍ଥା ୨୦୨୩ ମସିହାରେ ମନୋକ୍ରଟୋଫସ, କାର୍ବୋଫୁରାନ, ପାରାକଟ୍, ଗ୍ଲାଇଫୋସେଟ୍, ମାଙ୍କୋଜେବ ଓ କାର୍ବେଣ୍ଡାଜିମ୍ ଜୀବନାଶକ ଉପରେ କରିଥିବା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ୫୦ରୁ ୮୬% ଚାଷୀ କୀଟନାଶକ ବିକ୍ରେତାଙ୍କ ପରାମର୍ଶ ଅନୁସାରେ ଫସଲରେ ଜୀବନାଶକ ପ୍ରୟୋଗ କରନ୍ତି ବୋଲି ଜଣାପଡ଼ିଛି। ପଞ୍ଜାବର ୧୭% ଚାଷୀ ଅତି ବିଷାକ୍ତ କୀଟନାଶକ ସପକ୍ଷରେ ଅଛନ୍ତି। ଅଧିକାଂଶ ଚାଷୀ କୀଟନାଶକ ପ୍ରୟୋଗ ସମୟରେ କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଏପରିକି ୫୯% ଚାଷୀ ଅନୁମୋଦିତ ମାତ୍ରାଠାରୁ ଅଧିକ କୀଟନାଶକ ପ୍ରୟୋଗ କରୁଛନ୍ତି। ବଜାରରେ ବିକ୍ରି ହେଉଥିବା କୀଟନାଶକଗୁଡ଼ିକ ଚାରିରଙ୍ଗର ଠିକିରି ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ। ସବୁଜ ରଙ୍ଗ ସାମାନ୍ୟ ବିଷ, ନୀଳ ରଙ୍ଗ ମଧ୍ୟମ, ହଳଦିଆ ରଙ୍ଗ ଅଧିକ ବିଷ ଓ ନାଲି ରଙ୍ଗ ତୀବ୍ର ବିଷ ଭାବେ ସୂଚୀତ କରେ। ଫସଲରେ ଏହି ବିଷ ପ୍ରୟୋଗ ପରେ ଅମଳ କରିବା ପୂର୍ବରୁ ସର୍ବନିମ୍ନ ନିରାପଦ ସମୟ ଅପେକ୍ଷା କରିବା ଆବଶ୍ୟକ। ଅତିକମରେ ସବୁଜ ପାଇଁ ୭ ଦିନ, ନୀଳ ପାଇଁ ଦୁଇ ସପ୍ତାହ, ହଳଦିଆ ପାଇଁ ୩ ସପ୍ତାହ ଓ ନାଲି ପାଇଁ ୪ ସପ୍ତାହ ହେବା ବିଧେୟ।

ନୋବେଲ ବିଜୟିନୀ ରାକେଲ କାର୍ସନ 'ନିରବ ବସନ୍ତ' ପୁସ୍ତକରେ କୀଟନାଶକକୁ ପ୍ରାଣୀନାଶକ କହିଛନ୍ତି ଏବଂ ସେ ଏହାର ସୁଦୂରପ୍ରସାରୀ ପ୍ରଭାବ ବର୍ଣ୍ଣନା କରିବା ଫଳରେ ଡି. ଡି. ଟି କୀଟନାଶକ ନିଷିଦ୍ଧ ହୋଇଥିଲା। ସେ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ୧୯୬୨ ରେ ନୋବେଲ ପୁରସ୍କାର ପାଇଥିଲେ। ଏହାର କିଛିବର୍ଷ ପରେ ଏଚ୍. ଏଫ୍.ଭାନ ଏମଡେନ ଓ ଡେଭିଡ ବି. ପିକଲ 'ନିରବ ବସନ୍ତ ପରେ' ପୁସ୍ତକ ରଚନା କରି ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ବାହାର କଲେ। ଉଦ୍ଭିଦ ସୁସ୍ଥସବଳ ହେଲେ ରୋଗପୋକ ବିରୁଦ୍ଧରେ ଲଢ଼ିପାରିବେ। ଜଳ ଓ ଖାଦ୍ୟସାର ନିୟନ୍ତ୍ରଣ କଲେ ଫସଲ କ୍ଷେତ୍ରରେ ଉପକାରୀ କୀଟପତଙ୍ଗ ସହଜରେ ବଂଶବୃଦ୍ଧି କରି ପ୍ରାକୃତିକ ଉପାୟରେ ଅପକାରୀ କୀଟ ଓ ରୋଗକୁ ନିୟନ୍ତ୍ରଣ କରନ୍ତି। ଏହାଛଡ଼ା କର୍ଷଣ ନିୟନ୍ତ୍ରଣ ଓ ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଦ୍ୱାରା ରୋଗପୋକ ଆକ୍ରମଣ କମିଥାଏ। ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୌଶଳଗୁଡ଼ିକ ହେଲା ସହନଶୀଳ କିସମ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଯାନ୍ତ୍ରିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ସହିତ ଶେଷରେ ନିରାପଦ କୀଟନାଶକ ବ୍ୟବହାର।

ବିଶ୍ୱରେ ବର୍ଷକୁ ପ୍ରାୟ ୧୧୦୦୦ ଲୋକ ବିଷାକ୍ତ କୀଟନାଶକ ପ୍ରଭାବରେ ମୃତ୍ୟୁବରଣ କରନ୍ତି। ଭାରତରେ ଏହି ହାର ୬୦%। ଟକସିକ ଲିଙ୍କ ସର୍ବେକ୍ଷଣ ଅନୁସାରେ ଆମକୁ କେତେକ ସୁଚିନ୍ତିତ ରଣନୀତି ଗ୍ରହଣ କରିବାକୁ ହେବ। କୃଷି କ୍ଷେତ୍ରକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରି ଉପକାରୀ ଓ ଅପକାରୀ କୀଟ ସଂଖ୍ୟା ଅନୁସାରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ, କୀଟନାଶକ ବିଷ ପରିବର୍ତ୍ତେ ଜୈବ କୀଟନାଶକ ବ୍ୟବହାର, ଆବଶ୍ୟକ ସ୍ଥଳେ ଦୁଇଟି ନିରାପଦ କୀଟନାଶକ ମିଶ୍ରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଜୈବିକ କୃଷି ପାଇଁ ସରକାର ଅଧିକ ଆର୍ଥିକ ଅନୁଦାନ, ପ୍ରଶିକ୍ଷଣ, ପ୍ରାମାଣିକରଣ ସହିତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। ଜୈବିକ କୃଷିର ଅନୁପସ୍ଥିତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କୀଟନାଶକ ବିକ୍ରେତାମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହିତ କୀଟନାଶକ କେବଳ କୃଷିକର୍ମୀଙ୍କ ପରାମର୍ଶକ୍ରମେ ବିକ୍ରୟ ବ୍ୟବସ୍ଥା ବାଧ୍ୟତାମୂଳକ କରିବା ଜରୁରୀ। ରାଜ୍ୟର ଅଧିକୃତ ଅଧିକାରୀମାନେ ନିୟମିତ କୀଟନାଶକ ଦୋକାନ ପରିଦର୍ଶନ କରି ନମୁନା ସଂଗ୍ରହ କରିବା ଆବଶ୍ୟକ। ଏତଦବ୍ୟତୀତ ରାଜ୍ୟରେ ଅଧିକ ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ସ୍ଥାପନା କରି ଏଥିରୁ ପ୍ରସ୍ତୁତ ଟ୍ରାଇକୋଗ୍ରାମା, ବାସିଲସ, ଏନ.ପି. ଭି, ଟ୍ରାଇକୋଡେର୍ମା ଇତ୍ୟାଦି ଜୈବ ନିୟନ୍ତ୍ରକ ଓ ଫେରୋମନ ଯନ୍ତା ଇତ୍ୟାଦି ସୁଲଭ ମୂଲ୍ୟରେ ଚାଷୀକୁ ଯୋଗାଇବା ଦାୟିତ୍ୱ ସରକାରଙ୍କର। ଫସଲରେ ଅନିଷ୍ଟକ ଜୀବନାଶକ ନିୟନ୍ତ୍ରଣ ପାଇଁ ସରକାର, କୃଷକ ଗୋଷ୍ଠୀ ଓ ଜୀବନାଶକ ବିକ୍ରେତାଙ୍କ ମିଳିତ ଦାୟିତ୍ୱ ରହିଛି। କୃଷକ-କ୍ଷେତ୍ରବିଦ୍ୟାଳୟ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା କରି କୃଷି ଅଧିକାରୀ କୃଷକଗୋଷ୍ଠୀଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ଧାରାବାହିକ ପ୍ରଶିକ୍ଷଣ ଦେବା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ମାଇକ୍ରୋ ଓ ନାନୋ ପ୍ଲାଷ୍ଟିକର ବିଷ

ଡ. ବିଜୟକେତନ ପଟ୍ଟନାୟକ

ଗାଁଗହଳିରେ କୁହାଯାଉଥିବା ରୂଢ଼ି 'ଛୋଟ ସାପର ବେଶୀ ବିଷ' ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରଯୁଜ୍ୟ। ମାଇକ୍ରୋପ୍ଲାଷ୍ଟିକ ବା କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଏବଂ ନାନୋ ପ୍ଲାଷ୍ଟିକ ବା ଅତିଶୟ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସାଧାରଣ ପ୍ଲାଷ୍ଟିକ ତୁଳନାରେ ଯଥେଷ୍ଟ ମାରାତ୍ମକ। ସାଧାରଣ ପ୍ଲାଷ୍ଟିକ ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ କ୍ଷତି ପହଞ୍ଚାଏ ନାହିଁ। ଅନ୍ୟପକ୍ଷରେ ମାଇକ୍ରୋପ୍ଲାଷ୍ଟିକ ବା ନାନୋ ପ୍ଲାଷ୍ଟିକ ମନୁଷ୍ୟ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ। ଏବେ ମାଇକ୍ରୋପ୍ଲାଷ୍ଟିକ ହିମାଳୟର ଏଭରେଷ୍ଟ ଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ରର ଗଭୀର ଜଳରାଶିରେ, ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ସବୁଠି ବିଦ୍ୟମାନ। ସମୁଦ୍ର ପାଦଦେଶର ପ୍ରବାଳ ପ୍ରାଚୀରଠାରୁ ଆରମ୍ଭକରି ଆଣ୍ଟାରକଟିକାର ହିମଖଣ୍ଡ ବା ବରଫାବୃତ୍ତ ପରିବେଶରେ ମଧ୍ୟ ଏହା ଅନୁପ୍ରବେଶ କରିସାରିଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ମୁତାବକ, ସଂପ୍ରତି ବିଶ୍ୱରେ ବର୍ଷକୁ ୪୩୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହାର ଦୁଇ-ତୃତୀୟାଂଶ କେବଳ ସ୍ୱଳ୍ପ ସମୟ ନିମନ୍ତେ ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ସିଂହଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ କେବଳ ମାତ୍ର ଥରେ ବ୍ୟବହାର କରି ଫିଙ୍ଗି ଦିଆଯାଏ। ଜୈବିକ ସ୍ତରରେ ପ୍ଲାଷ୍ଟିକର ବିଘଟନ ପାଇଁ ୫୦ ରୁ ୧୦୦୦ ବର୍ଷ ଲାଗିଯାଇପାରେ। ପତଳା ପ୍ଲାଷ୍ଟିକ ବ୍ୟାଗର ବିଘଟନ ପାଇଁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗୁଥିଲା ବେଳେ ପ୍ଲାଷ୍ଟିକ ପାଣି ବୋତଲ ଏବଂ ନାଇଲନ ମାଛଧରା ଜାଲ ପାଇଁ ୫୦୦ ବର୍ଷ ଲାଗିଯାଇପାରେ। ତେବେ ପ୍ଲାଷ୍ଟିକର ପୂର୍ଣ୍ଣ ବିଲୁପ୍ତି ବା ବିଲୟ ହୋଇନଥାଏ। ବରଂ ଏହା ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ। ଏକ ଆକଳନରୁ ଜଣାପଡ଼ିଛି ବର୍ଷକୁ ପ୍ରାୟ ୧୦ ରୁ ୪୦ ନିୟୁତ ମାଇକ୍ରୋପ୍ଲାଷ୍ଟିକ ପରିବେଶରେ ସଂକ୍ରମିତ ହୋଇଥାଏ। ଏହି ଧାରା ଅବ୍ୟାହତ ରହିଲେ ୨୦୪୦ ମସିହା ବେଳକୁ ଏହାର ପରିମାଣ ଦ୍ୱିଗୁଣିତ ହୋଇଯାଇପାରେ।

୨୦୨୨ ମସିହାରେ ପ୍ରଥମ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା, ମିଳିତ ଜାତିସଂଘ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କେନିୟାରେ ଆରମ୍ଭ ହୋଇଥିଲା। ଆଇନଗତ ପ୍ରାବଧାନ ଜରିଆରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ନିମନ୍ତେ ସାରା ବିଶ୍ୱରେ ପ୍ରୟାସ ଆରମ୍ଭ ହେଲା। ସେତେବେଳେ ଏହି ଉଦ୍ୟମ ସାମୁଦ୍ରିକ ଓ ଜଳୀୟ ପରିସଂସ୍ଥାରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରତି ଅଭିପ୍ରେତ ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହାରେ କାନାଡ଼ାଠାରେ ଅନୁଷ୍ଠିତ ଅଧିବେଶନର ଲକ୍ଷ୍ୟ ଉଭୟ ଇଚ୍ଛାକୃତ ଭାବରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକର ଦୀର୍ଘକାଳୀନ ବିଘଟନ ଜୀବନଚକ୍ରରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ହ୍ରାସ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ଚଳିତ ବର୍ଷ ଅଗଷ୍ଟ ମାସରେ ସୁଇଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା ମଧ୍ୟ ଲକ୍ଷ୍ୟ ହାସଲ ଦିଗରେ ବିଫଳ ହୋଇଥିଲା।

ଆମେ ପିଉଥିବା ଜଳ, ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର, ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀ, ଶ୍ୱାସରେ ଗ୍ରହଣ କରିଥିବା ବାୟୁ-ସର୍ବତ୍ର ବିଦ୍ୟମାନ ମାଇକ୍ରୋପ୍ଲାଷ୍ଟିକ। ଚାଷଜମିର ମାଟିରେ ଏବଂ ସେହି ମାଟିରୁ ଉତ୍ପାଦିତ ଫସଲ ଜରିଆରେ ଏବଂ ମାଇକ୍ରୋପ୍ଲାଷ୍ଟିକକୁ ଗିଳିଦେଇଥିବା ସାମୁଦ୍ରିକ ମାଛ ଭକ୍ଷଣ କରିବା ଦ୍ୱାରା, ଖାଦ୍ୟ ଶୃଙ୍ଖଳ ଦେଇ ପ୍ରବେଶ କରୁଛି ଆମ ଶରୀରରେ। ଆମେ ପିଉଥିବା ପାଇପ୍ ପାଣିରେ ମଧ୍ୟ ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କଣିକା ମହଜୁଦ୍ ଅଛି। ଶିଳ୍ପାୟନ, ନିର୍ମାଣ ସଂସ୍ଥା, ପରିବହନ ଧୂଳିକଣା, ଟାୟାର ଘର୍ଷଣ ଏବଂ ସିନ୍ଥେଟିକ ବସ୍ତ୍ର କାରଖାନାରୁ ଉତ୍ପନ୍ନ ମାଇପ୍ରୋପ୍ଲାଷ୍ଟିକ ବାୟୁମଣ୍ଡଳରେ ରହିଥାଏ। ଶ୍ୱାସକ୍ରିୟା ସମୟରେ ଆମେ ବାୟୁ ସହିତ ଏହି ମାଇକ୍ରୋପ୍ଲାଷ୍ଟିକକୁ ମଧ୍ୟ ଆହରଣ କରିଥାଉ। ଆମେ ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀରେ ମଧ୍ୟ ରହିଛି ମାଇକ୍ରୋ ପ୍ଲାଷ୍ଟିକ। ଆମେ ଜାଣୁ ବା ନଜାଣୁ ଇଚ୍ଛା କରୁ ନା ନ କରୁ ପ୍ରତି ମୁହୂର୍ତ୍ତରେ କିଛି କିଛି ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କର କୋଷରେ ଓ ପୁନରୁତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗରେ ଆସ୍ଥାନ ଜମାଉଛି। କେବଳ ମସ୍ତିଷ୍କ ନୁହେଁ, ଫୁସଫୁସ, ବୃକ୍‌କ, ଜରାୟୁ ଓ ରକ୍ତରେ ମଧ୍ୟ ଏହି କଣିକାର ଛିଟା ଦେଖିବାକୁ ମଲୁଛି, ଯାହା ଫଳରେ ମନୁଷ୍ୟ ହୃଦ୍‌ରୋଗ ସହିତ ସ୍ନାୟୁରୋଗ ଓ ଶ୍ୱାସ ଜନିତ ନୂଆ ନୂଆ ରୋଗର ଶିକାର ହେଉଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ପ୍ରକାଶ କରିଥିବା ୨୦୧୪ ଇୟର ବୁକ୍ ରେ ସାରା ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଥିଲେ। ମାଇକ୍ରୋପ୍ଲାଷ୍ଟିକ ଏକ ମୁଣ୍ଡ ଟେକୁଥିବା ପ୍ରଦୂଷକ, ଯାହା ମାନବ ଜାତିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ୨୦୨୨ ମସିହାରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଜଣାଇଥିଲେ ମାଇକ୍ରୋପ୍ଲାଷ୍ଟିକର ମନୁଷ୍ୟର ସ୍ୱାସ୍ଥ୍ୟପ୍ରତି ଥିବା ସଂକଟ ବିଷୟରେ ଆଶାନୁରୂପ ପ୍ରମାଣ ମିଳିନାହିଁ। ୨୦୨୪ ମସିହାରେ ପ୍ରଥମଥର ପାଇଁ ଆମେରିକାସ୍ଥିତ ନ୍ୟୁମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରମାଣିତ କଲେ, ମନୁଷ୍ୟର ମସ୍ତିଷ୍କରେ ଯଥେଷ୍ଟ ପରିମାଣରେ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ ଜମା ହୋଇସାରିଲାଣି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୁହନ୍ତି, ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟ ଶରୀରର ଉତ୍ପାଦକ ଅଂଗ, ପାକସ୍ଥଳୀ ଓ ଶ୍ୱାସନଳୀକୁ ପ୍ରଭାବିତ କରିପାରେ ଏବଂ ସମୟକ୍ରମେ ମନୁଷ୍ୟ ଶରୀରର ବିଭିନ୍ନ କୋଷରେ ଅନୁପ୍ରବେଶ କରୁଥିବାରୁ କୋଲୋନ୍ ଓ ଫୁସ୍‌ଫୁସ୍ କ୍ୟାନସର ସହିତ ଏହା ସଂପୃକ୍ତି ଥାଇପାରେ। (ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)

ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ପୁରୁଷତ୍ୱ ଉପରେ ପୋଷାକର ପ୍ରଭାବ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ଣ୍ଣାଲ ଅଫ୍ ରିପ୍ରଡକ୍ସନ' ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ୨୦୦୧ ମସିହା ବେଳକୁ ୩୪ ଶତାଂଶ ପୁରୁଷମାନଙ୍କ ଠାରେ ସେମାନଙ୍କୁ ପୌରୁଷ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା। ଯାହାକି ୨୦୨୨ ମସିହା ବେଳକୁ ପହଞ୍ଚିଥିଲା ୬୫ ଶତାଂଶରେ। ଏବର ସମୟ ମଧ୍ୟରେ ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ପ୍ରାୟ ୨୦ ଶତାଂଶ ହ୍ରାସ ପାଇଥିଲା। ଅତଏବ ପୁରୁଷର ପ୍ରଜନନ କ୍ଷମତା ବା ପୌରୁଷର ଏହି ମାପକାଠିଟି ସୂଚାଇ ଦେଉଛି ଯେ ସେ କ୍ରମଶଃ ସନ୍ତାନ ସୃଷ୍ଟି କରିବାର କ୍ଷମତା ହରାଇ ଚାଲିଛି।

ଏହାର କାରଣ ଆଜି ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ କରାଯାଇ ପାରିନଥିଲେ ହେଁ ତାହା ବହୁମୁଖୀ ବୋଲି ମନେକରନ୍ତି ବୈଜ୍ଞାନିକମାନେ, ଯାହାକି ବିବର୍ତ୍ତନୀୟଠାରୁ ଆରମ୍ଭ କରି ପରିବେଶୀୟ ଏବଂ ପରିବର୍ତ୍ତିତ ଜୀବନଶୈଳୀ ପର୍ଯ୍ୟନ୍ତ ହୋଇପାରେ। ତେବେ, ବିବର୍ତ୍ତନୀୟ ପରିବର୍ତ୍ତନ ସଦାସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ଶେଷୋକ୍ତ ଦୁଇଟିକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚସି ଆଦି କୀଟ।ଣୁନାଶକର ତଥା ଅନ୍ୟାନ୍ୟ ରସାୟନମାନଙ୍କ ମାତ୍ରାବୃଦ୍ଧି ଆମଠାରେ ପୁରୁଷସୁଲଭ ଗୁଣର ଅପଚୟ ଘଟାଉଥିବାର ପ୍ରମାଣିତ ହେଲା ବେଳେ ପଶୁପାଳନ, ମତ୍ସ୍ୟଚାଷ ଓ କୃଷିରେ ବିବିଧ ହର୍ମୋନ୍ ଏବଂ ରାସାୟନିକ ପଦାର୍ଥର ବ୍ୟାପକ ବ୍ୟବହାର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାର ବୋଷ୍ଟନ ସ୍ଥିତ 'ହାର୍ଭାର୍ଡ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲଥ' ଠାରେ ଗବେଷଣାରତ ବୈଜ୍ଞାନିକ ଲିଡିଡିଆ ମଙ୍ଗୁଏଜ୍ ଆଲାରକୋନ୍ ଏବଂ ତାଙ୍କ ସହଯୋଗୀମାନେ।

'ଦ ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡ୍କସନ'ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସଂପନ୍ନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆରମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟମାନଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରାକୀଟଗୁଡ଼ିକ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ହରମୋନ୍‌ର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ପୂର୍ବରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ତେବେ ସେସବୁ ଅଧ୍ୟୟନ ଥିଲା ସୀମିତ ଏବଂ ତହିଁରୁ ଏବର ଫଳାଫଳ ସହିତ ହରମୋନ୍‌ର ସଂପୃକ୍ତି ବିଷୟରେ କୌଣସି ସୂଚନା ମିଳିପାରିନଥିଲା। ଶରୀର ମଧ୍ୟରେ ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲସିୟସ କମ ହୋଇଥିବା ପରିବେଶ ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡହକୋଷକୁ ପ୍ରକୃତି ଶରୀରର ଅର୍ନ୍ତଭାଗରେ ସ୍ଥାପନ ନ କରି ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ, ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଏବଂ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କରିବା କାରଣରୁ।

ଲିଡିଡଆ ଏବଂ ତାଙ୍କର ସହଯୋଗୀମାନଙ୍କ ଅଧ୍ୟୟନକୁ ଏହାର ଏକ କାରଣସିଦ୍ଧ ପ୍ରମାଣ ରୂପେ ଗ୍ରହଣ କରାଯାଇପାରେ। ଅତଏବ ଚିପା ଅନ୍ତର୍ବାସ ପରିଧାନ ପୁରୁଷମାନଙ୍କଠାରେ ଶୁକ୍ରକୀଟ ଉତ୍ପାଦନକୁ ଯେତିକି ମାତ୍ରାରେ ପ୍ରତିହତ କରୁନା କାହିଁକି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦିଅନ୍ତି ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଅନ୍ୟତମ ବୈଅଜ୍ଞାନିକ ତଥା ଏଡିନ୍ ବରା ବିଶ୍ୱବିଦ୍ୟାଳୟର 'ଏମ୍ ଆର ସି ସେଣ୍ଟର ଫର ରିପ୍ରଡକଟିଭ ହେଲଥ୍'ର ପ୍ରଫେସର ରିଚାର୍ଡ ଶାର୍ପେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହାପ୍ରଭୁଙ୍କର ହେଲା ପଇତାଲାଗି

ପୁରୀ,୧୭।୧୧(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୫ଟା ୪୦ରେ ଦ୍ୱିତୀୟଭୋଗମଣ୍ଡପପରେମଇଲମହୋଇଥିଲା।୫ଟା୫୫ରେଲକ୍ଷ୍ମୀ,ସରସ୍ୱତୀଖଟଶେଯଘରକୁବିଜେକରିଥିଲେ।ସନ୍ଧ୍ୟା ୬ଟା ୫ରେ ଜୟବିଜୟଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

## ଆରପାରିରେ ହ୍ୟୁମାନ୍ ସାଗର

ଭୁବନେଶ୍ୱର, ୧୭।୧୧(ସମି): କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଆଜି ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ



ହୋଇଯାଇଛି। ଗତ ୧୪ତାରିଖରେ ହ୍ୟୁମାନ୍ ସାଗରଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେ ମଲଟି ଅର୍ଗାନ୍ ଡିସଫଙ୍କନ ସିଣ୍ଡ୍ରୋମ୍ ସହ ଗୁରୁତର ଲିଭର ସମସ୍ୟା, ନିମୋନିଆ ଓ ହୃଦରୋଗରେ ପୀଡ଼ିତ ଥିଲେ। ୨୦୧୫ରେ ହ୍ୟୁମାନ୍ ଓଡ଼ିଆ ଫିଲ୍ମ 'ଇସ୍କ ତୁ ହି ତୁ'ରେ ପ୍ରଥମ ଥର ପାଇଁ ଗୀତ ଗାଇଥିଲେ। ତରଙ୍ଗର ରିଆଲିଟି ସୋ' ଭଏସ୍-ଅଫ-ଓଡ଼ିଶା ତାଙ୍କୁ ଓଲିଉଡ୍‌ରେ ସିଙ୍ଗର ଭାବେ ଏଣ୍ଟ୍ରି କରିବାର ସୁଯୋଗ ଦେଇଥିଲା। 'ଇସ୍କ ତୁ ହି ତୁ'ର ଟାଇଟଲ ସଙ୍ଗ୍ ପାଇଁ ଖୁବ୍ ଲୋକପ୍ରିୟତା ହାସଲ କରିଥିଲେ।

## ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିଲା ୩ଶହ କିଲୋର ଶାଙ୍କୁଚ

ଅସ୍ତରଙ୍ଗ,୧୭।୧୧(ସମିସ): ଅସ୍ତରଙ୍ଗ ଦେବୀ ନଦୀରୁ ସୋମବାର ସକାଳୁ ଅସ୍ତରଙ୍ଗ ବ୍ଲକ୍ କାଳିଆକଣ ଗ୍ରାମର ଶଙ୍କର ବେହେରା, ଜୁମର ବେହେରା, ଗଙ୍ଗାଧର ବେହେରା ପ୍ରମୁଖ ୨୦ ଜଣ ମତ୍ସ୍ୟଜୀବୀ ଦେବୀ ନଦୀରେ ଚେନ୍ ଜାଲରେ ମାଛ ମାରିବାବେଳେ ଏକ ବିରାଟକାୟ ସାଙ୍କୁଚ ଜାଲରେ ପଡ଼ିଥିଲା। ଏହି ବିରାଟ ମାଛକୁ ଦେଖି ମତ୍ସ୍ୟଜୀବୀମାନେ ପ୍ରଥମେ ଭୟଭୀତ ହୋଇଯାଇଥିଲେ। ପରେ ପ୍ରାୟ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଏହି ସାଙ୍କୁଚ ମାଛକୁ ଡଙ୍ଗାରେ କୂଳକୁ ଆଣିଥିଲେ। ଏହାର ଓଜନ ୩ଶହ କିଲୋ ବୋଲି କୁହାଯାଉଛି। ଏହି ମାଛ କୋଲକାତା ବଜାରରେ ପ୍ରାୟ ପଚାଶ ହଜାର ଟଙ୍କା ହେବ। ଏହି ମାଛର ଓସାର ପ୍ରାୟ ବାର ଫୁଟ ହେବ, ଏବେ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ବଡ଼ ବୋଟଗୁଡ଼ିକ ନିଷିଦ୍ଧାଞ୍ଚଳ ଭିତରେ ପ୍ରବେଶ କରିପାରୁନାହାନ୍ତି। ଯାହାର ପ୍ରଭାବ ପାରମ୍ପରିକ ମତ୍ସ୍ୟଜୀବୀ ଓ ଡଙ୍ଗା ଉପରେ ପଡୁଛି। ସେମାନଙ୍କ ବୁହାଣ ପାଇଁ ପାରମ୍ପରିକ ଡଙ୍ଗାର ଜାଲ କେଉଁଠି ଚିରୁଚି ତ ଆଉ କେଉଁଠି ପାରମ୍ପରିକ ମାଛ ଜାଲକୁ ଆସୁନି, ସେଥିପାଇଁ ଏବେ ପାରମ୍ପରିକ ମତ୍ସ୍ୟଜୀବୀମାନେ କ୍ଷତି ସହୁଛନ୍ତି।

## ଅବଶିଷ୍ଟାଂଶ

### ଶେଖ୍ ହସିନାଙ୍କୁ ଫାଶୀ...

ଅବଦୁଲ୍ଲା ଅଲ୍-ମମୁନଙ୍କୁ କେବଳ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ମମୁନ ସରକାରୀ ସାକ୍ଷୀ ଭାବେ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ତାଙ୍କ ପ୍ରତି କୋହଳ ହୋଇଛନ୍ତି ଟ୍ରିବୁନାଲ। ସୂଚନାଯୋଗ୍ୟ ଯେ ଶେଖ ହସିନାଙ୍କ ସହିତ ତାଙ୍କର ଗୃହ ମନ୍ତ୍ରୀ ଅସଦୁଜ୍ଜମାନ ଗତ ୧୫ ମାସ ହେବ ଭାରତରେ ଅବସ୍ଥାନ କରୁଛନ୍ତି। କୋର୍ଟଙ୍କ ଏହି ରାୟ ପରେ ସାରା ବାଂଲାଦେଶରେ ହିଂସା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି।

ମୋ ବିରୋଧରେ ଆସିଥିବା ରାୟ ସମ୍ପୂର୍ଣ୍ଣ ଭାବେ ଭୁଲ। ରାଜନୈତିକ ପ୍ରତିଶୋଧ ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି। ଏହି ରାୟ ଏଭଳି ଏକ ଟ୍ରିବୁନାଲ ଦେଇଛି ଯାହାକୁ ଏକ ଅଣ ନିର୍ବାଚିତ ସରକାର ଚଳାଉଛନ୍ତି। ଏହି ସରକାରଙ୍କ ପାଖରେ କୌଣସି ଜନାଦେଶ ନାହିଁ ବୋଲି ହସିନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ହତ୍ୟାର ଶିକାର ଲୋକଙ୍କୁ ଉଚିତ ନ୍ୟାୟ ମିଳିଲା ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆସାଦୁଜ୍ଜମାନ କହିଛନ୍ତି। ହସିନା ପୂର୍ବରୁ ଯେଉଁ କୋର୍ଟର ସ୍ଥାପନ କରିଥିଲେ, ସେହି କୋର୍ଟ ହିଁ ତାଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଛନ୍ତି। ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଯୁଦ୍ଧ ଅପରାଧ ଓ ନରସଂହାର ଭଳି ମାମଲାର ବିଚାର କରିବା ପାଇଁ ଏହି ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲକୁ ପ୍ରତିଷ୍ଠା କରାଯାଇଥିଲା।

କୋର୍ଟ ରାୟ ପରେ ବାଂଲାଦେଶ ସରକାର ଆଜି ଭାରତ ସରକାରଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି। ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରୁ ବୋଲି କୁହାଯାଇଛି। ତେବେ ଭାରତ ସରକାର ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହାନ୍ତି। ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ପଡ଼ୋଶୀ ଦେଶ ହିସାବରେ ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ସଂକଳ୍ପବଦ୍ଧ। ସେଠାରେ ଗଣତନ୍ତ୍ର, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସରକାର ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନା ଜାରି ରଖିବ।

### ବିହାର ରାଜନୀତିରେ...

ପରାମର୍ଶ ଦିଆଯାଇଛି। ତେବେ କୌତୂହଳର ବିଷୟ ହେଉଛି ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପ୍ରସଙ୍ଗରେ ବିଜେପିର ରହସ୍ୟମୟ ନିରବତା। ବିଜେପିର ରାଜ୍ୟ ନିର୍ବାଚନ ପ୍ରଭାରୀ ବିନୋଦ ତାୱଡ଼େ ଓ ନିତିନ ନବୀନଙ୍କ ବୟାନ ଏହି ପ୍ରସଙ୍ଗକୁ ଅଧିକ ସ୍ପର୍ଶକାତର କରିଛି। ବିହାର ମୁଖ୍ୟମନ୍ତ୍ରୀ କିଏ ହେବ ବୋଲି ପ୍ରଶ୍ନରେ ଶ୍ରୀ ତାୱଡ଼େ ଏବେ ବିଜୟ ଉତ୍ସବ ପାଳନ ସମୟ, ସମୟ ଆସିଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ଦେଇଥିବା ଟିପ୍ପଣୀରୁ ବିଜେପି ଯେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶତ ପ୍ରତିଶତ ରାଜି ନୁହେଁ, ତାହା ସ୍ପଷ୍ଟ ହୋଇ ଯାଇଛି। ସେହିପରି ଦଳର ଅନ୍ୟତମ ବରିଷ୍ଠ ନେତା ନିତିନ ନବୀନ ବିହାରରେ ମହାରାଷ୍ଟ୍ର ପରି ସବୁକିଛି ଠିକ୍ ଥିଲା ଓ ସବୁକିଛି ଠିକ୍ ହେବ ବୋଲି ଦେଇଥିବା ମନ୍ତବ୍ୟ ପରେ ନୀତୀଶ କୁମାରଙ୍କ ଅବସ୍ଥା ଏକନାଥ ସିନ୍ଦେଙ୍କ ପରି ହେବ ନାହିଁ ତ ବୋଲି ଅନେକ ଆଶଙ୍କା କରୁଛନ୍ତି।

ଏନ୍‌ଡ଼ିଏ ପାଇଥିବା ମୋଟ ୨୦୨ ଆସନ ମଧ୍ୟରୁ ବିଜେପିକୁ ୮୯ଟି ଆସନ ମିଳିଥିବାବେଳେ ଚିରାଗ ପାସ୍ୱାନଙ୍କ ଏଲ୍‌ଜେପିକୁ ୧୯, ଜିତେନରାମ ମାଞ୍ଝିଙ୍କ ଦଳକୁ ୫ ଓ ଉପେନ୍ଦ୍ର କୁଶୱାହଙ୍କୁ ୪ଟି ଆସନ ମିଳିଛି। ଅବଶିଷ୍ଟ ୮୫ଟି ଆସନ ନୀତୀଶ କୁମାରଙ୍କ ଜେଡ଼ିୟୁ ପାଇଛି। ସରକାର ଗଠନ ପାଇଁ ୧୨୨ଟି ଆସନର ଆବଶ୍ୟକତା ଥିବାବେଳେ ନୀତୀଶଙ୍କ ବିନା ବିଜେପି ଓ ଅନ୍ୟ ସହଯୋଗୀ ମାତ୍ର ୧୧୭ ଆସନ ମଧ୍ୟରେ ସୀମିତ ରହିବେ। ଅନ୍ୟପକ୍ଷରେ ଜେଡିୟୁକୁ ସମର୍ଥନ ଦେବାକୁ ମହାଗଠବନ୍ଧନ ଏବେ ବି ଗୋଡ଼ ଟେକି ବସିଛି। ଜେଡିୟୁର ୮୫ ସହ ଆର୍‌ଜେଡ଼ିର ୨୫, କଂଗ୍ରେସ ୬ଟି, ବାମପନ୍ଥୀ ୩ଟି, ଏଆଇଏମ୍ଏମ୍‌ର ୫ ଓ ବିଏସ୍‌ପିର ଗୋଟିଏ ଆସନକୁ ମିଶାଇ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ ହୋଇ ପାରିବ। ଯଦିଓ ନୀତୀଶ ମହାଗଠବନ୍ଧନ ସହିତ ମିଶି ସରକାର ଗଠନ କରିବାକୁ ସମର୍ଥ, କିନ୍ତୁ ଏହାଦ୍ୱାରା ଜେଡୟୁରେ ବିଭାଜନ ଆଶଙ୍କା ଥିବା ମଧ୍ୟ କୁହାଯାଉଛି।

ତେଣୁ ନୀତିଶ ଓ ବିଜେପି ପରସ୍ପର ସହ ରହିବା ଏକ ରାଜନୈତିକ ବାଧ୍ୟବାଧକତା ଓ ପରସ୍ପରକୁ ସହଯୋଗ କରିବାକୁ ବାଧ୍ୟ। କିନ୍ତୁ ବିଜେପିର ଜାତୀୟ ନେତୃତ୍ୱଙ୍କ 'ବିଜେପିର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବାଛିବେ' ବୋଲି ଟିପ୍ପଣୀ ସବୁ ଅସୁବିଧାର ମୂଳ ବୋଲି କୁହାଯାଉଛି। ଏହା ସତ୍ତ୍ୱେ ଏବେ ବି ନୀତିଶ ବିହାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ଓ ଏଥିରେ ସାମାନ୍ୟ ପରିବର୍ତ୍ତନ କେବଳ ବିହାର ନୁହେଁ, ଜାତୀୟ ରାଜନୀତିକୁ ବି ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ୪୫ ଭାରତୀୟ...

୨୩ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିଲା। ଏମାନଙ୍କ ମଧ୍ୟରୁ ୪ ଜଣ ରବିବାର କାର୍‌ରେ ପୃଥକ ଭାବେ ମଦିନା ଯାଇଥିଲେ। ସେହିପରି ଅନ୍ୟ ୪ ଜଣ ଲୋକ ମକ୍କାରେ ରହିଯାଇଥିଲେ।

ଅନ୍ୟ ୪୬ ଜଣଙ୍କୁ ନେଇ ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ମଦିନାଠାରୁ ୨୫ କିମି ଦୂର ମୁହରାସ୍ ନିକଟରେ ଭାରତୀୟ ସମୟ ରାତି ପ୍ରାୟ ୧.୩୦ରେ ଏହି ଦୁର୍ଘଟଣା ଘଟିଥିଲା।

ଏହି ଦୁର୍ଘଟଣା ପାଇଁ ତେଲଙ୍ଗାନା ସରକାର ରିୟାଧ ସ୍ଥିତ ଭାରତୀୟ ଦୂତାବାସ ସହିତ ବରାବର ସମ୍ପର୍କରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ଚିହ୍ନଟ ଓ ପରିଚୟ ପାଇଁ ଦିଲ୍ଲୀରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୂତାବାସର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସବୁ ପ୍ରକାର ସହାୟତା ପ୍ରଦାନ କରିବା ସହ ସବୁ ବ୍ୟବସ୍ଥା ଉପଲବ୍ଧ କରାଇବାକୁ କହିଛନ୍ତି। ଇତିମଧ୍ୟରେ ୧୨ ଜଣ ମୃତକଙ୍କ ନାମ ସାମ୍ନାକୁ ଆସିଛି। ଭାରତୀୟ ଦୂତାବାସ ମଧ୍ୟ ଏ ନେଇ ହେଲ୍ପଲାଇନ୍ ଜାରି କରିଛି। ହାଇଦରାବାଦ ସାଂସଦ ସବୁ ମୃତଦେହକୁ ଭାରତ ଆଣିବା ପାଇଁ ଅପିଲ କରିଛନ୍ତି। ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ରିୟାଦସ୍ଥିତ ବାଣିଜ୍ୟ ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଆମ ଅଧିକାରୀମାନେ ସାଉଦିର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଏହି ଘଟଣା ଗଭୀର ଦୁଃଖ ଦେଇଛି ବୋଲି କହିଛନ୍ତି। ଏହି ଦୁର୍ଘଟଣାରେ ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି।

### ଦାଦନ ଖଟାଇବାକୁ...

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଶୁଣାଣି କରିବା ପରେ ଗଣିଆ ଥାନା ଅଧିକାରୀଙ୍କୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି। ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି। ଫଳରେ ସେମାନେ ଚେଷ୍ଟା କରି ସେଠାରୁ ଖସି ଆସି ପାରୁନଥିବା ବେଳେ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ ହୋଇଛି।


ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747, 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E.Mail-rw_rourkela@yahoo.co.in

No.1471-O

**TENDER CALL NOTICE**

**BID IDENTIFICATION NO. ONLINE-EERKL-19 of 2025-26**

1. Name of the Work :- Road Works.
2. Total No. of works :- 05 (Five) Nos.
3. Estimated cost :- Rs.5.59 Lakhs to 9.32 Lakhs.
4. Class of contractor :- "D" & "C" Class
5. Period of completion :- 01 (One) Calendar months.
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding From | To |
|---|---|---|---|
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-19 of 2025-26 | 18.11.2025 from 10.00 A.M. | 26.11.2025 upto 5.00 P.M. |

Further details can be seen from the website www.tendersodisha.gov.in.

OIPR — Sd/- Executive Engineer, RW Division-II, Sundargarh

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

E-514

CONTRACTUAL APPOINTMENT (WALK-IN-INTERVIEW)

Advt. No : 6156 /DPMU    Dt: 14.11.2025

Interested candidates may attend the **Walk-in-interview** for the post of Medical Officers at different SNCU, UHWCs & UPHCs, Puri on contractual basis as per the NHM norms.

| Sl No | Name of the Post | Vacancy | Mode of Interview |
|---|---|---|---|
| 01 | MO, MBBS | 08 | 29 .11.2025, 11.00AM (Walk In) |

The application format and details are available in the website **https://puri.odisha.gov.in**. The application should reach by Walk-In-interview to the undersigned.

-sd-

OIPR — Chief District Medical & Public Health Officer, Puri

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer**
**Barpali Irrigation Division, Barpali**
E-mail Id - ee.barpali.canal@gmail.com

No.875-A

**'e' Procurement Notice No-07/2025-26**

**BID IDENTIFICATION NO-BID 07(01 to 04) / 2025-26 (ON-LINE) DATED 10.11.2025**

1. Type of the work : Improvement to canal structures & Approach Road.
2. No of works : 04 (Four) Nos.
3. Class of contractor : "D" & "C"
4. Bid identification No. : BID 07 (01 to 04)/2025-26
5. Estimate cost : 8.97 Lakhs to 16.91 Lakhs
6. Period of completion : As per DTCN.
7. Date and time of availability of bid documents in the portal : Dt.13.11.2025 at 11.00 A.M. to Dt.20.11.2025 upto 5.00 P.M.
8. Last date/ time for receipt of bids in the portal : Dt.20.11.2025 upto 5.00 P.M.
9. Date of opening of Bid : Dt.21.11.2025 at 11.00 A.M.
10. Date of Lottery : Dt.27.11.2025 at 11.00 A.M.

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website-http://tenderodisha.gov.in.

OIPR — Sd/- Superintending Engineer, Barpali Irrigation Division, Barpali

**GOVERNMENT OF ODISHA**
**OFFICE OF THE EXECUTIVE ENGINEER MURAN DAM DIVISION, KHATIGUDA UPPER INDRAVATI DAM CIRCLE**
**AT/PO-KHATIGUDA, DIST- NABARANGPUR, PIN-764085**
Email id- eemurandamdivision@gmail.com

A-869

**TENDER CALL NOTICE NO. EEMDD- 03/2025-26, DATED: 06.11.2025**

Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Muran Dam Division, Khatiguda.

| | | |
|---|---|---|
| 1 | Name Of the Work | : "Deployment of one light Commercial Vehicle (Bolero/TUV-300/SUMO Gold/Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year / 12 calendar months". |
| 2 | Number of works | One |
| 3 | Estimate cost | Rs. 4,46,400/- (Excluding GST) |
| 4 | Eligibility of the bidders | : Registered Travel Agency / Tour Operators / Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5 | Period of contract | : 12 (Twelve) Calendar Months |
| 6 | Date & Time of Availability of bid document at the office | From 14.11.2025 (11:00 AM) to 21.11.2025 up to (01:00 PM) |
| 7 | Last Date and Time for receipt of bid at the office | 21.11.2025 (05:00 PM) |
| 8 | Date of opening of the bids online | 24.11.2025 (12:30 PM) |
| 9 | Name & address of the Office of the Office Inviting Bid | Office of The Executive Engineer, Muran Dam Division, At/Po: Khatiguda, Dist.: Nabarangpur, PIN-764085 |

Further details can be seen at the Office of The Executive Engineer, Muran Dam Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.

OIPR — Sd/- Executive Engineer, Muran Dam Division, Khatiguda

**OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA**
e-mail Address: eenidnimapara@gmail.com

**1st Corrigendum to e-Procurement Notice No.04 of 2025-26/ Dated 28.10.2025**

**NID FOR CANCELLATION**

No.A-898: The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.

OIPR- — Sd./- Superintending Engineer, Nimapara Irrigation Division, Nimapara

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY, SAMBALPUR**
Established by an Act of Government of Odisha.

No. 2710 /OSOU/2025    Dt. 17.11.2025

**SHORT TENDER NOTICE**

Odisha State Open University, Sambalpur invites Short Tender Notice for Event Management Services for PRAYAS: National Conference-2025 to be held from 13th to 15th December, 2025 in the University Campus for successful completion of the Event.

The interested agencies having experiences in the said services may visit our website www.osou.ac.in for more details. Last date of submission of tender proposal - 02.12.2025 (5.00 PM) by Speed Post /Regd. Post.

For more details visit our website **www.osou.ac.in**

Sd- Registrar

**OFFICE OF THE NOTIFIED AREA COUNCIL, KODALA**
Odisha, PIN -761032, e-Mail: - nackodala@gmail.com

Lt. No.3140/Dev/2025    Dated.12.11.2025

**e- NOTICE**

**BID IDENTIFICATION No.KOD-NAC-12/2025-26**

C-: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- Civil Work
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 13/11/2025 to 5.00PM of Dt. 26/11/2025
6. Last date and time for receipt of Bid in the Portal :- 5.00PM of Dt. 26/11/2025
7. The bid received online shall be opened on :- 11.00 AM of dtd. 27/11/2025
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal: www.tendersorissa.gov.in.

OIPR- — Sd./- Executive Officer, Kodala NAC

C-1450

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
E-mail : eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**

Bid Identification No.52/03/SPH(C)/2025-26 dt.07.11.2025

1. Name of the work : 5 (Five) nos. of works
2. Estimate cost : 7.39 lakh to 40.64 lakhs
3. Date & time of availability of bid document in the portal : From 11.00 AM of 15.11.2025 to 5.30 PM of 01.12.2025
4. Last Date / Time of receipt of bid in the portal : 5.30 PM of 01.12.2025
5. Date and time of opening of bids : 1.00 P.M. on dated.03.12.2025
6. Name and address of the Officer inviting the bid : Superintending Engineer, P.H. Division, Bhanjanagar at Chatrapur

Further details can be seen from the e-procurement portal https://www.tenderorissa.gov.in.

OIPR- — Sd./-Additional Chief Engineer, P.H. Division, Bhanjanagar at Chatrapur

**AFFIDAVIT**

By virtue of an affidavit sworn before Executive Magistrate Bhubaneswar on dated, 17.11.2025, I Rita Kumari Naik resident At-Hariom Colony, Mission Chowk, Word No. 10, Po/Ps- Sundargarh Town, Dist- Sundargarh, Odisha, PIN- 770001, declare that I have changed my name from Rita Patel to Rita Kumari Naik. Henceforth, She shall be known as **RITA KUMARI NAIK** for all purposes.

**LOST**

I, Sri Sana Pangi, S/o- Late Amaya Pangi resident of Vill.- Raipada, Po.- Godihanjar, Ps.- Machkund, Dist.- Koraput state that, I am having a landed property of Mouza- Godihanjar under khata no.-48, Area- AC- 7.89 Centin the name of Ghasi Pangi, Raji Pangi and Sana Pangi joint record. Original ROR has been misplaced when I traveled from Raipada to Jeypore. Inspite of my best effort I am unable to trace it out and it is beyond recovery. If in future any person has found the Original ROR while in contact with Sana pangi. Mob No.- 9337954554.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar Address dated 3.11.2025, I, Baidhar Shau, Vill- Narasinghpur, P.O.:- Bhandaridiha, Dist-Kendujhar, Pin-758025, Odisha declare that, the name of my daughter has changed from Dipika Priyadarshini Shau to Dipika Priyadarshini Sahu. Henceforth, she will be known as Dipika Priyadarshini Sahu for all purposes.

**AFFIDAVIT**

By virtue of an affidavit no.2888, dtd.16.10.2025 before Notary Public, Jatni, I, Chakradhar Maharana, residing at Ananda Vihar, Godadharmasagar, Jatni, PO/PS–Jatni, Dist-Khurda, Pin–752050 have changed my name from Chakrapani Moharana to Chakradhar Maharana. Henceforth, I shall be known as Chakradhar Maharana for all purposes.

**Sd/-Chakradhar Maharana**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 10.10.2025, I Apurba Naik, Address At-Narankhunta, Po- Narankhunta, Ps-Badasahi, Dist-Mayurbhanj, State-Odisha, Pin-757075 declare that I have changed my name from Arghuba Naik to Apurba Naik. Henceforth, I shall be known as Apurba Naik for all purposes.

**Sd/- Apurba Naik**

**AFFIDAVIT**

By virtue of an affidavit (CF No. 16, date- 17/11/2025) before the Executive Magistrate, Bhubaneswar. I, **Rubina Sahoo**, (Mobile Number: 7894244302), W/o Panchanan Sahoo, resident of At- Plot No. LIG-231, Baramunda Housing Board Colony, Near Radhakrishna Temple, Baramunda, Bhubaneswar, Dist- Khurda, Odisha, PIN- 751003, Odisha declare that, I have correction my name from **Rubina Rani Sahoo to Rubina Sahoo** in my son's school record (Name: **Biswaroop Sahoo**, School: KV-2, Bhubaneswar).

**Rubina Sahoo**

**AFFIDAVIT**

I, Rasmi Ranjan Barik, aged about 48 years, S/o Late Rabindra Kumar Barik, resident of At- Baulakuda, Dadhibamanpur, Bentkar, Dist- Cuttack, PIN- 754112, Odisha declare by this affidavit No. 9829, date- 19/09/2025, that now onwards I shall be known as **RASHMI RANJAN BARIK** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 17/11/2025. I, **Jangyasini Nag** (new name) formerly called as Jagyanseni Nag (old name), D/o Bhima Nag, Permanent resident of At- Belpadar, P.O. Sirol, P.S. Titilagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from **Jagyanseni Nag** (old name) to **Jangyasini Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jangyasini Nag** (new name).

**Jangyasini Nag**

**AFFIDAVIT**

By virtue of an affidavit no.2889, dtd.16.10.2025 before Notary Public, Jatni, I, Laxmipriya Maharana, At- Loco Settlement, PO/PS-Jatni, Dist-Khordha, present residing at Ananda Vihar, Godadharmasagar, Jatni, PO/PS-Jatni, Dist-Khordha -752050 have changed my name from Bisnupriya Moharana to Laxmipriya Maharana. Henceforth, I shall be known as Laxmipriya Maharana for all purposes.

**Sd/-Laxmipriya Maharana**

**AFFIDAVIT**

I, **Beautirani Parichha,** D/o.: Mrutyunjaya Parichha, Permanent resident of At/PO.: Narayanpur, P.S.: Rayagad, Dist.: Gajapati, Odisha-761212 declare by this Affidavit No.: 6017, sworn before Executive Magistrate, Angul on Dt.17.11.2025 that from now onwards my name Beauti Parichha will be known as **Beautirani Parichha** for all future legal purposes.

**AFFIDAVIT**

By Virtue of an affidavit dtd. 16.11.2025 before the Notary Public, M.Rampur, Dist Kalahandi,I, Binod Kumar Sahu, Have changed my minor daughter name and DOB from Pragya parimiti Sahu, DOB- 28.05.2012 to Pragya Parimita Sahu, DOB- 23.04.2012. Hence forth she will be Known as pragya Parimita Sahu and her DOB is 23.04.2012 for all purposes.

**Sd/- Binod Kumar Sahu**

**AFFIDAVIT**

I JAMI RASHMITA, W/o JAMI ANIL KUMAR, resident of At- Gulipatna, Po./Ps.- Umarkote, ,Dist.- Nabarangpur- 764 073 Odisha declare by this Affidavit No.1893, Dated- 11/11/2025,that now onwards I shall be known as **JAMI RASMITA PATRA** for all future purpose.

**AFFIDAVIT**

I, Gohil Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Odisha, Pin- 751006, declare by this affidavit No.311/2025, dated- 11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**

Punam Agarwalla, D/O- Sarat Chandra Tulsian, Residence of ward no-2 Babusahi, po-Baripada, ps- Baripada Town, Dist- Mayurbhanj-757001 Odisha, declared by this affidavit no-243,Dated- 17/11/2025 that now onwards I shall be known as **PUNAM AGARWAL** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Baramba Dt. 27.10.2025 I Santosh Kumar Sahoo of Vill/Po-Jhajia, Ps- Baramba, Dist-Cuttack declare that I have changed the name of my minor daughter name from Nishigandha Sahoof to Nishigandha Sahoo in Aadhar card. Henceforth, she shall be known as **Nishigandha Sahoo** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, SL.No- 3 on dated 17-11-2025 I, **MADHUSREE KUANR,** W/o Bikash Chandra Rout permanent resident of Plot No- B/27/A, Phase-2, Krishna Garden, Jagamara, VTC- Khandagiri, Po- Khandagiri, Ps- Khandagiri, Dist- Khordha, Pin- 751030, declare that I have changed my name from **MADHUSHRI ROUT** (Old name) to **MADHUSREE KUANR** (New name), Henceforth, I shall be known as **MADHUSREE KUANR** for all future purposes.

Sd-( **MADHUSREE KUANR)**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 17/11/2025. I, **Subash Murlli** (applicant name), S/o- Narasingha Murlli, permanent resident of AT- Sargiguda W.N. 1, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Bubul Murali** (old name) to **Bulbul Murlli** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bulbul Murlli** (new name) for all future purposes.

**Subash Murlli**

## ରକ୍ଷଣାବେକ୍ଷଣ ହେଉନି ଜେଲ କ୍ୱାର୍ଟର୍ସ

# ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି କର୍ମଚାରୀ



ରାଇରଙ୍ଗପୁର, ୧୭ ।୧୧(ସମିସ): ରାଇରଙ୍ଗପୁର ଉପଖଣ୍ଡ କାରାଗାର ପରିସରରେ ଥିବା କର୍ମଚାରୀ କ୍ୱାର୍ଟର୍ସଗୁଡି ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଗଲାଣି। ବହୁ ବର୍ଷ ହେବ କ୍ୱାର୍ଟର୍ସ ନିର୍ମିତ ହୋଇଥିବାବେଳେ ମରାମତି କରାଯାଉନାହିଁ। ଫଳରେ କ୍ୱାର୍ଟର୍ସ ଗୁଡ଼ିକର ଛାତ ନଷ୍ଟ ହୋଇ ପାଣି ପଡୁଛି। ଏହାସହିତ କାନ୍ଥଗୁଡ଼ିକରୁ ଗଛ ଉଠିଗଲାଣି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ବିପଦସଙ୍କୁଳ ଅବସ୍ଥାରେ କର୍ମଚାରୀ ଓ ତାଙ୍କ ପରିବାର ରହୁଛନ୍ତି। ଏହାସହିତ କ୍ୱାର୍ଟର୍ସକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ରହିଛି। କଂକ୍ରିଟ ରାସ୍ତା ନ ଥିବା ବେଳେ ମାଟି କାଦୁଅ ରାସ୍ତା ଦେଇ ଚଳପ୍ରଚଳ କରୁଛନ୍ତି। ରାସ୍ତା ଅବସ୍ଥା ଅତି ଖରାପ ଥିବା ବେଳେ ବର୍ଷା ହେଲେ ଆହୁରି ଶୌଚନୀୟ ହେଉଛି। କ୍ୱାର୍ଟର୍ସ ଏବଂ ରାସ୍ତା ନିର୍ମାଣ ନେଇ ପୂର୍ତ୍ତ ବିଭାଗକୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଜଣେ ଜେଲ କର୍ମଚାରୀ ନିଜର ନାମ ଗୋପନ ରଖି କହିଛନ୍ତି। ପ୍ରାୟ ୨୦ଜଣ କର୍ମଚାରୀ ପରିବାର ସମେତ ଭଙ୍ଗା କ୍ୱାର୍ଟର୍ସରେ ରହୁଛନ୍ତି। ବର୍ଷା ଦିନେ ରାସ୍ତା ଶୋଚନୀୟ ଥିବାର ପିଲାମାନେ ପାଠ ପଢ଼ିବାକୁ ମଧ୍ୟ ଯିବାକୁ ନାରାଜ ହେଉଛନ୍ତି। ଏ ନେଇ ରାଇରଙ୍ଗପୁର ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ରକ୍ଷଣାବେକ୍ଷଣ କାର୍ଯ୍ୟନେଇ କୌଣସି ପ୍ରସ୍ତାବ ବର୍ତ୍ତମାନ ନାହିଁ ବୋଲି କହିଛନ୍ତି।

# ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ୍ ଦିବସ

ବେତନଟୀ, ୧୭।୧୧(ସମିସ): ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ୍ ଦିବସ ବେତନଟୀ ଧର୍ମଶାଳା ପରିସରରେ ଆଜି ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ସର୍ବେଶ୍ୱର ମହାନ୍ତଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବରେ ରାଜ୍ୟ ସାମ୍ବାଦିକ ସଂଘର ଉପସଭାପତି ଦୀପକ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ କୃଷ୍ଣଚନ୍ଦ୍ରପୁର ଜୁନିୟର କଲେଜର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁ, ଅଜୟ କୁମାର କର, ପ୍ରଭାତୀ ମହାନ୍ତି ପ୍ରମୁଖ ପସ୍ଥିତ ଥିଲେ। ସଂଘର ସମ୍ପାଦନ ଅନୁପ କୁମାର ଦଣ୍ଡପାଟ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ମଞ୍ଚ ପରିଚାଳନା କରିଥିଲେ ଉପଦେଷ୍ଟା ଆଶିଷ କୁମାର ଦାସ। ଶ୍ରେଷ୍ଠ ସେବିକା ଭାବେ ସେବତୀ ବେହେରା, ଅଙ୍ଗନବାଡି କର୍ମୀ ଭାବରେ ରଙ୍ଗଲତା ମହାନ୍ତ, ଅବସରପ୍ରାପ୍ତ ଚିକିତ୍ସା ସହାୟକ ପଶୁସମ୍ପଦ ଓ ପ୍ରାଣୀ ବିଭାଗର ସୁନ୍ଦର ମହୋନ ବେହେରା, ଡ. ରମାକାନ୍ତ ମହାନ୍ତ, ଭାଗ୍ୟରଞ୍ଜନ ବେହେରା, ହରପ୍ରିୟା ଦାସ ଓ ରଞ୍ଜିତା ଦାସଙ୍କୁ ବେତନଟୀ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି ଗତୀକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା:** ଉଦଳା ୟୁନିକ୍ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ରବିବାର ପୂର୍ବାହ୍ନରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ମୁଖ୍ୟବକ୍ତା ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ସଚ୍ଚିନ୍ଦ୍ର ନାଥ ପରିଡ଼ା, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀକାନ୍ତ ପତି, ଉପଖଣ୍ଡ ଓକିଲ ସଂଘ ସଭାପତି ପଦ୍ମଲୋଚନ ଦାସ, ସମ୍ପାଦକ ରଜତ କୁମାର ମହାପାତ୍ର, ୟୁନିକ୍ ପ୍ରେସ୍ କ୍ଲବ ସଭାପତି ଦୀନବନ୍ଧୁ ବାରିକଙ୍କ ସମେତ ମୟୂରଭଞ୍ଜର ବରିଷ୍ଠ ଦକ୍ଷ ସାମ୍ବାଦିକ କଲ୍ୟାଣ ସିହ୍ନା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପ୍ରେସ୍ କ୍ଲବର ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ବାଛିନୀ ସଭା ପରିଚାଳନା କରିଥିଲେ। ପରେ ଦିବ୍ୟଙ୍ଗତ ସାମ୍ବାଦିକ ଅରୁଣ କୁମାର ମହାନ୍ତି ଏବଂ ସୌମେନ୍ଦ୍ର ଦାଶଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା




କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ କ୍ଲବର ସମ୍ପାଦକ ଦିଲୀପ କଲିଆ, କୋଷାଧ୍ୟକ୍ଷ ଶଶିକାନ୍ତ ମିଶ୍ର, ସର୍ବେଶ୍ୱର ମହାପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଶତପଥୀ, ତପନ କୁମାର ମହାନ୍ତି, ସନ୍ଦୀପ ମହାନ୍ତି, ଦୀପକ କୁମାର ପରିଡ଼ା, ଅଭିଜିତ୍ ବେହେରା, ଦୀପକ କୁମାର ମିଶ୍ର, ଅଭିଜିତ୍ ବିଶ୍ୱାଳ, ଦିଲୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର, ୧୭।୧୧(ସମିସ): ଗୋରୁମହିଷାଣି ଅନ୍ତର୍ଗତ ଚଢେଇପାହାଡି ଗ୍ରାମ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଉକ୍ତ ଗ୍ରାମର ସନଟା ମୁଣ୍ଡାରୀ (୨୩)। ସେ କିଛି ମାସ ହେଲା କୌଣସୀ କାରଣରୁ ମାନସିକ ଭାରାକ୍ରାନ୍ତ ହୋଇ ରହୁଥିଲେ। ଘର ଲୋକ ଅନୁପସ୍ଥିତ ଥିବା ବେଳେ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା କରିଥିଲେ। ପରେ ପରିବାର ଲୋକେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସୁଣ୍ଡକ ଗ୍ରାମରୁ ସାଢେ ୩ ଲକ୍ଷର ଅଳଙ୍କାର ଓ ୩ଲକ୍ଷ ଟଙ୍କା ଚୋରି

ରାଇରଙ୍ଗପୁର, ୧୭।୧୧(ସମିସ): ଗୋରୁମହିଷାଣି ଥାନା ଅଞ୍ଚଳରେ ଚୋର ଗ୍ୟାଙ୍ଗ ମାତିଥିବା ବେଳେ ଏକ ତାଲା ବନ୍ଦ ଘରୁ ସୁନା, ରୁପା ଓ ଟଙ୍କା ଚୋରି ହୋଇଛି। ଏନେଇ ସୁଣ୍ଡକ ଗ୍ରାମର ରାଜବଲ୍ଲଭ ପାଟବନ୍ଧା ଗୋରୁମହିଷାଣି ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆଲମାରୀ ତାଲା ଭାଙ୍ଗି ୩ ଲକ୍ଷ ୫୦ ହଜାର ଓ ୩ଲକ୍ଷର ସୁନା ଓ ରୁପା ଅଳଙ୍କାର ଗୁଡ଼ିକ ଚୋରି କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବିଶ୍ୱବିଦ୍ୟାଳୟରେ ଯୁବ ସମ୍ମିଳନୀ



ବାରିପଦା, ୧୭ ।୧୧(ସମିସ): ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାରିପଦା ନଗର ତରଫରୁ ରବିବାର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବସନ୍ତ କୁମାର ମଲ୍ଲିକ, ପ୍ରକାଶ କୁମାର ନାୟକ, ମୁଖ୍ୟଅତିଥି ଭାବେ ଡ଼ ଶିଶିର ବେହେରା, ଚୈତନ୍ୟ ପ୍ରସାଦ ବାରିକ ଯୋଗଦେଇ ଯୁବକଙ୍କୁ ସ୍ୱାବଲମ୍ବୀ ଓ ସ୍ୱଦେଶୀ ବ୍ୟବହାର କରିବାପାଇଁ ଆହ୍ୱାନ ଦେଇଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; ହିନ୍ଦୁଜୀ ଗୁନା ଚାମ୍ପିଅନ



କୁଆମରା, ୧୭।୧୧(ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ନୂଆସାହି ଗାନ୍ଧିଜୀ ଯୁବକ ସଂଘ ଆନୁକୂଲ୍ୟରେ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବାହାମାୟୀ ଏଫ୍ ସି ଜୟପୁରକୁ ପେନାଲଟି ଜରିଆରେ ହରାଇ ହିନ୍ଦୁଜୀ ଗୁନା ବୈଶିଙ୍ଗା ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଚମ୍ପିୟାନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ନଗଦ ଅର୍ଥ ସହ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସେମିଫାଇନାଲକୁ ଉନ୍ନୀତ ହୋଇଥିବା ସୁପର ସାଇକ୍ଲୋନ ଏଫ୍ ସି ଏବଂ ଗଜେନ୍ଦ୍ର ସ୍ପର୍ଟିଂ କ୍ଲବ ଦୁଇ ଦଳକୁ ତିନି ହଜାର ଲେଖାଏଁ ଅର୍ଥ ରାଶି ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିବରଣୀ ଉତ୍ସବ ରେ ଅତିଥି ଭାବେ ସରପଞ୍ଚ ଭୋଳାନାଥ ସିଂ, କୁଶଳଦା ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସିଂ, ଯୁବ ନେତା କମଳାକାନ୍ତ ଚୈଧୁରୀ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

● ବୈରାଟପୁର ପ୍ରିମିୟର ଲିଗ କ୍ରିକେଟ

## ଏସ୍‌ଏସ୍ ଫାଇଟର ଚାମ୍ପିଅନ



କପ୍ତିପଦା /ଉଦଳା, ୧୭।୧୧(ସମିସ): ବୈରାଟପୁର ପ୍ରିମିଓର ଲିଗ ୨୦୨୫ ସିଜିନ-୧ ଫାଇନାଲ ମ୍ୟାଚରେ ଏସଏସ ଫାଇଟର ଚାମ୍ପିଅନ ହୋଇଛି। ଏସଏସ ଫାଇଟର ବ୍ୟାଟିଂ କରି ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ୧୬୭ ରନ ସଂଗ୍ରହ କରିଥିଲା। ଜବାରେ ଚିଲ୍ଲ ବ୍ରୋ ୨୦ ଓଭରରେ ୧୬୧ରନ କରି ମ୍ୟାଚ ହାରିଯାଇଥିଲା। ଫଳରେ ଏସଏସ ଫାଇଟର ବିଜୟୀ ହୋଇଥିଲା। ଏସ ଏସ ଫାଇଟର ପକ୍ଷରୁ ସୁବାଶିଷ ମାଝୀ ୩୧ବଲରେ ୫୧ ରନ କରିଥିବା ବେଳେ ଶିବା ମହାକୁଡ଼ ୪ ଓଭର ବୋଲିଂ କରି ୧୯ ରନ ଦେବା ସହ ୪ଟି ଉଇକେଟ ହାସଲ କରି ତୁଳସୀ ଏଣ୍ଟରପ୍ରାଇଜେସ ପକ୍ଷରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସଏସ ଫାଇଟର ପକ୍ଷରୁ ଦୀପକ ବେହେରା ସର୍ବାଧିକ ରନ କରି ସାଗର ସିମେଣ୍ଟ ଲିମିଟେଡ଼ ପକ୍ଷରୁ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ସେହିପରି ସର୍ବାଧିକ ଛକା ମାରି ଦୀପକ ବେହେରା ଗୁରୁପ୍ରୀତ ମିଶ୍ର ସୁପର ସିକ୍ସ ପୁରସ୍କାର ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ଏନଏସି ଚେୟାରମେନ ପ୍ରମିଳା ପଣ୍ଡା, ପଞ୍ଚାୟତର ସରପଞ୍ଚ ସକ୍ଷରମଣି ହେମ୍ବ୍ରମ, ସମିତି ସଭ୍ୟା ସୁକାନ୍ତି ହାଁସଦା, ଉଦଳା ଏନଏସି ର ଯୁବ ନେତା ଦିପୁ ଦାସ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ବିସିଏଲ୍ ଟୁର୍ଣ୍ଣାମେଣ୍ଟ ନିମନ୍ତେ ପ୍ରସ୍ତୁତି ବୈଠକ



ବିଶୋଇ, ୧୭ ।୧୧(ସମିସ): ନେତାଜୀ କ୍ଲବ ଅନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା 'ବିଶୋଇ ଚାମ୍ପିଅନସ ଲିଗ୍' ଚତୁର୍ଥ ସଂସ୍କରଣର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବିଶୋଇ, ବିଜାତଳା, ସାରସକଣା ଓ ବାଙ୍ଗିରିପୋଷି ପ୍ରମୁଖ ୪ଟି ବ୍ଲକରୁ ପ୍ରତିଭାବାନ ଖେଳାଳିଙ୍କୁ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଚୟନ କରାଯାଇ ସମୁଦାୟ ୮ଟି ଦଳକୁ ନେଇ ଏହି ଲିଗ ଆୟୋଜିତ ହେବ ବୋଲି କ୍ଲବର କ୍ରୀଡ଼ା ସମ୍ପାଦକ ରିତୁନ ମହାନ୍ତି, ସଭାପତି ମାନସ ରଞ୍ଜନ ମହାପାତ୍ର, ସମ୍ପାଦକ ସଚୀନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ସୁମନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଲିଗରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ କ୍ରିକେଟ ଖେଳାଳିଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ଗତ ନଭେମ୍ବର ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୫ ତାରିଖ ରାତି ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୨୯ ତାରିଖରେ ଖେଳାଳିମାନଙ୍କ ନିଲାମି ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ରେଡକ୍ରସ୍ ଶିବିର ଉଦ୍‌ଯାପିତ




ବହଳଦା, ୧୭ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲ ବହଳଦାସ୍ଥିତ ଧୀରଜଲାଲ କଲେଜରେ ଚାଲିଥିବା ଜିଲ୍ଲାସ୍ତରୀୟ ରେଡକ୍ରସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ମୋତିଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରେଡକ୍ରସର ଆଜୀବନ ସଦସ୍ୟ ଡ. ଦିଲୀପ କୁମାର ଭୋଇ, ମୁଖ୍ୟବକ୍ତା ଭାବେ ସମାଜସେବୀ ଅଶୋକ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଝରାଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣି, ବହଳଦା ଥାନାର ସବ୍‌ଇନ୍ସପେକ୍ଟର ଅନନ୍ତ ଦାସ, ରେଡକ୍ରସର ଜିଲ୍ଲା ସଂଯୋଜକ ରାଜେଶ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ମା' ବାସୁଳୀ କଲେଜ ଠାକୁରମୁଣ୍ଡାର କାଉନସିଲର ଅଧ୍ୟାପକ ବସନ୍ତ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ଧୀରଜଲାଲ କଲେଜର ରେଡକ୍ରସ କାଉନସିଲର ଅଧ୍ୟାପକ ମଙ୍ଗଲ ସିଂ ଓ କୃଷ୍ଣ ସିଂ, ସାଧନ କର୍ମୀ ଭାବେ ହିମାଂଶୁ ଶେଖର ସାହୁ ଅଂଶଗ୍ରହଣ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ନିଗ୍ଧାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶ୍ରେଷ୍ଠ ପୁରୁଷ କାଉନସେଲର ଭାବେ ଶୀରପାଣି ମହାନ୍ତ, ଶ୍ରେଷ୍ଠ ମହିଳା କାଉନସେଲର ଭାବେ ସ୍ୱାତୀ ପ୍ରଜ୍ଞା ମହାନ୍ତ, ଉକ୍ତ ବିଦ୍ୟାଳୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଜ୍ୟୋତି ପ୍ରକାଶ ସୋରେନ, ଶ୍ରଦ୍ଧା ସୁମନ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ଯୁବ ସମ୍ମିଳନୀ

ଖୁଣ୍ଟି, ୧୭ ।୧୧(ସମିସ): ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସଙ୍ଘସେବକ ସଂଘର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶୁକ୍ଳି ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ମଲ୍ଲିକ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଖଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ସୁବ୍ରତ କୁମାର ଗିରି ଓ ଯୁବ ପ୍ରତିଭା ଚନ୍ଦନ କୁମାର ଦାସ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ କାମିନୀକାନ୍ତ ମହାକୁଡ଼ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସତ୍ୟରଞ୍ଜନ ମହାକୁଡ଼ ସହଯୋଗ କରିଥିଲେ। ଏଥିସହିତ ବିଭିନ୍ନ ଅନୁଷ୍ଠାନ ତଥା ସାମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଜନଜାତୀୟ ଗୌରବ ଦିବସ

ଠାକୁରମୁଣ୍ଡା, ୧୭ ।୧୧(ସମିସ): ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜନଜାତି ଗୈରବ ଦିବସ ପାଳନ ସହିତ ସହଯୋଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। ଧର୍ତ୍ତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା ଯୋଗଦେଇ ଛାତ୍ରୀ, ଅଭିଭାବକ ଓ ଶିକ୍ଷକ ୩ ଜଣ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କଲେ ଆମେ ଚାହୁଁଥିବା ଫଳପ୍ରାପ୍ତି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ମନୋରଞ୍ଜନ ମହାପାତ୍ର, ଠାକୁରମୁଣ୍ଡା ପ୍ରେସ୍ କ୍ଲବର ସଭାପତି ଶରତ ତ୍ରିପାଠୀ ଯୋଗଦେଇ ଅଭିଭାବକ ବାସ୍ତବ ଅର୍ଥରେ ସ୍କୁଲର ସହଯୋଗୀ ଓ ସହଭାଗୀ ହେଲେ ସ୍କୁଲର ଚିତ୍ର ଚରିତ୍ର ବଦଳିବା ସହିତ ପିଲାମାନଙ୍କୁ ନୂତନ ଦିଗଦର୍ଶନ ଦେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିପିଡିଓ ଯାଜ୍ଞାପ୍ରଭା ମିଶ୍ର, କବୟିତ୍ରୀ ପଦ୍ମାବତୀ ସିହ୍ନା, ଠାକୁର ମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସଚୀନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ବଡ଼ସାହି:** ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ନୂତନ) ରେ ଜନଜାତି ଗୌରବ ଦିବସ ପାଳିତ ହୋଇଛି ଶିକ୍ଷା କମିଟିର ସଭାପତି ଧାନାୟ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦନପୁର ସରପଞ୍ଚ ହରିଶ୍ଚନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟା ମିନତୀ ପାତ୍ର, ମାଣତ୍ରୀ କ୍ଲଷ୍ଟର ସିଆର୍‌ସିସି ବସନ୍ତ ବାରିକ୍, ବଡ଼ସାହି ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ଡା. ସୁଧାଂଶୁ ବେହେରା, ବିଶିଷ୍ଟ ଆଦିବାସୀ ଭାଷା ବିଶାରଦ ବୁଦ୍ଧିଆ ସିଂ ଯୋଗଦାନ କରି ସରକାରଙ୍କ ସମସ୍ତ ଜନହିତକର ଯୋଜନା ଗୁଡ଼ିକ ଅବଗତ କରାଇଥିଲେ। ସେହିପରି ଲକ୍ଷ୍ମଣ ନାୟକ, ମାଧ ସିଂ, ତିଲ୍କା ମାଝୀ, ଚକରା ବିଶୋଇ, ଧରଣୀଧର ଭୂୟାଁ, ଫୁଲ, ଝାନୋ ଆଦି ଜନଜାତି ବର୍ଗର ସଂଗ୍ରାମୀଙ୍କର ଦେଶ ଗଠନରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ସହକାରୀ ଶିକ୍ଷକ ରାମଚନ୍ଦ୍ର ସିଂ ବିଦ୍ୟାଳୟ ହଷ୍ଟେଲ ବ୍ୟବସ୍ଥା, ଅଭିମନ୍ୟୁ ସାଡୁଆ ମନିଟରିଂ ଓ ଶୈକ୍ଷିକ ବ୍ୟବସ୍ଥା, ଚିନ୍ମୟୀ ଆରଖ



କ୍ୟାରିୟର କାଉନସେଲିଂ, ଦେବଦତ୍ତା ପତି ବିଦ୍ୟାଳୟ ଓ ଛାତ୍ରାବାସର ସୁରକ୍ଷା ନିରାପତ୍ତା, ଅଲିଭା ମହାନ୍ତ ଜୀବନ କୌଶଳ ଶିକ୍ଷା ସମ୍ପର୍କିତ ବ୍ୟବସ୍ଥା ବର୍ଣ୍ଣନା କରିଥିଲେ। ଅତିଥି ଶିକ୍ଷୟିତ୍ରୀ ସ୍ନେହଲତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ମାଣତ୍ରୀ:** ମାନଗୋବିନ୍ଦପୁର ପଞ୍ଚାୟତ ଅଧୀନ ଉତ୍ତରପାଳ ଆଶ୍ରମ ବିଦ୍ୟାଳୟ ପରିସରରେ ଶନିବାର ସହଭାଗିତା ଭାବରେ ପିତାମାତା ସହ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଣ୍ଡା ସଭାପତିତ୍ୱ କରିଥିବାବେଳେ ସିଆରସିସି କାହ୍ନୁଚରଣ ବାରିକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିରୂପେ ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ତପନ ସିଂ ଯୋଗ ଦେଇଥିଲେ। ଏହା ବ୍ୟତୀତ ସପ୍ତମ ଶ୍ରେଣୀର ଛାତ୍ରୀ ନନ୍ଦିନୀ ସୋରେନ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ମନୋନୀତ ହୋଇ ବ୍ଲକସ୍ତରୀୟ ସୁରଭି, ପୁଣି ବ୍ଲକସ୍ତରରୁ ମନୋନୀତ ହୋଇ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପ୍ରଥମ ହୋଇ ରାଜ୍ୟସ୍ତରୀୟ ସୁରଭିକୁ ଯିବାର ସୁଯୋଗ ପାଇଥିଲେ। ସେହିପରି ଅଷ୍ଟମ ଶ୍ରେଣୀର ଛାତ୍ରୀ ରୁନି ସିଂ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ସେଥିପାଇଁ ସେହି ଦୁଇ ଜଣକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅମିତା ସାମଲ, ଶିକ୍ଷକ ବିଭୂତିଭୂଷଣ ବିଶ୍ୱାଳ, ମେଟ୍ରୋନ ମଞ୍ଜୁଲତା ରାଉତ, ଏଲସିସିଏ ଶାନ୍ତିଲତା ସିଂ ଓ ପୁଷ୍ପଲତା ସିଂ ସହଯୋଗ କରିଥିବାବେଳେ ବିଦ୍ୟାଳୟର ସହଶିକ୍ଷୟିତ୍ରୀ ମମତା ଦାସ ମଞ୍ଚରେ ଥିବା ଅତିଥିଙ୍କ ପରିଚୟ ଓ ସହଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କପ୍ତିପଦା:** ନୂଆସାହି ଡିଗ୍ରୀ କଲେଜରେଜନ ଜାତୀୟ ଗୌରବ ଦିବସ ତଥା ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବିର୍ସାମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ କଲେଜର ଅଧ୍ୟକ୍ଷା ଡ଼ଃ ଲିପିକା ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଅତିଥିମାନେ ଆଦିବାସୀ ନେତା, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜନଜାତି ସମ୍ପ୍ରଦାୟ ସଂସ୍କୃତିର ସୁରକ୍ଷା, ତଥା ଜନଜାତିଙ୍କ ଅଧିକାରର ସୁରକ୍ଷା ଦିଗରେ ତାଙ୍କର ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ



କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଚନ୍ଦ୍ର ମୋହନ ପରିଡ଼ା, ଅଧ୍ୟାପିକା ମଞ୍ଜନା ମହାପାତ୍ର, ଜୟପ୍ରଦା ମହାନ୍ତି ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ଧନ୍ୟବାଦ ଦେଇଥିଲେ।

## ବିର୍ସା ମୁଣ୍ଡା ଛକରେ ଆଲୋକୀକରଣ ଦାବି

ବାରିପଦା, ୧୭ ।୧୧(ସମିସ): ପୋଡ଼ାଅସ୍ତିଆ ସ୍ଥିତ ବିର୍ସା ମୁଣ୍ଡା ଛକ ଓ ବୁଢ଼ାବଳଙ୍ଗ ନଦୀ ପୋଲରେ ଆଲୋକି କରଣ ସହ ଅନ୍ୟାନ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ଦାବି ହୋଇଛି। ଏନେଇ ପୋଡ଼ାଅସ୍ତିଆ ୧୭ ନମ୍ବର ୱାର୍ଡ଼ ମେମ୍ବର ତଥା ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ସଦସ୍ୟ ଝାଡେଶ୍ୱର ସିଂଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଧଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପ୍ରଦାନ କରିଛନ୍ତି। ପୋଡ଼ା ଅସ୍ତିଆରେ ଉନ୍ନତିକରଣ କାର୍ଯ୍ୟ ହେଉନାହିଁ। ବିର୍ସା ମୁଣ୍ଡା ଭବନ ନିର୍ମାଣ, ସ୍ୱାଧୀନତା ସଂଗ୍ରାମୀ ସହିଦ୍ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସୌନ୍ଦର୍ଯ୍ୟକରଣ, ଯାତ୍ରୀଙ୍କ ପାଇଁ ବିଶ୍ରାମଗାର ଭଳି ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମୁଣ୍ଡା ଆଦିବାସୀ ଯୁବ ସଂଗଠନ ସଭାପତି ଧର୍ମପଦ ସିଂ, ସୁଗାଳ ସାଙ୍ଗମ ସଭାପତି ସୁନାରାମ ସିଂ, ସମ୍ପାଦକ ରାମେଶ୍ୱର ସିଂ, ମୁଣ୍ଡାରୀ ସମାଜ ସାମାର ଜାମଡ଼ା ସଭାପତି ନନ୍ଦଲାଲ ସିଂ ଉପସ୍ଥିତ ଥିଲେ।

## ଅଳତିରେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ଆନନ୍ଦପୁର,୧୭।୧୧ (ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରବଳ ଶୀତ ଲହରୀକୁ ଦୃଷ୍ଟିରେ ରଖି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଗରିବ ଓ ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ କରାଯାଉଛି। ଆଜି ଘଷିପୁରା ବ୍ଲକ୍ ଅଳତି ପଞ୍ଚାୟତରେ ୫୦ ଜଣ ଅତ୍ୟନ୍ତ ଗରିବ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞପ୍ରସାଦ ସାହୁଙ୍କ ସହଯୋଗ ଓ ନେତୃତ୍ୱରେ ଏହି ସେବା କାର୍ଯ୍ୟ ଜାରି ରହିଛି। ଏ ଅବସରରେ ଯଜ୍ଞ ପ୍ରସାଦ ସାହୁ କହିଛନ୍ତି, ଘଷିପୁରା, ଆନନ୍ଦପୁର ଓ ଘଟଗାଁ ବ୍ଲକର ସମସ୍ତ ପଞ୍ଚାୟତରେ ୫୦ ଜଣ ଅସହାୟଙ୍କୁ କମ୍ବଳ ପ୍ରଦାନ କରାଯିବ। ସେହିପରି ଆନନ୍ଦପୁର ପୌରାଞ୍ଚଳର ସମସ୍ତ ୧୬ଟି ୱାର୍ଡରେ ମଧ୍ୟ ଶୀତବସ୍ତ୍ର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଯୁବ ସମାଜସେବୀ ମନୋରଞ୍ଜନ ମହାରଣାଙ୍କ ତତ୍ତ୍ୱାବଧାନରେ ଅଳତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ହରିହର ମହାରଣା, ବିପିନ ବିହାରୀ ଚକ୍ର, ଉତ୍କଳ କୁମାର ସାହୁ, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ରଞ୍ଜନ ମହାରଣା, ଦେବବ୍ରତ ମହାରଣା, ବଳରାମ ମହାରଣା, ସୋମା ସାହୁ, ଭାଗୀରଥି ନାୟକ, ସଞ୍ଜୟ କୁମାର ଧଳ, ସନ୍ତୋଷ କୁମାର ସାମଲ, ଲକ୍ଷ୍ମୀଧର ମହାରଣା, ରଘୁନାଥ ନାହାକ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରଶାସନ ନିଷ୍କ୍ରିୟ, ବାଲି ମାଫିଆ ସକ୍ରିୟ

# ସମାକୋଇ ପଠାରୁ ଅମୁନି ବାଲି ଚୋରି

ତେଲକୋଇ, ୧୭।୧୧(ସମିସ):

ତେଲକୋଇ ବ୍ଲକ ସଦର ମହକୁମା ଦେଇ ବୋହି ଯାଇଥିବା ସମାକୋଇ ନଦୀ ପଠା ବାଲି ମାଫିଆଙ୍କ କବଜାରେ ରହିଛି। ବାଲି ଚୋରିକୁ ନେଇ କିଛି ଦିନ ତଳେ ଜିଲ୍ଲାବ୍ୟାପି ଧରପଗଡ଼ ହୋଇଥିଲା ବେଳେ ଏହା ଏବେ ପୁଣି ଥଣ୍ଡା ହୋଇଯାଇଛି। ଯା'ଫଳରେ, ବିଶେଷ କରି ତେଲକୋଇ ବ୍ଲକରେ ବାଲି ଚୋରି ଥମିବାର ନାଁ ଧରୁନାହିଁ। ବ୍ଲକର ପଙ୍ଗା, ତାଳପଦା, ଶିମିଳିପାଳ, କୁମୁଣ୍ଡି, ବେତଖୋଲି, ଗୋଡା, ବାଙ୍ଗୁରୁପାଳ, ଭାଲିଆଡାଳ, ରାମଚନ୍ଦ୍ରପୁର, ଦନ୍ଧୁଆମୁଣ୍ଡା, ବାଲିସାହି, କଦଳୀକୁଣ୍ଡ, କଣାଆମ୍ବ, ଉଷାଦରହ, ସତିସଂଗ, ବାବାଟୁଙ୍ଗି, ହାଟତୁଟା, ଦୋବାଲାପାଳ, ନୂଆଗଡ, ଜେନାଦର୍, କରଦାଙ୍ଗୀ ଆଦି ଅନେକ ଘାଟରୁ ବେଆଇନ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ସୁଦ୍ଧା ବାଲି ଚୋରି କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ବାଲି ମାଫିଆଙ୍କ ପ୍ରତି ପ୍ରଶାସନର ଏତେ ଅନୁକମ୍ପା କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ କିମ୍ବା ତହସିଲ୍ ପ୍ରଶାସନ ଏ ଦିଗରେ ଠୋସ ପଦକ୍ଷେପ ନେଇପାରୁ ନାହାନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ଓ ରାଜସ୍ୱ ବିଭାଗ ବାଲି ମାଫିଆଙ୍କଠାରୁ ମୋଟା ଅଙ୍କର ମୁନାଫା ନେଇ ରାତିରେ ବାଲି ଚୋରି କରିବାକୁ ପ୍ରୋତ୍ସାହନ ଦେଉଥିବା କୁହାଯାଉଛି। ଫଳରେ ଦିନକୁ ଦିନ ବାଲି ମାଫିଆମାନେ ସକ୍ରିୟ ହୋଇଉଠୁଛନ୍ତି। ଅନ୍ୟପଟେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁଁ ସମାକୋଇ ନଦୀର ଭୌଗଳିକ ରୂପରେଖ ବଦଳିବା ସହ ସମାକୋଇ ନଦୀ ତା'ର ସତ୍ତା ହରାଇଲାଣି। ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସମାକୋଇ ନଦୀର ତଳି ଅଞ୍ଚଳ ବିପଦ ଆଡ଼କୁ ଠେଲି ହୋଇଯାଉଛି। କଳାପାଟ ସଂରକ୍ଷିତ ଜଙ୍ଗଲ



ଓ ସମାକୋଇ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ସମାକୋଇ ନଦୀ ପ୍ରବାହିତ ହେଉଥିବାରୁ ସମାକୋଇ ନଦୀ ପଠାର ସିଂହଭାଗ ସଂପୃକ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ବାଲି ମାଫିଆମାନେ ରାତିତମାମ ଶହ ଶହ ଟ୍ରାକ୍ଟର ଯୋଗେ ଓ ଜେସିବି ମେସିନ ଦ୍ୱାରା ବାଲି ଉତ୍ତୋଳନ କରି ବେଆଇନ ଚୋରା ଚାଲାଣ କରୁଥିବାରୁ ବନ୍ୟଜନ୍ତୁ ମଧ୍ୟ ବିପଦମୁହାଁ ହେଉଛନ୍ତି। ଟ୍ରାକ୍ଟର ଓ ଜେସିବି ମେସିନର ବିକଟାଳ ଶବ୍ଦରେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଫାଟି ପଡୁଥିବାରୁ ହାତୀ, ହରିଣ, ବାରହା, କୁଟୁରା, ସମ୍ବର ଆଦି ବିରଳ ବନ୍ୟଜନ୍ତୁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଫଳରେ ହାତୀ ଓ ବନ୍ୟଜନ୍ତୁମାନେ ଗାଁମୁହାଁ ହେଉଥିବା ଅଭିଯୋଗ ହୋଇଛି। ଆଉ କେତେକ ସ୍ଥାନରେ ଉଦ୍ଦିଷ୍ଟ ଥିବା ଗୋଚର ଜମିକୁ ମଧ୍ୟ ବାଲି ମାଫିଆମାନେ ଛାଡୁନାହାନ୍ତି। କଦଳୀକୁଣ୍ଡ, କଣା ଆମ୍ବ, ଉସାଦରହ, ବାବାଟୁଙ୍ଗି, ରାମଚନ୍ଦ୍ରପୁର, ବାଲିସାହି ଆଦି ନଦୀ ପଠା ସଂଲଗ୍ନ ଗୋଚର ସ୍ଥାନ ବାଲି ମାଫିଆଙ୍କ କବଜାରେ ରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ବାଲି ମାଫିଆଙ୍କ ନାଲି ଆଖିକୁ ଭୟ କରି ଲୋକେ ମୁହଁ ଖୋଲୁ ନଥିବା ବେଳେ ବେଆଇନ ବାଲି ଚୋରିକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ କରାଗଲେ ପ୍ରଶାସନ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ବାଲି ମାଫିଆଙ୍କୁ ଏ ସମ୍ପର୍କରେ ଆଗୁଆ ସୂଚନା କେମିତି ମିଳୁଛି ତାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ଏପର୍ଯ୍ୟନ୍ତ ଯେତେ ବି ବାଲି ଚଢ଼ଉ ହେଉଛି ଏଥିରେ ବଡ଼ ମାଛ ବିଲକୁଲ ଧରାପଡୁନାହାନ୍ତି। ଫଳରେ ବାଲି ଚୋରି ଉପରେ ଅଙ୍କୁଶ ଲଗାଇବାରେ ଶାସନ କଳ ବିଫଳ ହେଉଛି। ଏଠି ବାଡ଼ ଯଦି ଫସଲ ଖାଏ ଫସଲ କିଭଳି ସୁରକ୍ଷିତ ହେବ ? ଏବେ ତେଲକୋଇ ଅଞ୍ଚଳରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି।

## ଜିଲ୍ଲାସ୍ତରୀୟ ଜାତୀୟ ନବଜାତ ଶିଶୁ ସପ୍ତାହ



କେନ୍ଦୁଝର,୧୭।୧୧(ସମିସ): ଜିଲ୍ଲାସ୍ତରୀୟ ଜାତୀୟ ନବଜାତ ଶିଶୁ ସପ୍ତାହ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଲକ୍ଷ୍ମୀକାନ୍ତ ମହାନ୍ତ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଜାତୀୟ ନବଜାତ ଶିଶୁ ସପ୍ତାହର ବାର୍ତ୍ତା 'ନବଜାତ ସୁରକ୍ଷା' ପ୍ରତ୍ୟେକ ଶିଶୁ ପାଇଁ ଆବଶ୍ୟକ ପ୍ରଣାଳୀ ବିଷୟରେ ଗୁରୁତ୍ୱରୋପ ଦେଇଥିଲେ। ଡା. ବିଭୁପ୍ରସାଦ ନାୟକ, ଆସୋସିଏଟ ପ୍ରଫେସର ନବଜାତ ଶିଶୁର ଯତ୍ନ ଉପରେ ଆଲୋକପାତ କରିଥିଲେ। ଡା. ପିକେ ମହାକୁଡ ବରିଷ୍ଠ ଶିଶୁ ବିଶେଷଜ୍ଞ ନବଜାତ ଶିଶୁର ବିପଦ ସଙ୍କେତ ଉପରେ ବୁଝାଇଥିଲେ। ନବଜାତ ମିନିଟ୍‌କୁ ୬୦ ଥରରୁ ଅଧିକ ନିଶ୍ୱାସ ନେବା, ବାତ ମାରିବା, ନିଶ୍ୱାସ ପ୍ରଶ୍ୱାସ ନେବା ଉପରେ ଛାତିର ତଳ ଭାଗ ଭିତରକୁ ପଶିବା, ମା' କ୍ଷୀର ଖାଇ ନ ପାରିବା, ନିସ୍ତେଜ, ଜ୍ୱର ଆଦି ଲକ୍ଷଣ ଦେଖାଦେଲେ ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରି ଡାକ୍ତରଖାନା ନେବାକୁ ଜଣାଇଥିଲେ। ଡା. ପୁରୁଷୋତ୍ତମ ମହାନ୍ତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପରାଣୀ ପଟ୍ଟନାୟକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଜାତୀୟ ନବଜାତ ଶିଶୁ ଓ ବିଶ୍ୱ ଅପରିପକ୍ୱ, ନବଜାତ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଶା, ସ୍ୱାସ୍ଥ୍ୟକର୍ମୀ, ଏନମଟିସିର ଛାତ୍ରୀ, ପାରାମେଡିକାଲ ଷ୍ଟାଫ୍, ନର୍ସିଂ ଅଫିସର ଓ ମା'ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ଓ ବୃନ୍ଦାବନ ସାହୁ, ପରିସଂଖ୍ୟାନ ସହାୟକ ପରିଚାଳନାରେ ସହଯୋଗ କରିଥିଲେ।

## ଚାରିମାସ ନ ପୂରୁଣୁ ଭାଙ୍ଗିଗଲା ଛତିଆ କାଡ଼ା କେନାଲ

ଆନନ୍ଦପୁର,୧୭।୧୧(ସମିସ):

ଚାଷଜମିର ଉନ୍ନତି ପାଇଁ ସରକାର ବହୁ ପରିମାଣର ଅନୁଦାନ ଯୋଗାଇ ଦେଇଛନ୍ତି। ତେବେ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ପାଇଁ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ। ପ୍ରାୟ ୩ କୋଟି ଟଙ୍କାରେ ନିର୍ମାଣ ହୋଇଥିବା କାଡ଼ା କେନାଲ କାର୍ଯ୍ୟ ଚାରିମାସ ନ ପୂରୁଣୁ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ହରିଚନ୍ଦନପୁର ବ୍ଲକ୍‌ର ଛତିଆ ଅଞ୍ଚଳରେ ଏହା ଦେଖିବାକୁ ମିଳିଛି।

କମାଣ୍ଡ ଏରିଆ ଡେଭେଲପମେଣ୍ଟ ମଣ୍ଡ ଅଥରିଟି (କାଡା) ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ଚାଲିଛି। ଏ ନେଇ କିଛିଦିନ ତଳେ ବିଜେପି ନେତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ଏ



ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ ମଧ୍ୟ କରିଥିଲେ। ତେବେ ଏବେବି ଛତିଆ କାଡ଼ା କେନାଲ ନିର୍ମାଣରେ ଦୁର୍ନୀତି ଜଳଜଳ ଦେଖାଯାଉଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗର ହରିଚନ୍ଦନପୁରସ୍ଥ ରଘୁବେଡ଼ା ପ୍ରକଳ୍ପ ଅଞ୍ଚଳରେ ଥିବା ଡିପ ଜମିକୁ ଜଳସେଚିତ କରିବାପାଇଁ ଛତିଆ

### ୩ କୋଟି ଟଙ୍କାର ନିର୍ମାଣ କାମ ନିମ୍ନମାନର ଅଭିଯୋଗ

ଅଞ୍ଚଳରେ କାଡା କେନାଲର ପରିକଳ୍ପନା କରାଯାଇଥିଲା। ହେଲେ ସ୍ଥାନୀୟ ପାଣି ପଞ୍ଚାୟତକୁ ଡାଲ କରି ଠିକାଦାର ନିର୍ମାଣ କାର୍ଯ୍ୟକୁ ହାତେଇ ନେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବାରୁ ଏହା କମ୍ ଦିନରେ ନଷ୍ଟ ହୋଇଯାଇଛି। ଏହି ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକରେ ହୋଇଥିବାବେଳେ ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ନେଇ ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ଦୁଇ ଇଞ୍ଚ ମେଟାଲ, କଂକ୍ରିଟ ଦୁଇ ଇଞ୍ଚ ଚିପ୍ସ କଂକ୍ରିଟ୍ ହେବାର ଥିବାବେଳେ ମାତ୍ର ଗୋଟିଏ ଇଞ୍ଚ ମଧ୍ୟରେ ନିର୍ମାଣ ଶେଷ କରାଯାଇଛି। ଏହି କାମରେ ବ୍ୟବହାର କରାଯାଇଥିବା ରଡ୍ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଅଳ୍ପଦିନରେ ଏହା ଭାଙ୍ଗି ପଡିବ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି। ବର୍ଷ ବର୍ଷ ଧରି ନିର୍ବାଚନ ହୋଇ ନ ଥିବା ପାଣି ପଞ୍ଚାୟତକୁ ମୋହରା କରାଯାଇ ଏଭଳି ଖୋଲାଖୋଲି ଦୁର୍ନୀତି ଚାଲିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି।

## ତେଲକୋଇରେ ଜାତୀୟ ପ୍ରେସ୍ ଦିବସ ପାଳିତ




ତେଲକୋଇ,୧୭।୧୧(ସମିସ):

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱର୍ଗତ ଜିଲ୍ଲା ପ୍ରେସ କ୍ଲବ ସଭାପତି ଧୀରେନ୍ଦ୍ର କୁମାର ରାଉତ, ନିରଞ୍ଜନ ନାୟକ, ତେଲକୋଇ ପ୍ରେସ କ୍ଲବ ପୂର୍ବତନ ସଭାପତି ସ୍ୱର୍ଗତ ରଣଜିତ ବିଶ୍ୱାଳ, ସାମ୍ବାଦିକ ସ୍ୱର୍ଗତ ଚନ୍ଦ୍ରମଣି ମହାନ୍ତ ପ୍ରମୁଖଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହିତ ଦେଶ, ରାଜ୍ୟ, ଜିଲ୍ଲା ତଥା ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କ ବିୟୋଗରେ ଏକ ମିନିଟ ଶୋକ ପ୍ରାର୍ଥନା କରାଯାଇଥିଲା। ତେଲକୋଇର ବହୁମୁଖି ବିକାଶ ଦିଗରେ ନିରନ୍ତର କଲମ ଚାଳନା କରିବା ସହିତ ଦୁର୍ନୀତି, ଭ୍ରଷ୍ଟାଚାର ତଥା ଅନ୍ୟାନ୍ୟ ବିରୋଧରେ ସ୍ୱର ଉତ୍ତୋଳନ ବେଳେ ସାମ୍ବାଦିକଙ୍କ ସହିତ ସ୍ଥାନୀୟ ନେତୃତ୍ୱ, ସାମାଜିକ ସଂଗଠନ ଓ ଜନସାଧାରଣ ସହଯୋଗ ଓ ସାମିଲ ହେବାକୁ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିରଞ୍ଚି ବେହେରା, ଅମରେଶ ପ୍ରଧାନ,ଅନୁକୂଳ ବିଶ୍ୱାଳ,ଡିଲେଶ୍ୱର ସାହୁ, ରାମଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଡା ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ ପାଳିତ

ଯୋଡା, ୧୭।୧୧(ସମିସ.): ଗଣମାଧ୍ୟମ ନିରପେକ୍ଷ, ନିର୍ଭିକ ଓ ଚାପ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ଼ ହୋଇଥାଏ। ଯେଉଁ ଦେଶର ଗଣମାଧ୍ୟମ ଯେତିକି ମଜବୁତ, ସେ ଦେଶର ଗଣତନ୍ତ୍ର ସେତିକି ସୁଦୃଢ଼ ବୋଲି ସାମ୍ବାଦିକ ତଥା ସ୍ତମ୍ଭକାର ପରଂବ୍ରହ୍ମ ତ୍ରିପାଠୀ ଜାତୀୟ ପ୍ରେସ୍ ଦିବସରେ ମତବ୍ୟକ୍ତ କରିଥିଲେ। ଯୋଡ଼ା ପ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ପଶ୍ଚିମ ଯୋଡା ଅଡିଟୋରିଅମରେ ସଭାପତି ପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଯୋଡା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର, ଓଟିଭି ଡିଜିଟାଲ ମୁଖ୍ୟ ଅମରେଶ ବିଶ୍ୱାଳ, ବଡବିଲ ଉପଖଣ୍ଡ ପୁଲିସ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ, ପଞ୍ଚାୟତ ସମିତି ନିର୍ବାହୀ ଅଧିକାରୀ ଡେନିଶ ବେହେରା, ଯୋଡା ଥାନା




ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ ପ୍ରମୁଖ ଯୋଗଦେଇ ତାଙ୍କର ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏ ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଯୋଡା ଫିଟନେସ୍ ଦଳର ପ୍ରତିଷ୍ଠାତା ଦୁବରାଜ ସାମନ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୋଡା ନନ୍ଦୀ ଗୋସେବା କେନ୍ଦ୍ରକୁ ସମ୍ମାନିତ କରାଯାଇଥିଲା। ଶେଷରେ ସାରେଗାମା ମ୍ୟୁଜିକ୍ ଏଣ୍ଡ ଡ୍ୟାନ୍ସ ଏକାଡେମୀର କୁନି କୁନି କଳାକାରଙ୍କ ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ସକାଳ ସମୟରେ ପ୍ରଭାତଫେରିର ଆୟୋଜନ କରାଯାଇ ଯୋଡା ସହରରେ ଅବସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଡ଼ା ସହରର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

## ଆର୍‌ଡିଡିଓ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା

ତେଲକୋଇ, ୧୭।୧୧(ସମିସ): ଆରଡିଡିଓ ଆନୁକୂଲ୍ୟରେ ଓ ଚାଇଲ୍ଡଫଣ୍ଡ ସହାୟତରେ ପୁରୁଣାପାଣି ଫୁଟବଲ ପଡ଼ିଆରେ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ତେଲକୋଇ ବ୍ଲକର ଶିବନାରାୟଣପୁର ଗୋଡା, ଭଲିଆଡାଲ, ସଲେଇକେନା, ଡିମିରିଆ, ଜଟ, ଦାମଦରଗୌଣୀ, ଜନସନପୁର ଓ ପୁରୁଣାପାଣି ଗ୍ରାମର ଯୁବକ ସଂଘର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ମୋଟ ୮ଟି ଦଳ ମଧ୍ୟରୁ ଫାଇନାଲ ମ୍ୟାଚ ସଲେଇକେନାର ମା' ତାରିଣୀ ଯୁବକ ସଂଘ ଓ ପୁରୁଣାପାଣିର ମା' ମନସା ଯୁବକ ସଂଘ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଲେଇକେନା ୨-୧ ଗୋଲରେ ବିଜୟ ହାସଲ କରିଛି। ସ୍ଥାନୀୟ ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡାଙ୍କ ଦ୍ୱାରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଇଥିଲା ବେଳେ ରବିବାର ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ହର୍ଷା ଟ୍ରଷ୍ଟର କ୍ଷେତ୍ର ଅଧିକାରୀ ନଳିନୀକାନ୍ତ ସାହୁ, ବରିଷ୍ଠ ବିଜେପି ନେତା ପ୍ରଫୁଲ୍ଲ କୁମାର ସାହୁ, ସନ୍ତୋଷ କୁମାର ଦେହୁରୀ, ଆରଡିଡ଼ିଓ କ୍ଷେତ୍ର ଅଧିକାରୀ ପ୍ରଣୟ ବିଶ୍ୱାଳ, ବିକ୍ରମ ମହାନ୍ତ, ଜମ୍ବେଶ୍ୱର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆରଡିଡ଼ିଓ ସମସ୍ତ କର୍ମୀ ଓ ପୁରୁଣାପାଣି ଗ୍ରାମର ଯୁବକ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ।

## ଏବିଭିପି ପକ୍ଷରୁ ରାଜ୍ୟସ୍ତରୀୟ ଜନଜାତି ଛାତ୍ରନେତା ସମ୍ମିଳନୀ

କେନ୍ଦୁଝର,୧୭।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବ ପକ୍ଷରୁ ଏକ ଦୁଇଦିନିଆ ରାଜ୍ୟସ୍ତରୀୟ ଜନଜାତି ଛାତ୍ରନେତା ସମ୍ମିଳନୀ ଓ ଜନଜାତି ବିଦ୍ୟାର୍ଥୀ ଦକ୍ଷତା ବିକାଶ କାର୍ଯ୍ୟଶାଳା ଅୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ହଜାରେରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରନେତା ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝରର ସାଂସଦ ଅନନ୍ତ ନାଏକ ଉପସ୍ଥିତ ରହି ଜାତୀୟ ଜନଜାତି ଆୟୋଗର ବିବରଣୀ ରଖିଥିଲେ। କେନ୍ଦୁଝର ନଗରର ପୌରପାଳିକା ଅଧ୍ୟକ୍ଷ ଶ୍ରୀମତୀ ନୀକୁ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ଜନଜାତି କାର୍ଯ୍ୟ ପ୍ରମୁଖ ପ୍ରମୋଦ ରାଉତ ପୂର୍ଣ୍ଣ ସମୟ ଉପସ୍ଥିତ ରହି ଜନଜାତି ସମାଜର ଗାରିମା ଓ ବିଦ୍ୟାର୍ଥୀଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ। ଏଭଳି ବିମର୍ଶ ବିଷୟରେ ବନବାସୀ କଲ୍ୟାଣ ଆଶ୍ରମର ପ୍ରାନ୍ତ ଗ୍ରାମ ବିକାଶ ପ୍ରମୁଖ ମହିରାମ ମହାନ୍ତ ଓ ଓଆରପି ବିଷୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖଗେଶ୍ୱର ମହାନ୍ତ ଯୋଗ ଦେଇଥିଲେ। ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ ବିଷୟରେ ଆୟୁଷ୍ମାନ ମହାନ୍ତି ବିଷୟ ରଖିଥିଲେ। ସମାପନ ଦିବସ ଦିନ ୧୫୦୦ରୁ ଅଧିକ ବିଦ୍ୟାର୍ଥୀ ସାଂସ୍କୃତିକ ଶୋଭାଯାତ୍ରାରେ ଭାଗ ନେଇଥିଲେ। ଏହି ଜନସଭାରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ଜନଜାତି ସହ କାର୍ଯ୍ୟକ୍ରମ ପ୍ରମୁଖ ନିଲେଶ ସୋଲାଙ୍କି ଯୋଗଦେଇ ଜନଜାତି ଛାତ୍ରନେତା ଦେଶ ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ ବୋଲି ଆହ୍ୱାନ କରିଥିଲେ।

### ୩ ବ୍ଲକ୍ କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ହାଟଡ଼ିହୀକୁ ହରାଇ ଘସିପୁରା ଚାମ୍ପିଅନ୍

ହାଟଡ଼ିହୀ,୧୭।୧୧(ସମିସ):

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଷ୍ଟାଡ଼ିୟମରେ ହାଟଡ଼ିହୀ, ଆନନ୍ଦପୁର ଓ ଘଷିପୁରା ବ୍ଲକ୍ କର୍ମଚାରୀଙ୍କୁ ନେଇ ଏକଦିବସୀୟ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ହାଟଡ଼ିହୀ ଏବିଡ଼ିଓ ରଶ୍ମିରେଖା ନାଏକ, ଆନନ୍ଦପୁର ବିଡ଼ିଓ ମନୋଜ ମହାନ୍ତ ଓ ଘଷିପୁରା ବିଡ଼ିଓ ସୁଶ୍ରୀ ବିନୀତା ବିଜୟିନୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ସହ ଭାଇଚାରା ସୃଷ୍ଟି କରିଛି। ଆନନ୍ଦପୁର ଉପଖଣ୍ଡରେ ୩ଟି ବ୍ଲକ୍ ମଧ୍ୟରେ ହାଟଡ଼ିହୀ, ଆନନ୍ଦପୁର ଓ ଘସିପୁରା ବ୍ଲକର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ସମସ୍ତଙ୍କ ମଧ୍ୟରେ ଏକତା ଓ ଗୋଟିଏ ପାରିବାରିକ ବନ୍ଧନରେ ବାନ୍ଧି ହୋଇଥିବା ପରିଲକ୍ଷିତ ହୋଇଥିଲା। ଅଫିସରେ ସବୁ ସମୟରେ ଅଫିସ କାମ କରି ମାନସିକ ଚାପରେ ରହୁଥିବାବେଳେ ଏହି ଖେଳ



ମାଧ୍ୟମରେ କିଛି ଆଶ୍ୱସ୍ତି ମିଳିପାରିବ ବୋଲି ଘସିପୁରା ବିଡ଼ିଓ ସୁଶ୍ରୀ ବିନୀତା ବିଜୟିନୀ କହିଛନ୍ତି। ଏହି ବନ୍ଧୁତ୍ୱପୂର୍ଣ୍ଣ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆନନ୍ଦପୁର, ଘସିପୁରା ଲାୟନ ଓ କିଙ୍ଗ୍ ୟୁନାଇଟେଡ଼ ଏକ୍ସଆଇ ହାଟଡ଼ିହୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାଟଡ଼ିହୀକୁ ହରାଇ ଘସିପୁରା ଚାମ୍ପିଅନ୍ ହୋଇଥିବାବେଳେ କମଳଲୋଚନ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଜୀବନ ରାଉତ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ତିନୋଟି ବ୍ଲକ୍‌ର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଶେଷ ହୋଇଥିଲା। ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବାବେଳେ ଏହା ଜିଲ୍ଲାର ଅନ୍ୟ ବ୍ଲକ୍ ପାଇଁ ଉଦାହରଣ ପାଲଟିଛି।

## ହାଟଡିହୀ ବ୍ଲକ୍ ଉପାଧ୍ୟକ୍ଷ ସମ୍ବର୍ଦ୍ଧିତ



ହାଟଡିହୀ,୧୭।୧୧(ସମିସ):

ସାଲେପୁର ଶାସ୍ତ୍ରୀଜୀ କଲଚରାଲ୍ ଆସୋସିଏସନ ପକ୍ଷରୁ ହାଟଡିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କୁ ଶାସ୍ତ୍ରୀଜୀ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଛି। ଶାସ୍ତ୍ରୀଜୀ କଲଚରାଲ୍ ଆସୋସିଏସନ ପକ୍ଷରୁ ସଭାପତି ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରତାପ ଜେନା ପ୍ରମୁଖ ଯୋଗଦେଇ ରତିକାନ୍ତ ରାଉତଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହାଟଡିହୀ ବ୍ଲକ ବଞ୍ଚୋ ଗ୍ରାମରେ ଜନ୍ମିତ ରତିକାନ୍ତ ନିଜର ଧୀଶକ୍ତି, ସାଧୁତା, କର୍ତ୍ତବ୍ୟନିଷ୍ଠା ଦ୍ୱାରା ସୋପାନ ପରେ ସୋପାନକୁ ଅତିକ୍ରମ କରି ଆଜି ଜଣେ ସଫଳ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ବିଭିନ୍ନ ଶିଳ୍ପ ସହିତ ଜଡ଼ିତ ରହି ନିଜ ହାତ ତିଆରି ସାଇକୃପା ପ୍ରମୋର୍ଟସ୍ ଆଣ୍ଡ ବିଲଡର୍ସ ପରିଚାଳନା ନିର୍ଦ୍ଦେଶକ, ବର୍ଷା ଆଗ୍ରୋ ଇଣ୍ଡଷ୍ଟ୍ରିର ମଧ୍ୟ ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ଅଛନ୍ତି। ସମାଜର ପ୍ରଗତି ପାଇଁ ନିଃସହାୟ ଦରିଦ୍ର ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ସେ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଅନୁଷ୍ଠାନରେ ନିଜକୁ ନିୟୋଜିତ କରି ଯଶ ଅର୍ଜନ କରିଛନ୍ତି। ସେ ବିଜୁ ଜନତା ଦଳର ଜଣେ ସକ୍ରିୟ ନେତା ସହ ଏବେ ହାଟଡ଼ିହୀ ବ୍ଲକର ଉପାଧ୍ୟକ୍ଷ ଭାବେ କାର୍ଯ୍ୟରତ। ରତିକାନ୍ତଙ୍କୁ ଶାସ୍ତ୍ରୀଜୀ ସମ୍ମାନ ମିଳିବା ପରେ ହାଟଡିହୀ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସକାଳ THE SAKALA



### ଉରୁମୁଣ୍ଡାର ଜନଜାତି ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲା

# ଆଜି ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ ଡକରା

କେନ୍ଦୁଝର/ଯୋଡ଼ା, ୧୭।୧୧(ସମିସ):



କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଉରୁମୁଣ୍ଡା ଗ୍ରାମର ୮ ବର୍ଷର ଦିବ୍ୟାଙ୍ଗ ଜନଜାତି ନାବାଳିକାକୁ ଆସିଫ ଅନବର ଖାନ ନାମକ ଫେରିବାଲା ଶନିବାର ଅପରାହ୍ନରେ ଦୁଷ୍କର୍ମ କରିଥିବାବେଳେ ପୀଡିତା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ସହିତ କେନ୍ଦୁଝରରେ ବଢୁଥିବା ଅନୁପ୍ରବେଶକାରୀଙ୍କ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦୁଝରରେ ମହିଳାଙ୍କ ଉପରେ ଏହି ଅସାମାଜିକ ବ୍ୟକ୍ତି ଲୋଲୁପ ଦୃଷ୍ଟି ପକାଇ ସେମାନଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟାର ଅନେକ ଘଟଣା ଘଟି ଚାଲିଥିବାବେଳେ କିଛି ଲୋକଲୋଚନକୁ ଆସୁଥିବାବେଳେ ଅନେକ ଲୋକଙ୍କ ନଜରରୁ ଦୂରେଇ ରହୁଛି। ଏ ବିଷୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସକୁ ପୂର୍ବରୁ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କରି କେନ୍ଦୁଝରରୁ ବିଦା କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିପାଇଁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ମଙ୍ଗଳବାର ସକାଳ ୬ଟାରୁ ୧୨ ଘଣ୍ଟିଆ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲ୍ଲା ବନ୍ଦ ଡକରା ଦିଆଯାଇଛି। ଏହାକୁ ସମସ୍ତ ହିନ୍ଦୁ ସଂଗଠନ ଓ ହିନ୍ଦୁ ଭାଇଭଉଣୀ ସହଯୋଗ ଓ ସମର୍ଥନ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ




ଯୋଡ଼ା, ୧୭।୧୧(ସମିସ): ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ, ରୋଇଡ଼ା-ଓ ଓ ଟେନସା ମାଇନ୍ସରେ ଅଞ୍ଚଳରେ ମହାନ ବନବାସୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ତଥା ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। କାଶିଆ ଓ ରୋଇଡ଼ା-ଓ ମାଇନ୍ସ ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଓ ସ୍ଥାନୀୟ ଜନଜାତି ସମୁଦାୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ପାରମ୍ପରିକ ଜନଜାତି ବେଶଭୂଷା ସହ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ପରମ୍ପରା ଓ ସଂସ୍କୃତିର ନିଦର୍ଶନ ଦେଖିବାକୁ ମିଳିଥିଲା। ଏ ଅବସରରେ କମ୍ପାନୀର ଅଗ୍ନିଶମ ଓ ନିରାପତ୍ତା ବିଭାଗ ଅଧିକାରୀ ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରାଇଥିଲେ। ଏକ ସଚେତନତା ରଥ ପରିକ୍ରମା କରିଥିଲା। ଜିନ୍ଦଲ ଷ୍ଟିଲ୍ ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶ୍ରୀ ପାତ୍ର ବିର୍ସା ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ ଜିନ୍ଦଲର ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ନୀତି ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ଅବଗତ କରାଇଥିଲେ। ଏହି ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଦଶଟି ଗ୍ରାମ ପରିକ୍ରମା କରି ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବ।

ସେହିପରି ଫାଉଣ୍ଡେସନ ପକ୍ଷରୁ ଟେନସା ଜିରୋ ପଏଣ୍ଟରେ ବିର୍ସାମୁଣ୍ଡାଙ୍କ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଥିଲା। ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତ ସ୍ୱାଧୀନତା ସଂଗ୍ରାମରେ ସହିଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଓ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନଜାତି ସମୁଦାୟ ଯୋଗ ଦେଇଥିଲେ। ଜିନ୍ଦଲ ଷ୍ଟିଲ ତୃଣମୂଳ ସ୍ତରରେ ଜନଜାତି ସମୁଦାୟର ଜୀବନଜୀବିକାରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛି। ଜିନ୍ଦଲ ଷ୍ଟିଲର ନିରନ୍ତର ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ, ଏହାର ସମସ୍ତ କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଚିରନ୍ତନ ବିକାଶ, ନୂତନତା ଓ ସାମଗ୍ରିକ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ସହ ସମୁଦାୟକୁ ସଶକ୍ତ କରିବା, ସ୍ୱାସ୍ଥ୍ୟକର ଓ ଚିରନ୍ତନ ଭବିଷ୍ୟତ ନିର୍ମାଣ କରିବାରେ ଜିନ୍ଦଲ ଫାଉଣ୍ଡେସନ ଅବିରତ କାର୍ଯ୍ୟ କରୁଛି।

### ସ୍କୁଲରୁ ଗ୍ୟାସ୍ ସିଲିଣ୍ଡର ଚୋରି

## ମଧ୍ୟାହ୍ନ ଭୋଜନରେ ବିସ୍କୁଟ ଖାଇଲେ ଛାତ୍ରଛାତ୍ରୀ



ହାଟଡିହୀ,୧୭।୧୧(ସମିସ): ସ୍କୁଲରୁ ଗ୍ୟାସ୍ ସିଲିଣ୍ଡର ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇ ନ ପାରିବାରୁ ଛାତ୍ରଛାତ୍ରୀ ବିସ୍କୁଟ ଖାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ହାଟଡିହୀ ବ୍ଲକ୍ ତରାଗଡ଼ିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ। ଗତକାଲି ରବିବାର ଥିବାରୁ ସ୍କୁଲ ଛୁଟି ଥିବାବେଳେ କେହି ଦୁର୍ବୃତ୍ତ ବିଦ୍ୟାଳୟ ରୋଷେଇ ଘରର ତାଲା ଭାଙ୍ଗି ପରିସରରେ ଥିବା ଦୁଇଟି ଗ୍ୟାସ୍ ସିଲିଣ୍ଡରକୁ ଚୋରି କରି ନେଇଛନ୍ତି। ଆଜି ସ୍କୁଲ ଖୋଲାଯିବା ପରେ ଚୋରି ସମ୍ପର୍କରେ ଜଣାପଡିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦେବଯାନୀ ଜେନା ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏପରି ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ ହଠାତ୍ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କରିପାରି ନ ଥିଲେ। ଫଳରେ ଶିକ୍ଷାଧିକାରୀଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ ପ୍ରଦାନ କରିଥିବା ଜଣାଯାଇଛି।

## ହାଡ଼ଭଙ୍ଗା ଶୀତରେ ଥରୁଛି ପାଟଣା ଅଞ୍ଚଳ

ତୁରୁମୁଙ୍ଗା, ୧୭।୧୧(ସମିସ): କେନ୍ଦୁଝର ଜିଲ୍ଲାରେ କିଛିଦିନ ହେବ ଶୀତର ଲହରୀ ଜାରି ରହିଥିବାବେଳେ ଅସହ୍ୟ ଥଣ୍ଡାରେ ଥରୁଛି ପାଟଣା ଅଞ୍ଚଳ। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ତାପମାତ୍ରା ୪ ଡିଗ୍ରୀ ରହିଥିବାରୁ ଅସହ୍ୟ ଥଣ୍ଡା ଅନୁଭବ ହେଉଛି। ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇପଡିଥିବାବେଳେ



ପ୍ରାତଃ ଭ୍ରମଣ ସାଙ୍ଗକୁ ଛାତ୍ରଛାତ୍ରୀ ପାଠ ପଢିବାକୁ ଯିବାରେ ସମସ୍ୟା ଦେଖା ଦେଇଛି। ବିଶେଷକରି ବୃଦ୍ଧବୃଦ୍ଧାଙ୍କୁ ଅସହ୍ୟ କଷ୍ଟ ଦେଉଛି ଶୀତ। ପ୍ରବଳ ଥଣ୍ଡା ଯୋଗୁଁ ରାଜପଥରେ ଗାଡ଼ି ଚଳାଚଳରେ ସମସ୍ୟା ଦେଖା ଦେଇଥିବାବେଳେ ସକାଳୁ ସକାଳୁ ଚା' ଦୋକାନରେ ଲୋକଙ୍କ ଭିଡ଼ ଜମିବା ଦେଖା ଦେଉଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୁଇଁ ହେଉଥିବାବେଳେ ଚା' ଖଟିରେ ଭିଡ଼ ଜମାଇ ଥଣ୍ଡାର ମଜା ନେଉଛନ୍ତି।

## ରେକୁଟିଆ ନିମ ଛକରେ କାର୍ତ୍ତିକେଶ୍ୱରଙ୍କ ପୂଜା



ଆନନ୍ଦପୁର, ୧୭।୧୧ (ସମିସ): ରେକୁଟିଆ ନିମ ଛକ ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱର୍ ପୂଜା ଆରମ୍ଭ ହୋଇଛି। ୧୬ ତାରିଖରେ ପୂଜକ ଚୈତନ୍ୟ ପତି ଓ କୁଳମଣି ପଣ୍ଡାଙ୍କ ମାର୍ଗଦର୍ଶନରେ ପବିତ୍ର ସେନ୍ଧେଇ ନଦୀରୁ କଳସ ବୁଡ଼ା ହୋଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ସୁବୋଧ କୁମାର ଜେନା ଓ ସହଧର୍ମିଣୀ ସଂକଳ୍ପ କରୁଛନ୍ତି। ଉପଦେଷ୍ଟା କରୁଣାକର ଚକ୍ରଙ୍କ ସହ କମିଟି ସଭ୍ୟ ଦିବାକର ଜେନା, ଅନନ୍ତ ଜେନା, କୁଳ ଚକ୍ର, ସନାତନ ଚକ୍ର, ଅନାମ ଜେନା, ପୂର୍ଣ୍ଣ ଚକ୍ର, ବିଷ୍ଣୁ ଚକ୍ର, ଗୋବିନ୍ଦ ଜେନା, ବିଜୟ ଚକ୍ର, ନିକୁଞ୍ଜ ଜେନା, ପର୍ଶୁରାମ ଜେନା, ଚଗୁଲୁ କେଶି, କାଳନ୍ଦୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ରବିବାର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କନକମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନର କ୍ୟାବିନେଟ୍ ଗଠିତ

ଆନନ୍ଦପୁର, ୧୭।୧୧ (ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରାସ୍ଥ କନକମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ୟାବିନେଟ୍ ଗଠନ ହୋଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣାଙ୍କ ପରାମର୍ଶକ୍ରମେ ପ୍ରଧାନଆଚାର୍ଯ୍ୟ ମନମୋହନ ଦାସ କ୍ୟାବିନେଟ୍ ଗଠନ କରିଛନ୍ତି। ଏହି କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଭାବେ ପ୍ରଶାନ୍ତ ରାୟ ମନୋନୀତ ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ଭାବେ ମନୀଷା ପ୍ରିୟଦର୍ଶିନୀ ମନୋନୀତ ହୋଇଛନ୍ତି। ସେହିପରି ଶିକ୍ଷାମନ୍ତ୍ରୀ ଭାବେ ଜିଜ୍ଞାସୁ ରାଉତ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ଭାବେ ବାସୁଦେବ ସାହୁ, ପରିବେଶ ମନ୍ତ୍ରୀ ଭାବେ ସୁଜିତ ନାଥ, ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଭାବେ ସଂସ୍କୃତି ମହାରଣା, ଖାଦ୍ୟମନ୍ତ୍ରୀ ଭାବେ ଶ୍ରେୟାଂଶୁ ରାଉତ, ମୀନା ମନ୍ତ୍ରୀ ଭାବେ ଶ୍ରେୟାଂଶୀ ପଣ୍ଡା ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ମନୋନୀତ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଦମକଳ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ୬ ଆହତ

ବଡ଼ବିଲ,୧୭।୧୧(ସମିସ): ଗତକାଲି ରାତିରେ ବଡ଼ବିଲ ଅଗ୍ନିଶମ ଗାଡ଼ି ନିଆଁ ଲିଭାଇବା ପାଇଁ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଗାଡ଼ିରେ ଥିବା ୬ ଜଣ କର୍ମଚାରୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ରେଫର କରାଯାଇଛି। ଗତକାଲି ଭାଦ୍ରାସାହିଠାରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ କର୍ମଚାରୀ ଭଦ୍ରାସାହିକୁ ଯାଉଥିଲେ। ବଡ଼ବିଲ କଲେଜ ନିକଟରେ ଏକ ଟ୍ରକ୍ ଅଗ୍ନିଶମ ଧକ୍କା ହୋଇଥିବା ଜଣାପଡ଼ିଛି। ଧକ୍କା ଦେଇଥିବା ଟ୍ରକ୍ ଫେରାର ହୋଇଯାଇଥିଲା।

## ଆରମ୍ଭ ହେଲା ବ୍ୟାଘ୍ର ଗଣନା

ମହୁଲଡିହା,୧୭।୧୧(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ଓ ସାତକୋଶିଆ ବଣ୍ୟପ୍ରାଣୀ ବନାଞ୍ଚଳରେ ବ୍ୟାଘ୍ର ଗଣନା ସୋମବାରଠାରୁ ଆରମ୍ଭ ହୋଇଛି। ଠାକୁରମୁଣ୍ଡା ବନାଞ୍ଚଳରେ ୧୪ଟି ଗ୍ରୁପରେ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମୁତୟନ ହୋଇଛନ୍ତି। ସେହିପରି ସାତକୋଶିଆ ବଣ୍ୟପ୍ରାଣୀ ବନାଞ୍ଚଳରେ ୧୧ଟି ଗ୍ରୁପରେ ୨୫ରୁ ଅଧିକ କର୍ମଚାରୀ ଗଣନା କାର୍ଯ୍ୟରେ ସାମିଲ ହୋଇଛନ୍ତି। ପ୍ରଥମ ଦିନ ଗଣନାରେ କୌଣସି ହିଂସ୍ର ଜନ୍ତୁଙ୍କ ସୂଚନା ମିଳିନାହିଁ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଗଣନା ଜାରି ରହିବ ବୋଲି ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ସୂଚନା ଦେଇଛନ୍ତି।

## ଟାଟା ଷ୍ଟିଲ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ ପକ୍ଷରୁ ଖଣି ସୁରକ୍ଷା ପ୍ରଶିକ୍ଷଣ



ଯୋଡ଼ା, ୧୭।୧୧(ସମିସ): ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଟାଟା ଷ୍ଟିଲର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ ପକ୍ଷରୁ ଖଣି ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧୫ ତାରିଖରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମବାସୀ ଓ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ସାମିଲ ହୋଇଥିଲେ। ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଭୁବନେଶ୍ୱର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଖଣି କ୍ଷେତ୍ର ଓ ଦୈନନ୍ଦିନ ଜୀବନରେ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଖଣି ସୁରକ୍ଷା ସମେତ ମାଇନିଂ କାର୍ଯ୍ୟକଳାପରେ ପରିବେଶ ଓ ସ୍ଥାନୀୟ ଲୋକଙ୍କ ଉପରେ ପଡୁଥିବା ପ୍ରଭାବ, ଆବଶ୍ୟକ ସୁରକ୍ଷା ପଦକ୍ଷେପ, ଘରେ ବିଦ୍ୟୁତ, ଅଗ୍ନି ଓ ରାସାୟନିକ ସୁରକ୍ଷା ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ନିୟମିତ ପରୀକ୍ଷଣ ସହ ଜରୁରୀକାଳୀନ ସ୍ଥିତିରେ ସତର୍କତା ଅବଲମ୍ବନ ଉପରେ ସୂଚନା ଦିଆଯାଇଥିଲା। ଏହି ସୁରକ୍ଷା କାର୍ଯ୍ୟକ୍ରମ ତିନୋଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ବିଛାକୁଣ୍ଡିର ମୁଣ୍ଡା ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ଜୋଡା ୱେଷ୍ଟ ଆଇରନ୍ ମାଙ୍ଗାନିଜ୍ ମାଇନର ସହକାରୀ ପ୍ରବନ୍ଧକ ସୌମ୍ୟରଞ୍ଜନ ପଣ୍ଡା, ଟିଏସଏଫ୍ ପ୍ରବନ୍ଧକ ପ୍ରଦୀପ୍ତ ମାନସିଂହ ଯୋଗ ଦେଇଥିଲେ। ଜୋରିବାର ସ୍କୁଲରେ ବାମେବାରି ଆଇରନ୍ ଓ ମାଙ୍ଗାନିଜ୍ ମାଇନ ପକ୍ଷରୁ ପ୍ରବନ୍ଧକ ଅମୂଲ୍ୟ ପଣ୍ଡା, ସହପ୍ରବନ୍ଧକ ଆଲୋକ ସିଂହ ସରଦାର, ସୁରକ୍ଷା ଅଧିକାରୀ ପୁଷ୍ପେନ୍ଦ୍ର ରାଓ ଓ ଶ୍ରମିକ ସଂଘ ଅଧ୍ୟକ୍ଷ ଅରୁଣ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ବିଡିପି କ୍ୟାମ୍ପ (ପାଲସା)ରେ ଆୟୋଜିତ କାର୍ଯ୍ୟକ୍ରମରେ ତିରିଂପାହାଡ଼ ଆଇରନ୍ ଓ ମାଙ୍ଗାନିଜ୍ ମାଇନ୍ ପ୍ରବନ୍ଧକ ରାକେଶ କୁମାର ଓ ସହକାରୀ ପ୍ରବନ୍ଧକ ଅରିନ୍ଦମ ପାଣି ପ୍ରଶିକ୍ଷଣ ଦେଇଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଚମ୍ପୁଆ,୧୭।୧୧(ସମିସ): ଚମ୍ପୁଆ ବ୍ଲକ ଅଧୀନସ୍ଥ ବ୍ରହ୍ମପୁର କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକର ପ୍ରାଇମେରୀଠାରୁ ଦଶମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ରଞ୍ଜନ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ଉଦଘାଟନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନୟକ, ସୁମିତା ତ୍ରିପାଠୀ, ପୂର୍ବତନ ବିଜ୍ଞାନ ଶିକ୍ଷକ କଳାକର ମହାନ୍ତ, ବିଜୟ ଗିରି, କାଶୀନାଥ ମହାନ୍ତ, ସ୍ଥାନୀୟ ସରପଞ୍ଚ ସୁପ୍ରିୟା ମୁଣ୍ଡା ପ୍ରମୁଖ ଯୋଗଦେଇ ବାଲ ବୈଜ୍ଞାନିକଙ୍କୁ ଦେଶର ଭବିଷ୍ୟତ ବୋଲି ଅଭିହିତ କରିବା ସହିତ ବିଜ୍ଞାନ ସମୃଦ୍ଧ ଭାରତର ନୂତନ ସମ୍ଭାବନା ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ବିକଶିତ ରାଷ୍ଟ୍ର ପାଇଁ ବିଜ୍ଞାନର ଭୂମିକା ଅନ୍ୟତମ ବୋଲି ଦର୍ଶାଇବା ସହିତ ଛାତ୍ରଛାତ୍ରୀ ସାଧନା ଜାରି ରଖିଲେ ସଫଳତା ବେଶୀ ଦୂର ନୁହେଁ ବୋଲି ସୂଚନା ଦେଇଥିଲେ। ଏହି ପ୍ରଦର୍ଶନୀରେ ୧୧୬ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଅତିଥିମାନେ ପ୍ରକଳ୍ପ ବୁଲିଦେଖିବା ସହିତ ଛାତ୍ରଛାତ୍ରୀଙ୍କୁ ତାଙ୍କ ପ୍ରକଳ୍ପ ବିଷୟରେ ପଚାରି ବୁଝିଥିଲେ। ଦକ୍ଷ ବିଜ୍ଞାନ ଶିକ୍ଷକଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ଚୟନ କରାଯାଇଥିବାବେଳେ ଉଦଯାପନି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ରାଇରଙ୍ଗପୁର/ବିଜାତଳା,୧୭।୧୧(ସମିସ): ବିଜାତଳାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଡା ମମତା ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟବକ୍ତା ଭାବେ ବିଡିଓ ବଂଶୀଧର ଖୋସଲା, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ନବୀନ ରାମ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଣୀ ମୁର୍ମୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ସୁଶାନ୍ତ ସିଂହ, ଜିଲା ପରିଷଦ ସଭ୍ୟା ମୀନା ସୋରେନ ଯୋଗ ଦେଇଥିଲେ। ଶ୍ରେଷ୍ଠ ଗୋପାଳକ ଭାବେ ବେରେଲ ସିର୍କା, ଶ୍ରେଷ୍ଠ ଛେଳି ପାଳକ ଦିଲ୍ଲୀପ ମାର୍ଣ୍ଡି, ଶ୍ରେଷ୍ଠ କୁକୁଡ଼ା ପାଳିକା ରାଇମଣି ମୁର୍ମୁ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ମାଆ ସନ୍ତୋଷୀ ଗ୍ରୁପ, ଶ୍ରେଷ୍ଠ ମତ୍ସ୍ୟ ପୋଖରୀ ଯୋଜନାରେ ସୁରାଇ ମୁର୍ମୁ, ଶ୍ରେଷ୍ଠ ମତ୍ସ୍ୟ ଯାଆଁଳା ଚାଷୀ ଶିଖାରାଣୀ ମହାନ୍ତ, ଶ୍ରେଷ୍ଠ ବାୟ ଫ୍ଲୋଗ ଚାଷୀ ଦୁଷ୍ମନ୍ତ ରାୟ, ଶ୍ରେଷ୍ଠ ଏସଏଚଜି ଦଳ ଅଭିରାମ ପରମହଂସ ଏସଏଚଜି ଦଳକୁ ପୁରସ୍କୃତ କରାଯାଇଥିଲା।

### ଉଦଳାରେ ଆଦିବାସୀ ହାଟ ଉଦ୍‌ଘାଟନ ପ୍ରହସନ

## ଆଦିବାସୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ



ଗୋପବନ୍ଧୁନଗର/ଉଦଳା,୧୭।୧୧(ସମିସ): ଉଦଳା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଗତ ୨୦୨୪ ମସିହା ମାର୍ଚ୍ଚ ୧୧ ତାରିଖରେ ୧୨ନଂ. ୱାର୍ଡରେ ଏକ ଆଦିବାସୀ ହାଟ ଉଦ୍‌ଘାଟିତ ହୋଇଥିଲା। ହେଲେ ଉଦ୍‌ଘାଟନ ହେବାର ଇତିମଧ୍ୟରେ ଏକ ବର୍ଷ ୮ ମାସ ବିତିଯାଇଥିଲେ ହେଁ ହାଟର କୌଣସି ନାଁଗନ୍ଧ ନାହିଁ। ଫଳରେ ଉକ୍ତ ହାଟ ପଡ଼ିଆଟି ପୂର୍ବ ପରି ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଦିବାସୀଙ୍କୁ ହାଟର ତାଳ, ତେନ୍ତୁଳି ଦେଖାଇ ପ୍ରଶାସନ ଏହି ହାଟ ଉଦ୍‌ଘାଟନ କେବଳ ପ୍ରହସନ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ହାଟ ଉଦ୍‌ଘାଟନ ଉତ୍ସବରେ ବିଧାୟକ ଭାସ୍କର ମଢ଼େଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଏହିସବୁ ରାଜନେତା ଓ ଅଧିକାରୀ ବର୍ତ୍ତମାନ ମଧ୍ୟ କ୍ଷମତାରେ ଅଛନ୍ତି; କିନ୍ତୁ ହାଟ କାର୍ଯ୍ୟକ୍ଷମ ପାଇଁ କୌଣସି ଆନ୍ତରିକତା ଦେଖାଉନାହାନ୍ତି। ଆଗାମୀ ଦିନରେ ଯଦି ଏଠାରେ ହାଟ ନ ବସେ ତାହାହେଲେ ଏକ ବଡ଼ ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବା ସୂଚନା ମିଳିଛି। ତେଣୁ ଉଦଳା ନିୟନ୍ତ୍ରିତ ବଜାର କମିଟିର ଆଦିବାସୀ ହାଟ ଉଦ୍‌ଘାଟନ ଉତ୍ସବ ପ୍ରହସନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

## ଦୁଇ ବାଇକ୍ ମୁହାଁମୁହିଁ; ୩ ଆହତ

ମହୁଲଡିହା,୧୭।୧୧(ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଘୁଲୁଘୁଲିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଆନନ୍ଦପୁର ଥାନା ଅନ୍ତର୍ଗତ ସୁନ୍ଦରିଆ ଗ୍ରାମର ମାନସ ପିଙ୍ଗୁଆ, ଘନଶ୍ୟାମ ମୁଣ୍ଡା ଓ ବାପି ମୁର୍ମୁ ମହୁଲଡିହା ସାପ୍ତାହିକ ହାଟରୁ ବାଇକ୍‌ରେ ଫେରୁଥିବା ବେଳେ ଘୁଲୁଘୁଲିଆ ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ସୁନ୍ଦୂରିଆ ଗ୍ରାମର ତିନି ଜଣ ଅନ୍ୟ ଏକ ବାଇକ ଭାରସାମ୍ୟ ହରାଇ ଭୁବନେଶ୍ୱରରୁ ଠାକୁରମୁଣ୍ଡା ଆସୁଥିବା ଏକ ବାଇକକୁ ମୁହାଁ ମୁହିଁ ଧକ୍କାରେ ସୁନ୍ଦୁରିଆ ଗ୍ରାମର ବାପି ମୁର୍ମୁଙ୍କ ଡାହାଣ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

## ସାପ କାମୁଡ଼ାଜନିତ ମୃତ୍ୟୁହ୍ରାସ ସଚେତନତା କର୍ମଶାଳା




କରଞ୍ଜିଆ, ୧୭।୧୧(ସମିସ): ସୋମବାର କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡ଼ିହା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଓସଡ଼ମା ଆନୁକୂଲ୍ୟରେ ଏକ ସାପ କାମୁଡା ଜନିତ ମୃତ୍ୟୁହ୍ରାସ କର୍ମଶାଳା ଅଧ୍ୟାପକ ଜନ୍ମେଜୟ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳିପୋଷି ଆୟୁଷ୍ମାନ ଆରୋଗ୍ୟ ଅଧିକାରୀ ମାନଙ୍ଗଜନ ବେହେରା ଯୋଗ ଦେଇ ସାପଠାରୁ ନିଜକୁ ସୁରକ୍ଷିତ ରଖିବା ତଥା ସାପ କାମୁଡା ପରେ ତୁରନ୍ତ ଚିକିତ୍ସା ସମ୍ପର୍କରେ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନେକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଦଡ଼ିହା ଆଶା କର୍ମୀ ଉର୍ବଶୀ ମହାନ୍ତ ଯୋଗଦେଇ ସାପ କାମୁଡା ପରେ ଅନ୍ଧ ବିଶ୍ୱାସରୁ ଦୂରେଇ ରହି ରୋଗୀକୁ ତୁରନ୍ତ ଡାକ୍ତରଖାନା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତପନ କୁମାର ବେହେରା, ଅଯୋଧ୍ୟାନାଥ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ଡ଼ଃ ମନୋଜ କୁମାର ସାମଲ ପ୍ରମୁଖ ସାପ କାମୁଡା ଜନିତ ମୃତ୍ୟୁ ହ୍ରାସ ସମର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୭ ବାଲି ବୋଝେଇ ଡମ୍ପର ଜବତ

ମୋରଡ଼ା/ରାସଗୋବିନ୍ଦପୁର,୧୭।୧୧(ସମିସ): ରାସଗୋବିନ୍ଦପୁର ଛକ ଏବଂ ମୂଷାମାରି ଛକ ନିକଟରୁ ସୋମବାର ୭ଟି ବାଲିବୋଝେଇ ଡମ୍ପରକୁ ଜବତ କରିଛି ପୁଲିସ। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ମାଙ୍କିଡିଆରୁ ବାଲି ବୋଝେଇ ଡମ୍ପର ଗୁଡିକ ଶିଖରପୁର ହୋଇ ଯିବାକୁ ଟ୍ରାନଜିଟ ପାସ ଥିବା ବେଳେ ବେଆଇନ ଭାବେ ମୟୂରଭଞ୍ଜ ଜିଲ୍ଲାକୁ ଚାଲାଣ କରୁଥିଲେ। ଖବର ପାଇ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ପାଞ୍ଚଟି ଡମ୍ପରକୁ ଜବତ କରି ଖଣି ବିଭାଗ ଖବର ଦେଇଥିଲେ। ସେହିପରି ମୋରଡା ପଟୁ ବାଲେଶ୍ୱର ଜିଲ୍ଲାକୁ ବିନା କାଗଜପତ୍ରରେ ବାଲି ନେଇ ଯାଉଥିବା ଦୁଇଟି ଡମ୍ପରକୁ ପୁଲିସ ଜବତ କରିଥିବାବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

### ୫ ପ୍ରକଳ୍ପର ଶିଳନ୍ୟାସ କଲେ ବିଧାୟକ

# ୧୯.୩୧କୋଟି ବ୍ୟୟ ବରାଦରେ ହେବ ୫ ସେତୁ

ବିଶୋଇ,୧୭।୧୧ (ସମିସ):



ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁ ବନ୍ଧ ଯୋଜନାରେ ରାଇରଙ୍ଗପୁର ବିଭାଜନର ବିଶୋଇ ଓ ଅସନା ପଞ୍ଚାୟତରେ ସୋମବାର ବହୁ ପ୍ରତୀକ୍ଷିତ ୫ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦାଙ୍କ କରକମଳରେ ସମୁଦାୟ ୧୯.୩୧ କୋଟି ଟଙ୍କା ବ୍ୟୟ ବରାଦରେ ଏହି ସମସ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଖଡ଼ମବେଡ଼ା ପଞ୍ଚାୟତର ୩.୨୬ କୋଟି ଟଙ୍କାର କିତାବେଡ଼ା - ଧଡ଼ାସାହି ରାସ୍ତା ସେତୁ, ୩.୨ କୋଟି ଟଙ୍କାରେ ତୁଆକାଙ୍କର - ବାଡୁଣିଆ ରାସ୍ତା ସେତୁ, ବିଶୋଇ ପଞ୍ଚାୟତରେ ୩.୪୦ କୋଟି ଟଙ୍କାରେ ପିଡ଼ବ୍ଲ୍ୟୁଡି ରାସ୍ତା-ଜାହିରା ମାଝୀସାହି ରାସ୍ତା ସେତୁ, ୪୯ ନଂ ଜାତୀୟ ରାଜପଥରୁ ୫୦ ନଂ ରାଜ୍ୟ ରାଜପଥ ସଂଯୋଗ ପାଇଁ ୫.୧୫ କୋଟି ବ୍ୟୟବରାଦରେ ପାରାଭାଡ଼ି ଗ୍ରାମରୁ ମାଣିଚ-ଢ଼ିପୁସାହୁ ରାସ୍ତା ସେତୁ ଏବଂ ଅସନା ପଞ୍ଚାୟତରେ ୪.୪୭ କୋଟି ଟଙ୍କା ବ୍ୟୟବରାଦରେ ଅସନା - ବାଙ୍କୀଡିହି ବିନ୍ଧାଣିସାହି ରାସ୍ତାରେ ସେତୁ ନିର୍ମାଣ ହେବ। ଦୀର୍ଘବର୍ଷ ଧରି ଏହି ରାସ୍ତା ଯୋଗାଯୋଗ ପାଇଁ ସ୍ଥାନୀୟ ଲୋକଙ୍କ ମୁଖ୍ୟ ଦାବି ରହିଥିଲା। ଏହି ସେତୁ ନିର୍ମାଣ ହେଲେ ପଛୁଆ ଅଞ୍ଚଳର ଗ୍ରାମଗୁଡିକ ବିକାଶ ଧାରାରେ ସାମିଲ ହୋଇପାରିବ ବୋଲି ବିଧାୟକ ଶ୍ରୀ ହାଁସଦା କହିଛନ୍ତି। ଭିତ୍ତିପ୍ରସ୍ତର ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାଇରଙ୍ଗପୁର ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ କୁମାର ନାଏକ, ସହକାରୀ ଯନ୍ତ୍ରୀ ବିଶୋଇ ଖଣ୍ଡ ଇଂ ପ୍ରହ୍ଲାଦ ତରେଇ, କନିଷ୍ଠ ଯନ୍ତ୍ରୀ ଛତିଶ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସେତୁ ନିର୍ମାଣ ସଂସ୍ଥାର ଶିବପ୍ରସାଦ ମହାନ୍ତ, ବିଜୟାନନ୍ଦ ମଣ୍ଡଳ, ସ୍ୱରୂପ କୁମାର ମହାପାତ୍ର, ତୁଷାରକାନ୍ତ ମଣ୍ଡଳ, ସଚିନ ଅଗ୍ରୱାଲ ସମେତ ବିଶିଷ୍ଟ ସମାଜସେବୀ ସଞ୍ଜୀବ ମହାନ୍ତି, ସମାଜସେବୀ ଜୁରିଲାଲ ମହାନ୍ତ, ଆନନ୍ଦ ରାମ,ବନମାଳୀ ଗିରି, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତିସଭ୍ୟ କାଶୁ ମାଝୀ, ଖଡ଼ମବେଡ଼ା ସରପଞ୍ଚ ସୋମବାରି ସିଂ, ପଞ୍ଚାୟତ ସମିତିସଭ୍ୟା ବାସନ୍ତୀ ହାଁସଦା, ଅସନା ସରପଞ୍ଚ ସାବିତ୍ରୀ ନାଏକ, ଏନ. ବି ପୋଖରିଆ ସରପଞ୍ଚ ଡ଼ମାନ ମୁର୍ମୁ ସମେତ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍

ବ୍ରହ୍ମପୁର, ୧୭।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଟିଆଇ ପରେଡ୍ ଶେଷ ହୋଇଛି। ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ, ବାଇକ୍ ଚଳାଉଥିବା ଚିଣ୍ଟୁ ପ୍ରଧାନ ଏବଂ ହତ୍ୟାକାଣ୍ଡ



ପାଇଁ ସୁଟର୍ ଯୋଗାଡ଼ କରି ରେକିରେ ସହାୟକ ସାଜିଥିବା ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀଙ୍କର ଆଜି ବ୍ରହ୍ମପୁର ମଣ୍ଡଳ କାରାଗାରରେ ଟିଆଇ ପରେଡ୍ ହୋଇଛି। ସାକ୍ଷୀ ଆକାଶ ବିଷୋୟୀ, ଏନ୍. କିରଣ କୁମାର ସମସ୍ତ ୩ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ଅନ୍ୟତମ ସାକ୍ଷୀ ଏମ୍. ଲକ୍ଷ୍ମଣ ସେଥିମଧ୍ୟରୁ ୨ଅଭିଯୁକ୍ତଙ୍କୁ ଚିହ୍ନଟ କରିଛନ୍ତି। ଶନିବାର ଓ ସୋମବାର ଦୁଇଟି ପର୍ଯ୍ୟାୟରେ ହୋଇଥିବା ଟିଆଇ ପରେଡ୍‌ରେ ଏମ୍. ଲକ୍ଷ୍ମଣ ସାମିଲ ରହିଥିଲେ। ଆକାଶ ଓ କିରଣଙ୍କୁ ପୁଲିସ ଘଟଣାସ୍ଥଳର ସାକ୍ଷୀ ଦର୍ଶାଇଥିବା ବେଳେ ଏମ୍. ଲକ୍ଷ୍ମଣ ଅଳକାପୁରୀସ୍ଥିତ ଘରେ ଆଶ୍ରୟ ନେଇଥିବା ଅଭିଯୁକ୍ତଙ୍କୁ ଚିହ୍ନିଥିବା ଦର୍ଶାଇ ପୁଲିସ ସାକ୍ଷ୍ୟ ଭାବେ ଗ୍ରହଣ କରିଥିବା ଜଣାପଡ଼ିଛି।

ପୂର୍ବରୁ ଅଭିଯୁକ୍ତ ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଯାଇଥିଲା। ହେଲେ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲାଥିବା ଦେଖିବାକୁ ମିଳିଥିଲା। ଯଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ସୋମବାର ଟିଆଇ ପରେଡ୍ ପାଇଁ ଭିନ୍ନଭିନ୍ନ ସ୍ଥାନରୁ ଆସିଥିବା ଉପରୋକ୍ତ ୩ ସାକ୍ଷୀ ଏକ ଦାମୀ କାର୍‌ରେ ପୁଲିସ ସୁରକ୍ଷା ମଧ୍ୟରେ ଜେଲକୁ ଆସିଥିବା ଦେଖିବାକୁ ମିଳିଥିଲା। ସାକ୍ଷୀଙ୍କ ମୁହଁରେ ମାସ୍କ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ

- ଦାମୀ ଗାଡ଼ି ଓ ପୁଲିସ ସୁରକ୍ଷା ମଧ୍ୟରେ ଆସିଲେ ସାକ୍ଷୀ
- ଟିଆଇ ପରେଡ୍‌ର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇଲେ ଆଇନଜୀବୀ

ଚାଲିଥିବା ଟିଆଇ ପରେଡ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କାରଣ ଅଭିଯୁକ୍ତଙ୍କ ମୁହଁ ଘୋଡ଼ାଇବା ନିୟମ ଥିବା ବେଳେ ସେମାନଙ୍କ ମୁହଁକୁ ଖୋଲି ସାର୍ବଜନୀନ କରାଯାଇଥିବା ବେଳେ ସେମାନଙ୍କୁ ଚିହ୍ନଟ କରିବାକୁ ଆସିଥିବା ସାକ୍ଷୀ ନିଜ ମୁହଁକୁ ଘୋଡ଼ାଇବା ସମସ୍ତଙ୍କୁ ଚକିତ କରିଛି। ଏଭଳି ସ୍ଥିତିରେ ପୁଲିସ ପକ୍ଷରୁ ଚାଲିଥିବା ଟିଆଇ ପରେଡ୍‌ର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠାଛନ୍ତି ଆଇନଜୀବୀ ଦୀପକ ପଟ୍ଟନାୟକ।

ସୋମବାର ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ। ଏହି ହତ୍ୟା ମାମଲାରେ ଗିରଫ ମୋଟ ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ପୂର୍ବତନ ମେୟର୍ ଶିବଶଙ୍କର ଦାଶଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୧୫ ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି।

## ବିଡିଓଙ୍କ ପିସି କାରବାରରେ ଅତିଷ୍ଠ ଶ୍ରମିକ

# ସାମ୍ବାଦିକ ସମ୍ମିଳନୀରେ ସମୂହ ଗର୍ଜିଲେ ସରପଞ୍ଚ

## ଅନ୍ୟତ୍ର ବଦଳି କରାନଗଲେ ଧାରଣା ଚେତାବନୀ

ବହଳଦା/ରାଇରଙ୍ଗପୁର, ୧୭।୧୧(ସମିସ): ପିସି ନ ପାଇଲେ ବାବୁଙ୍କ କଲମ ଚାଲୁନି। ଟେବୁଲ୍ ଉପରେ ଫାଇଲ ପଡ଼ିପଡ଼ି ଧୂଳି ଜମିଯାଉଛି, ହେଲେ ପିସି ନମିଳିବା ପର୍ଯ୍ୟନ୍ତ ବାବୁ ତାକୁ ଆଡ଼ ଆଖିରେ ବି ଚାହୁଁନାହାନ୍ତି। ମନରେଗା ଯୋଜନାରେ ବି ଗରିବ, ଖଟିଖିଆଙ୍କ ମଜୁରି ଉପରେ ବାବୁଙ୍କ ଆଖି। ୨ ପ୍ରତିଶତ ପିସି ନଦେଲେ ବିଲ୍ ପାସ୍ ହେଉନି। ବହଳଦା ବ୍ଲକ୍ ଉନ୍ନୟନ ଅଧିକାରୀ(ବିଡିଓ) ଶରତ କୁମାର ମଲ୍ଲିକଙ୍କ ବିରୋଧରେ ଏପରି ସାଂଘାତିକ ଅଭିଯୋଗ ଆଣି ୧୨ଟି ପଞ୍ଚାୟତର ସରପଞ୍ଚ ଆଜି ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ଶୀଘ୍ର ବିଡିଓଙ୍କୁ ଅନ୍ୟତ୍ର ବଦଳି କରାନଗଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ସମସ୍ତ ସରପଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ଜିଲ୍ଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ସେମାନେ ଲିଖିତ ଅଭିଯୋଗ କରିଛନ୍ତି।

ସରପଞ୍ଚମାନଙ୍କ ଅଭିଯୋଗ ହେଲା, ବିଡିଓ ଶ୍ରୀ ମଲ୍ଲିକ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟର ପାରିଶ୍ରମିକ ପୈଠ ପାଇଁ ମଧ୍ୟ ୨ପ୍ରତିଶତ ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ନ ଦେଲେ ସଂପୃକ୍ତ ଉନ୍ନୟନ ପ୍ରକଳ୍ପର ଫାଇଲକୁ ଜାଣିଶୁଣି ପକାଇ ରଖୁଛନ୍ତି। ଖାଲି



ସେତିକି ନୁହେଁ, ପ୍ରତ୍ୟେକ ଏନ୍‌ଆରଜିଏସ୍ ପ୍ରକଳ୍ପରେ କେବଳ ୨୫ଜଣ ଶ୍ରମିକ କାର୍ଯ୍ୟ କରିପାରିବେ ବୋଲି ବିଡିଓ ଶ୍ରୀ ମଲ୍ଲିକ ନିଜେ ନିୟମ ଲାଗୁ କରିଛନ୍ତି। ୨୫ରୁ ଅଧିକ ଶ୍ରମିକ କାମରେ ଲାଗିଲେ, ଶ୍ରମିକ ପିଛା ୧୦୦୦ଟଙ୍କା ଲାଞ୍ଚ ମାଗୁଛନ୍ତି। ଏଥିଯୋଗୁଁ ଗ୍ରାମାଞ୍ଚଳର ଗରିବ ଶ୍ରମିକ କାମ ପାଇବାରୁ ବଞ୍ଚିତ ହେବା ସହ ଅଭାବ ଅନଟନରେ ଚଳିବାକୁ ବାଧ୍ୟ ହେଉଛନ୍ତି। ଏପରିକି, କାମ ଅନ୍ୱେଷଣରେ ସେମାନେ ବାହାର ରାଜ୍ୟକୁ ଦାଦନ ଖଟି ଯିବାକୁ ବାଧ୍ୟ ହେଉଛନ୍ତି। ପ୍ରକଳ୍ପର ଫାଇଲ ବିଡିଓଙ୍କ ପାଖରେ ଦୀର୍ଘଦିନ ପଡ଼ି ରହିବା ଫଳରେ ପାରିଶ୍ରମିକ ପାଇଁ ଶ୍ରମିକମାନେ ସରପଞ୍ଚଙ୍କ ଦ୍ୱାରସ୍ଥ ହେଉଛନ୍ତି। ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ବହଳଦା ବିଡିଓ ଲାଞ୍ଚ ନେଉଛନ୍ତି। ପ୍ରତ୍ୟେକ ଫାର୍ମପଣ୍ଡ ପୋଖରୀ ଖୋଳାରେ ୫୦୦ ଟଙ୍କା ଏବଂ ଲ୍ୟାଣ୍ଡ ଡେଭେଲପମେଣ୍ଟ (ଚାଷଜମି ସମତଳ) ପ୍ରକଳ୍ପରେ ସେ ୩୦୦ଟଙ୍କା ଲେଖାଏଁ ଲାଞ୍ଚ ନେଉଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ଏଭଳି ଦୁର୍ନୀତିଖୋର୍ ଅଧିକାରୀଙ୍କ କାର୍ଯ୍ୟକଳାପରେ ସମସ୍ତେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ଦୁର୍ନୀତି ନିବାରଣ ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏଠାରୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବାକୁ ସେମାନେ ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଗମ୍ଭାରିହା ସରପଞ୍ଚ ବୈଦେହୀ ହେମ୍ବ୍ରମ, ଭିତରମଡା ସରପଞ୍ଚ ଖତ୍ରୀ କିସ୍କୁ, ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ, ଅଁଳାଯୋଡ଼ା ସରପଞ୍ଚ ସଲମା ମାଝୀ, ବହଳଦା ସରପଞ୍ଚ ଲକ୍ଷ୍ମୀ ହାଁସଦା, ବଡ଼ପଇସା ସରପଞ୍ଚ ଗୀତରାଣୀ ହାଁସଦା, ଅସନା ସରପଞ୍ଚ ବାଲେଶ୍ୱର ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଏ ନେଇ ବିଡିଓ ଶ୍ରୀ ମଲ୍ଲିକଙ୍କ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।


## ତରିକୁନ୍ଦରେ ବୁଲିଲା ବୁଲଡୋଜର

# ମାଟିରେ ମିଶିଲା ବେହେରାମପୁର ବସ୍ତି

ଜଗତସିଂହପୁର, ୧୭।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ବସ୍ତିରେ ଗତକାଲି ମାରଣାସ୍ତ୍ର ମିଳିବା ପରେ ଆଜି ବସ୍ତିରେ ବୁଲିଛି ବୁଲ୍‌ଡୋଜର। ଫଳରେ ମାଟିରେ ମିଶିଯାଇଛି ଏହି ବସ୍ତିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଘର। ଗତକାଲି ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ରାତିରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ କିଛି ପୁରୁଷ ଓ ମହିଳାଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମଙ୍କ ସହିତ ଅନ୍ୟ ୮/୧୦ ଜଣ ପୁଲିସ ଚଢ଼ଉ ଖବର ପାଇ ଫେରାର ହୋଇଯାଇଛନ୍ତି। ଚଢ଼ଉ ସମୟରେ ପୁଲିସ ସହିତ ଧସ୍ତାଧସ୍ତି ହେବାରୁ ଜଣେ ମହିଳା କନଷ୍ଟେବଲ ଆହତ ହୋଇଥିବା ପୁଲିସ୍ ସୂଚନା ଦେଇଛି।

ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି





ବଡ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡିବା ପରେ ଆଜି ବୁଲ୍‌ଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଆଜି ସନ୍ଧ୍ୟାରେ ଡିଆଇଜି ସତ୍ୟଜିତ ନାୟକ ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସବିଶେଷ

- ଆଧାର କାର୍ଡ ସହିତ ବିଭିନ୍ନ କାଗଜପତ୍ର ଜବତ
- ସନ୍ଦିଗ୍ଧଙ୍କ ପ୍ରକୃତ ବାସସ୍ଥାନ ସଂପର୍କରେ ଚାଲିଛି ଅନୁସନ୍ଧାନ

ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁମାନେ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିବା ଡିଆଇଜି ସୂଚନା ଦେଇଥିଲେ। ୩ ଜଣ ସନ୍ଦିଗ୍ଧ ବାଙ୍ଗଲାଦେଶୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସମଗ୍ର ଜିଲ୍ଲାରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ଅଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନୁପ୍ରବେଶକାରୀ ବାଙ୍ଗଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ରହୁଥିବା ସନ୍ଦିଗ୍ଧ ପରିବାରଙ୍କ ଉପରେ ନଜର ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ.ସୋନାଲ ସୂଚନା ଦେଇଛନ୍ତି। ବେହେରାମପୁର ବସ୍ତିରୁ ଜବତ ହୋଇଥିବା ସମସ୍ତ କାଗଜପତ୍ର ଅନୁସନ୍ଧାନ କରାଯାଉଛି ଏବଂ ଅଟକ ଥିବା ସନ୍ଦିଗ୍ଧମାନେ ପଶ୍ଚିମବଙ୍ଗର ଯେଉଁ ଜିଲ୍ଲାର ବାସିନ୍ଦା ବୋଲିଏ ଦର୍ଶାଉଛନ୍ତି ସେହି ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

କଟକ, ୧୭ ।୧୧(ସମିସ): ଜଣେ ୯ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନ ଧାରା ୬ ଅନୁସାରେ ଅଭିଯୁକ୍ତ ତଥା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ବାହାବଳପୁର ମହାଜନପୁର ଗ୍ରାମର ବାସିନ୍ଦା ମୁନା ସିଂହ (୨୨)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି। ସେହିଭଳି, ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ମେ’ ୨ ତାରିଖ ଦିନ ୨ଟା ସମୟରେ ପୀଡ଼ିତା ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବା ସୁଯୋଗରେ ଆସାମୀ ଜଣକ ଘରେ ପଶି ଜୋରଜବରସ୍ତ ଦୁଷ୍କର୍ମ ଉଦ୍ୟମ କରିଥିଲା। ତେବେ ନାବାଳିକା ଜଣକ ଚିତ୍କାର କରିବାରୁ ପିଉସୀ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲା। ନାବାଳିକା ଜଣକର ଜେଜେ ମା ଘରକୁ ଫେରିବା ପରେ ଘଟଣା ବିଷୟରେ ପୀଡିତା କହିଥିଲା। ଗତ ୨୦୨୫ ମେ୬ରେ ପୀଡିତାଙ୍କ ଜେଜେମା ଏକ ଏତଲା ଦେଇଥିଲେ। ମେ’୮ ତାରିଖରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ଗତ ଜୁଲାଇ୪ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୫ ନଭେମ୍ବର ୧୧ ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଆଜି ସାକ୍ଷୀଙ୍କ ବୟାନ ରେକର୍ଡ ଓ ପ୍ରମାଣ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୨୦ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି।

# କମ୍ବୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବାଚିତ

କଟକ, ୧୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଖାଲି ପଡ଼ିଥିବା ଏକ ସଦସ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ଟିଟଲାଗଡର ଆଇନଜୀବୀ କମ୍ବୁପାଣି ପାଢୀ ନିର୍ବାଚିତ ହୋଇଛନ୍ତି। ଉକ୍ତ ନିର୍ବାଚନରେ



ଶ୍ରୀ ପାଢ଼ୀଙ୍କ ବିପକ୍ଷରେ କଟକର ଆଇନଜୀବୀ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ଆଇନଜୀବୀ ପରିଷଦର ମୋଟ ୨୪ ଜଣଙ୍କ ମଧ୍ୟରୁ ୧୬ଜଣ ଶ୍ରୀ ପାଢ଼ୀଙ୍କୁ ସମର୍ଥନ ଜଣାଇ ମତଦାନ କରିଥିବାରୁ ସେ ନିର୍ବାଚିତ ହୋଇଛନ୍ତି। ଆଜି ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ନିଧନ ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ତାରିଖ ଦିନ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖାଲି ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ନଭେମ୍ବର ୧୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଭଦ୍ରକ/ତିହିଡି, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଜାଫରାବାଦ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪)। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ମଧ୍ୟାହ୍ନ ୧ଟା ବେଳେ ହିମାଂଶୁ ଏବଂ ଅନନ୍ତ ସାଙ୍ଗ ହୋଇ ଖେଳୁଥିବା ବେଳେ ଗ୍ରାମସ୍ଥିତ ଏକ ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ପୋଖରୀରେ ଖୋଜାଖୋଜି କରି ଦୁହିଁଙ୍କୁ ଉଦ୍ଧାର କରିଥିଲେ। ଦୁହିଁଙ୍କୁ ପ୍ରଥମେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଶିଶୁଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅଘଟଣକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।


ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. RDM-LAB-GM-0015-2025- 20959 / R&DM, Dated. 11 JUN 2025

XII-13: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଲିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା–ଛଣମେରି, ଥାନା– ପାଟପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଛେଲିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଛେଲିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଲିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
୬. ଜମିର ବିବରଣୀ

ଜମିର ବିଶଦ ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ–ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

ଛଣମେରି ଗ୍ରାମର ଜମିର ବିବରଣୀ

ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati)


## କୁଆଡ଼େ ଗଲା ସଂସ୍କୃତି ସୁରକ୍ଷା ନିର୍ଦ୍ଦେଶାବଳୀ?

# ନିଜ ପିଠି ଥାପୁଡ଼ାଇ ଚୁପ୍ ବସିଗଲେ ସରକାର

ଭୁବନେଶ୍ୱର, ୧୭।୧୧(ସମିସ): ଦର୍ଶକ ସଂଖ୍ୟା ବୃଦ୍ଧି କରିବା ନିଶାରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛନ୍ତି ଯାତ୍ରା କମିଟି ଓ ଯାତ୍ରା କଳାକାର। ଟଙ୍କା ପାଇଁ ହଜାରହଜାର ଦର୍ଶକଙ୍କ ସାମ୍ନାରେ ଅର୍ଦ୍ଧନଗ୍ନ ହେବାକୁ ପଛାଉ ନାହାନ୍ତି। ଆଇଟମ୍ ଡ୍ୟାନ୍ସ ନାଁରେ ଯେଉଁଭଳି ନୃତ୍ୟ ହେଉଛି, ପରିବାର ସହ ଯାଉଥିବା ଲୋକେ ମୁଣ୍ଡଟେକି ମଞ୍ଚକୁ ଚାହିଁ ପାରୁନାହାନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଲୋକଙ୍କ ଚାପରେ ସରକାର ନୂଆ ମାର୍ଗଦର୍ଶିକା(ଏସ୍‌ଓପି) ଆଣିବେ ବୋଲି କହିଥିଲେ। ଏଥିପାଇଁ ଥରକୁ ଥର ବୈଠକ ବି ହେଲା, ଗଣମାଧ୍ୟମରେ ବି ମନ୍ତ୍ରୀ ବୟାନବାଜି କରି ନିଜ ପିଠି ଥାପୁଡ଼େଇଲେ। କିନ୍ତୁ, କିଛି ଦିନ ଚର୍ଚ୍ଚାରେ ରହିବା ପରେ ପୂରା ପ୍ରସଙ୍ଗ କୁଆଡ଼େ ହଜିଗଲା। ମନ୍ତ୍ରୀ ବି ଭୁଲିଗଲେ। ମାର୍ଗଦର୍ଶିକା ଜାରି ହେବା ତ ଦୂରର କଥା, ତା’ର ନାଁ ଗନ୍ଧ ମଧ୍ୟ ନାହିଁ। ସେପଟେ, ମଞ୍ଚରେ ପୂର୍ବଭଳି ସେମିତି ନଗ୍ନତାର ତାଣ୍ଡବ ଜାରି ରହିଛି। ଯାତ୍ରାରେ ଅଶ୍ଳୀଳତା ଦିନକୁ ଦିନ ସୀମା ଟପୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନ ନେବା ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମାୟଣ ଭଳି ପବିତ୍ର କଥାବସ୍ତୁରେ ବି ଏବେ ଅଶ୍ଳୀଳତା ଧସେଇ ପଶିଛି। ସୀତାହରଣ ଦୃଶ୍ୟରେ ଅଶ୍ଳୀଳତା ସବୁ ସୀମା ଲଂଘିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ଦିଗପହଣ୍ଡି ଅଞ୍ଚଳର ମୌଳଭଣଜା ଗାଁରେ। ଦୁଇ ଦଳ ମଧ୍ୟରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ପୂର୍ବରୁ ଗୋଟିଏ ଦଳ ପକ୍ଷରୁ ଜଣେ ଚର୍ଚ୍ଚିତ ଆଇଟମ୍ ଡ୍ୟାନସରଙ୍କୁ ନିଆଯାଇଥିଲା। ସେଠାରେ ସେ ଅର୍ଦ୍ଧନଗ୍ନ ହୋଇ ନୃତ୍ୟ ପରିବେଷଣ କରିଥିବା ବେଳେ ଆଉ ଏକ ଦଳ ପକ୍ଷରୁ ତାଙ୍କ ସହ ପ୍ରତିଯୋଗିତା କରି ସୀତା ହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା

- ମଞ୍ଚରୁ ଯାଇ ପୁରାଣରେ ପହଞ୍ଚିଲା ଅଶ୍ଳୀଳତା
- ବାଦ୍ ପଡ଼ିଲାନି ପବିତ୍ର ରାମାୟଣ
- ସୀମା ଟପୁଛନ୍ତି ଆଇଟମ୍ ଡ୍ୟାନସର୍ ଓ କଳାକାର

ପ୍ରଦର୍ଶନ କରିଥିଲେ। ଏଭଳି ଏକ ମହାନ ସଂସ୍କୃତି, ପରମ୍ପରା ଆଧାରିତ ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁକୁ ଏଭଳି କଦର୍ଥ କରାଯାଇଥିବାରୁ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଅନ୍ୟପଟେ, ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ୨ଜଣ ମନ୍ତ୍ରୀ ଯଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତି ସୁରକ୍ଷା ପାଇଁ ଏକ କଡ଼ା ଏସ୍‌ଓପି ଅଣାଯିବ ବୋଲି କହିଥିଲେ। ଏହି ଏସ୍‌ଓପି ଜରିଆରେ ରାଜ୍ୟରେ ଯାତ୍ରା ପେଣ୍ଡାଲ ହେଉ ଅବା ଅନ୍ୟ ସ୍ଥାନରେ ଯେପରି ଅଶ୍ଳୀଳତା ପ୍ରଦର୍ଶନ କରାଯାଇ ନ ପାରିବ ତାହା ସୁନିଶ୍ଚିତ ହେବ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ହେଲେ ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ଦଳ ଓ ରାଜ୍ୟରେ ଏହି ଦୁଇ ଦକ୍ଷ ମନ୍ତ୍ରୀଙ୍କ କଥାକୁ ପ୍ରାୟ ବର୍ଷଟେ ବିତିଯାଇଥିଲେ ମଧ୍ୟ ସେଭଳି କୌଣସି ଏସ୍‌ଓପି ଆସିପାରିନାହିଁ। ଯାହାର ପରିଣାମ ସ୍ୱରୂପ ରାଜ୍ୟରେ ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରେ ମଞ୍ଚଗୁଡ଼ିକରେ କଳକାରମାନେ ଅଶ୍ଳୀଳତାର ସୀମା ଟପୁଛନ୍ତି। ନୂଆ ନିୟମ ବଳରେ ଦ୍ୱି-ଅର୍ଥବୋଧକ ଶବ୍ଦଠାରୁ ଆରମ୍ଭ କରି ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ପ୍ରଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା।

ନିକଟରେ ଏକ ଯାତ୍ରା ମଞ୍ଚରେ ଜଣେ ଆଇଟମ ଡ୍ୟାନସର ଦର୍ଶକଙ୍କ ଆଗରେ ପୋଷାକ ଖୋଲିବା ସହ ଅନ୍ତଃବସ୍ତ୍ର ମଧ୍ୟ ଖୋଲି ଦେଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟରେ ଘୂରି ବୁଲୁଥିବା ବେଳେ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଏଭଳି ହେବା ଦ୍ୱାରା ସମାଜ ଉପରେ କୁ-ପ୍ରଭାବ ପଡ଼ିବା ସହ ସପରିବାର ଏକାଠି ବସି ଯାତ୍ରା ବା ମଞ୍ଚ ନାଟକ ଦେଖିବା ସମ୍ଭବ ହୋଇପାରୁନାହିଁ।

ଏଭଳି ଘଟଣାକୁ ଓଡ଼ିଶା ଯାତ୍ରା କମିଟି ମହାସଂଘ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି। ମଞ୍ଚ ଉପରେ ଯେଉଁଭଳି ଭାବେ ନଗ୍ନତା ପ୍ରଦର୍ଶନ କରାଯାଉଛି, ତାହା ମୋବାଇଲ ଖୋଲିବା ମାତ୍ରେ ସାମାଜିକ ଗଣମାଧ୍ୟମରେ ବି ଶିରୋନାମା ପାଲଟୁଛି। ଯାତ୍ରାକୁ ପ୍ରୋତ୍ସାହନ ବଦଳରେ ବ୍ୟବସାୟୀକରଣ କରାଇଥିବା ଏବଂ ଯାତ୍ରାରେ ଅଶ୍ଳୀଳତା, ଦ୍ୱିର୍ଥବୋଧକ ଶବ୍ଦ ଓ ସମାଜ ପ୍ରତି ଖରାପ ପ୍ରଭାବ ପକାଉଥିବା କିଛି ନାଟକକୁ ବିରୋଧ କରିବା ଆବଶ୍ୟକ। ଏହାସହ ସରକାର ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗାଯାଇପାରିବ। ଏଥିପାଇଁ ଆଇନମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ସହ ଯାତ୍ରା ମାଲିକ ସଂଘ ଏବଂ ଯାତ୍ରା କମିଟି ସୁରକ୍ଷା ମଞ୍ଚ ସହ ଆଲୋଚନା କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିଲାନାହିଁ। ଏଥିପାଇଁ ସରକାର ଖୁବଶୀଘ୍ର କଠୋର ନିୟମ ଆଣିବା ଉଚିତ୍। ନଚେତ୍ ସଂସ୍କୃତି ଏଭଳି ଭାବେ ଅପଭ୍ରଂଶ ଆଡ଼କୁ ଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।



# କ୍ରୀଡ଼ା





## ଗୌହାଟୀ ଯିବେ ନାହିଁ ଗିଲ୍

କୋଲକାତା, ୧୭।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ଅନୁଭୂତ ହୋଇଥିଲା। ଭାରତର ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିବା ପରେ ଗିଲ୍ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବେକ ପଛପଟେ ଯନ୍ତ୍ରଣା ହେବାରୁ ସେ ଏହି ଟେଷ୍ଟରେ ଆଉ ଖେଳି ପାରି ନ ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆଜି ତାଙ୍କୁ ମେଡିକାଲରୁ ଛାଡି ଦିଆଯାଇଛି। କିନ୍ତୁ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ଆଶଙ୍କା ରହିଛି। ଆସନ୍ତାକାଲି ବା ମଙ୍ଗଳବାର ଭାରତୀୟ ଦଳ ଇଡେନ୍‌ରେ ଅଭ୍ୟାସ କରିବ। ବୁଧବାର ସକାଳେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଗୌହାଟୀ ଯାତ୍ରା କରିବ। କିନ୍ତୁ ବେକରେ ଆଘାତ ଲାଗିଥିବା ବ୍ୟକ୍ତିଙ୍କୁ ବିମାନରେ ଯାତ୍ରା କରିବାର ନିୟମ ନାହିଁ। ଏବେ ସେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି। ଯାହା ଫଳରେ ବୁଧବାର ଦଳ ସେ ଗୌହାଟୀ ଯାଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଯଦି ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସମର୍ଥ ନ ହୁଅନ୍ତି, ତେବେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ବି. ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲଙ୍କ ମଧ୍ୟରୁ ଜଣେ ଖେଳିବାର ସୁଯୋଗ ପାଇପାରନ୍ତି।

## ଇଡେନ୍ ପିଚ୍‌କୁ ନେଇ ବିତର୍କ ଜୋର୍‌ଦାର୍

କୋଲକାତା,୧୭।୧୧(ଏଜେନ୍ସି): ସ୍ଥାନୀୟ ଇଡେନ ଗାର୍ଡେନଠାରେ ଦକ୍ଷିଣ ଆଫ୍ରିକା ଠାରୁ ଭାରତ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ପିଚ୍‌କୁ ନେଇ ଆଲୋଚନା, ସମାଲୋଚନା ଓ ବିତର୍କ ଜୋର ହୋଇଛି। ଦଳର ପରାଜୟ ପରେ ମଧ୍ୟ ଏହି ପିଚ୍‌କୁ ଭାରତୀୟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ସୁସ୍ଥ ହେବା ପରେ ଅଧିନାୟକ ଶୁବମନ ଗିଲ୍ ସମର୍ଥନ କରିଛନ୍ତି। ପିଚ୍ ନିର୍ମାତା ସୁଜନ ବାନାର୍ଜୀ ତାଙ୍କ ପରାମର୍ଶ ଅନୁଯାୟୀ ସହାୟତା ଯୋଗାଇଦେଇଛନ୍ତି। ଏଣୁ ପିଚ୍‌କୁ ଦୋଷ ଦେଇହେବ ନାହିଁ ବୋଲି ଗମ୍ଭୀର କହିଛନ୍ତି। ପ୍ରଥମ ଦିନରୁ ଇଡେନ୍ ପିଚ୍‌ରେ ଅନ୍ ଇଭିନ ବାଉନ୍ସ ହୋଇଥିଲା। ଯାହା ଫଳରେ ଭାରତୀୟ ପେସର ଫାଇଦା ଉଠାଇ ୭ଟି ୱିକେଟ ନେଇଥିଲେ। ଏହା ପରେ ଦ୍ୱିତୀୟ ଦିନରେ ଅନ୍‌ଇଭିନ ବାଉନ୍ସ ସାଙ୍ଗକୁ ପିଚ୍ ଟର୍ଣ୍ଣ ନେଇଥିଲା। ଯାହା ଫଳରେ ବ୍ୟାଟିଂ କରିବା କଷ୍ଟକର ହୋଇଥିଲା। ମ୍ୟାଚ୍‌ର ତୃତୀୟ ଦିନରେ ବଲ ଅଧିକ ଟର୍ଣ୍ଣ ହୋଇଥିଲା। ଯାହାକୁ ଭାରତୀୟ ବ୍ୟାଟର ମୁକାବିଲା କରି ପାରି ନ ଥିଲେ। ଶୁବମନ ଗିଲ ଅନୁପସ୍ଥିତ ଥିଲାବେଳେ ଅନ୍ୟ ୯ ଜଣଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ସ୍ପିନରମାନେ ୭ଟି ୱିକେଟ ନେଇଥିଲେ। ଏଣୁ ଟର୍ଣ୍ଣ ନେଉଥିବା ପିଚ୍‌ରେ ଭାରତୀୟ ବ୍ୟାଟର ଯେ ଖେଳିବାକୁ ଅସମର୍ଥ ତାହା ପୁଣିଥରେ ପ୍ରମାଣିତ ହୋଇଛି। କିଛି ଦିନ ଆଗରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପସ୍ଥିତି ସତ୍ତ୍ୱେ ଭାରତୀୟ ଟର୍ଣ୍ଣିଂ ପିଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ନିକଟରୁ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିଯାଇଥିଲା। ବିଶେଷ କରି ଡାହାଣହାତୀ ବ୍ୟାଟରଙ୍କୁ ବାମହାତୀ ସ୍ପିନର ଓ ବାମହାତୀ ବ୍ୟାଟରଙ୍କୁ ଅଫ୍ ସ୍ପିନର ଅତି ସହଜରେ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ କହିବାକୁ ଗଲେ ଟର୍ଣ୍ଣିଂ ପିଚ୍‌ରେ ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଥିଲା। ନିଜ ମାଟିରେ ଟେଷ୍ଟ ହାରିବା ସମର୍ଥକଙ୍କର ଆଦୌ ହଜମ ହେଉନାହିଁ। ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ ହୋଇଥିଲେ ମଧ୍ୟ ସ୍ପିନରକୁ ମୁକାବିଲା କରିବାରେ ଦକ୍ଷତା ନ ଥିଲା। ଦ୍ୱିତୀୟ ଇନିଂସରେ ଅଧିନାୟକ ତେମ୍ବା ବଭୁମାଙ୍କ ଅପରାଜିତ ଅର୍ଦ୍ଧଶତକ ସବୁକିଛି ବଦଳାଇଦେଇଥିଲା। ଏବେ ଦୁଇଟି ପ୍ରଶ୍ନ ସମର୍ଥକଙ୍କୁ ଆନ୍ଦୋଳିତ କରୁଛି। ଗୋଟିଏ ହେଲା ଇଡେନ ପିଚ୍ ଟେଷ୍ଟ ଲାଗି ଏବଂ ଦ୍ୱିତୀୟଟି ହେଉଛି ଭାରତ ଲାଗି ଉପଯୁକ୍ତ କି ନୁହେଁ। ଭାରତ ଟେଷ୍ଟ ହାରିଯିବା ପରେ ଇଡେନ୍ ପିଚ୍‌କୁ ନେଇ ଦୀର୍ଘଦିନ ବିତର୍କ ଜାରି ରହିବ।

**କିଟ୍ ରଣଜୀ ଲଢ଼େଇ**

# ଅନିଲଙ୍କ ଶତକ; ଓଡ଼ିଶା ଇନିଂସ ଅଗ୍ରଣୀ

ଭୁବନେଶ୍ୱର, ୧୭ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୭୫ ରନ ଜବାବରେ ନାଗାଲାଣ୍ଡ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୧୪ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା କିନ୍ତୁ ଦ୍ୱିତୀୟ ଇନିଂସ ଆରମ୍ଭରୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୬.୫ ଓଭର ଖେଳି ୨ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୯ ରନ କରି ଅପରାଜିତ ରହିଛନ୍ତି। ଓପନର୍ ଗୌରବ ଚୌଧୁରୀ ୭ ରନରେ ଆଉଟ୍ ହୋଇଛନ୍ତି। ସେହିଭଳି ଏଠାରେ ପଦାର୍ପଣ କରିଥିବା ୱିକେଟ୍‌କିପର ସାୱନ ପହରିୟା ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶ କରି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ପହରିୟା ମାତ୍ର ୧ ରନ କରିଥିଲେ। ଆଠ ୱିକେଟ ବଳକା ଥାଇ ଓଡ଼ିଶା ଏବେ ମୋଟ୍ ଉପରେ ୧୩୦ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।



### ଅନିଲଙ୍କ ଶତକ; ବୋଲରଙ୍କ ମିଳିତ ସଫଳତା

ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୩/୭ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଯୁବ ବ୍ୟାଟର ଅନିଲ ପରିଡ଼ା ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୧୪ ଏବଂ ବାଦଲ ବିଶ୍ୱାଳ ଓ ତାପସ ଦାସ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଅନିଲଙ୍କ ଏହା ପ୍ରଥମ ପ୍ରଥମଶ୍ରେଣୀ ଶତକ ଥିଲା। ଗତ ସିଜନରେ ସେ ସର୍ଭିସେସ ବିପକ୍ଷ ପଦାର୍ପଣ ମ୍ୟାଚରେ ଅପରାଜିତ ୯୯ ରନ କରିବା ସହ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ନାଗାଲାଣ୍ଡ ପକ୍ଷରୁ ରୋନିତ ମୋରେ, ଅଧିନାୟକ ରଙ୍ଗସେନ ଜୋନାଥନ ଓ ଲମଲିୱତି ଲେମତୁର ୩ଟି ଲେଖାଏ ୱିକେଟ୍ ନେଇଥିଲେ।

ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ଓପନିଂ ୱିକେଟରେ ୫୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୬୧ରେ ସୀମିତ ରହିଥିଲା। ଓପନର୍ ଡେଗା ନିଶ୍ଚଳ ସର୍ବାଧିକ ୭୨, ରୋନିତ ୨୫ ଓ ଜୋନାଥନ ୧୬ ରନ କରିଥିଲେ। ଘରୋଇ ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ୱିକେଟ୍ ନେଇ ଦଳକୁ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୬୫/୧୦, ୧୦୪.୪ ଓଭର।
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦, ୫୭.୩ ଓଭର
ଓଡ଼ିଶା ଦ୍ୱିତୀୟ ଇନିଂସ: ୧୬/୨, ୬.୫ ଓଭର (ସ୍ୱସ୍ତିକ- ଅପରାଜିତ- ୯, ଗୌରବ- ୭, ଲେମତୁର- ୧/୪)

**• ଏଟିପି ଫାଇନାଲ୍ସ**

## ଟାଇଟଲ୍ ସହ ୪୪.୯ କୋଟି ଜିତିଲେ ସିନ୍ନର୍

ତୁରିନ, ୧୭ ।୧୧ (ଏଜେନ୍ସି): ପୁରୁଷ ଟେନିସ ଇତିହାସର ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ଏଥର ମଧ୍ୟ ଇଟାଲୀ ତାରକା ଜାନ୍ନିକ ସିନ୍ନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସିନ୍ନର ୭-୬ (୪), ୭-୫ ସେଟ୍‌ରେ ଶୀର୍ଷ ମାନ୍ୟତା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଘରୋଇ ମାଟିରେ ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ରେକର୍ଡ ୫.୦୭୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୪ କୋଟି ୯୨ ଲକ୍ଷ) ପୁରସ୍କାର ବାବଦରେ ହାସଲ କରିଛନ୍ତି। ଯାହାକି ପୁରୁଷ ଟେନିସ ଇତିହାସରେ ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ୨.୭ ମିଲିୟନ ଡଲାର (୨୩ କୋଟି ୯୫ ଲକ୍ଷ ଟଙ୍କା) ବିଜୟୀ ହୋଇଛନ୍ତି।



## ଓଡ଼ିଶା ବୋଲର ନିରାଶ; ମହାରାଷ୍ଟ୍ର ୫୨୮

**କୁଚ ବିହାର ଟ୍ରଫି**

କଟକ,୧୭।୧୧(ସମିସ): ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଉଥିବା କୁଚବିହାର ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମହାରାଷ୍ଟ୍ର ଦଳ ଦୃଢ଼ ସ୍ଥିତିରେ ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୫୨୮ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ୱିକେଟ ହରାଇ ୧୩୪ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ରହିଛି। ଅସମାପ୍ତ ପ୍ରଥମ ପାଳି ୨୯୯/୫ରୁ ଆଜି ମହାରାଷ୍ଟ୍ର ବ୍ୟାଟିଂ ଆରମ୍ଭ କରିଥିଲା। ୪୮ ରନରେ ଅପରାଜିତ ଥିବା ଏସ୍ ଜଗତପ ୧୧୭ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆରକମ୍ ସୟଦଙ୍କ ୬୨ରନ ଏବଂ ଶୁଭମ କଦମଙ୍କ ୪୮ ରନ ଯୋଗୁଁ ମହାରାଷ୍ଟ୍ରର ସ୍କୋର ୫୦୦ ଟପିଥିଲା। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୫ଟି ୱିକେଟ ଦଖଲ କରିଥିଲେ।

### ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର

## ସୁବ୍ରତ-ଆଶୁତୋଷ ଫାଇନାଲ

ଭୁବନେଶ୍ୱର,୧୭।୧୧(ସମିସ): ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ବିଲିଆର୍ଡ୍ସ ଟାଇଟଲ ଲାଗି ମୁକାବିଲା ହେବ। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଚାଲିଥିବା ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ଚିରଞ୍ଜୀବ ସିଂହଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଆଶୁତୋଷ ଓ ସମୀର ଅଲିଙ୍କୁ ୩-୦ରେ ହରାଇ ସୁବ୍ରତ ବିଲିଆର୍ଡ୍‌ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କୁନାଲ ଅଗରୱାଲଙ୍କୁ ୨-୧ରେ ହରାଇ ଆଶୁତୋଷ ସେମିରେ ପ୍ରବେଶ କରିଥିଲେ। ଆସନ୍ତାକାଲି ଫାଇନାଲ୍ ଖେଳାଯିବ।

**ଷ୍ଟେଟ-ଏ' ଟ୍ରଫି**

## ଆସାମକୁ ହରାଇ ଓଡ଼ିଶାର ଚତୁର୍ଥ ବିଜୟ

କଟକ,୧୭।୧୧(ସମିସ): ଚଳିତ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ (ଲିଷ୍ଟ-ଏ) ଟ୍ରଫିରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ଆଜି ବରୋଦାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅନ୍ତିମ ୱିକେଟରେ ଆସାମକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ପରାଜୟ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ୧୯ ତାରିଖରେ ମୁମ୍ବଇ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ୱିକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ଓପନର ସୌରଭ ଡ଼ିଙ୍ଗିଆ ଅପରାଜିତ ୧୩୪ରନ କରିଥିଲେ। ଓଡ଼ିଶାର ମହମ୍ମଦ ଡାନିସ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ତେବେ ୪୯ ଓଭରରେ ୯ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଜଳ କୁମାର ସିଂହ ୫୪ବଲରୁ ୭୬ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬୭ରନ କରିଥିଲେ।








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS